READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୨ ସଂଖ୍ୟା-୩୪ ୦୩ - ୦୯ ସେପ୍ଟେମ୍ବର, ୨୦୧୮ ଭୁବନେଶ୍ୱର | Monday Weekly | VOL-2 | ISSUE-34 | 03rd - 09th SEPTEMBER, 2018 | BHUBANESWAR | ₹ 5/- (8 Pages)

### ଲୋକାର୍ପିତ ହେଲା ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ

# ଦୁଇ ଦଶନ୍ଧିର ସ୍ୱପ୍ନ ସାକାର



**ବଲାଙ୍ଗୀର :** ଦୀର୍ଘ ଦୁଇ ଦଶନ୍ଧିର ସ୍ୱପ୍ନ ପୂରଣ ହୋଇଛି। ବଲାଙ୍ଗୀର ଠାରେ ସନ୍ଥ କବି ଭୀମଭୋଇଙ୍କ ନାଁରେ ନାମିତ ବାଲାଙ୍ଗିର ମେଡିକାଲ କଲେଜ ଓ ହସ୍ପିଟାଲକୁ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକାର୍ପଣ ଅବସରରେ ମେଡିକାଲ କଲେଜ ପରିସରସ୍ଥ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଭୀମ ଭୋଇ ମେଡିକାଲ କଲେଜ ସମଗ୍ର ବଲାଙ୍ଗିରବାସୀଙ୍କ ସ୍ୱପ୍ନ ସାକାର କରିଥିବାରୁ ଏହା ଏକ ଐତିହାସିକ ଦିନ। ମୁଖ୍ୟମନ୍ତ୍ରୀ କହିଲେ ଯେ ବଲାଙ୍ଗିରରେ ମେଡିକାଲ୍ କଲେଜ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କର ଦୀର୍ଘ ଦିନର ଦାବି ଥିଲା। ସ୍ୱାସ୍ଥ୍ୟସେବାର ଉନ୍ନତି କ୍ଷେତ୍ରରେ ଏହି ମେଡିକାଲ କଲେଜ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ମେଡିକାଲ କଲେଜରେ ନାମ ଲେଖାଇଥିବା ବଲାଙ୍ଗିରର ୧୬ ଜଣ ଓ ବରଗଡ଼ର ୧୩ ଜଣ ଛାତ୍ରଛାତ୍ରୀ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଉଦ୍ୟମ କରିବେ ବୋଲି ଆଶା କରାଯାଉଛି। ରାଜ୍ୟର ଦୁର୍ଗମ ଓ ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ୨୦୦୦ ମସିହାରେ ରାଜ୍ୟରେ ୩୨୧ଟି ଏମ୍‌ବିବିଏସ୍ ସିଟ୍ ଥିଲା ବେଳେ ଭୀମଭୋଇ ମେଡିକାଲ୍ କଲେଜ ଲୋକାର୍ପିତ ହେବା ପରେ ଏହାର ସଂଖ୍ୟା ୯୫୦କୁ ବୃଦ୍ଧି ପାଇଛି। ଆସନ୍ତା ମାସରେ ବାଲେଶ୍ୱରରେ ଫକୀର ମୋହନ ମେଡିକାଲ୍ କଲେଜ ଲୋକାର୍ପିତ ହେବା ପରେ ଏହି ସଂଖ୍ୟା ୧୦୫୦କୁ ଟପିବ। ଛାତ୍ରଛାତ୍ରୀମାନେ ନିଜ ବୃତ୍ତିର ଉଚ୍ଚ ଆଦର୍ଶକୁ ବଜାୟ ରଖି ଗରିବ ଲୋକଙ୍କୁ ଶ୍ରଦ୍ଧା ଓ ଅନୁକମ୍ପାର ସହ ସେବା କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା କହିଥିଲେ ଯେ, ବଲାଙ୍ଗିରଠାରେ ନୂତନ ମେଡିକାଲ କଲେଜ ଉଦ୍‌ଘାଟିତ ହୋଇଥିବାରୁ ମୁଁ ବେଶ୍ ଆନନ୍ଦିତ। ଏହି ମେଡିକାଲ କଲେଜ ଓଡ଼ିଶାର ଶ୍ରେଷ୍ଠ ମେଡିକାଲ କଲେଜମାନଙ୍କ ମଧ୍ୟରେ ଗୋଟିଏ ହେବ ବୋଲି ମୋ ଆଶା। ➤ ପୃ-୬

## ୨୨ରେ ଆସିବେ ମୋଦି



**ଭୁବନେଶ୍ୱର :** ଆସନ୍ତା ୨୨ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତାଳଚେର ସାର କାରଖାନା ପୁନରୁଦ୍ଧାର ପ୍ରକଳ୍ପର ଶୁଭ ଦେବା ସହ ଝାରସୁଗୁଡ଼ାରେ ଓଡ଼ିଶାର ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବିମାନ ବନ୍ଦରକୁ ଉଦ୍‌ଘାଟନ କରିବେ। ୧୩ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶରେ ପ୍ରତିଷ୍ଠା ହେବାକୁ ଥିବା ଏହି ସାର କାରଖାନା କେବଳ ସାର ନୁହେଁ, ବୈଜ୍ଞାନିକମାନଙ୍କର ଅନୁସନ୍ଧାନର ଆଧାରରେ କୋଇଲାରୁ ଗ୍ୟାସ୍, ଆମୋନିଆ ଓ ୟୁରିଆ ଉତ୍ପାଦନ କରିବ। ଏହା ସହ ମିଥାନଲ ଉତ୍ପାଦିତ ହେବ। ତାଳଚେରରେ ଭିତ୍ତିପ୍ରସ୍ତର ସ୍ଥାପନ ପରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ାରେ 'ଉଡାନ୍' ଯୋଜନାରେ ନୂଆ ବିମାନବନ୍ଦରର ଶୁଭ ଉଦ୍‌ଘାଟନ କରିବେ। ଉଭୟ ସ୍ଥାନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜନସଭାକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।

## ସହଜରେ ମିଳିବ ପାସପୋର୍ଟ

**ଭୁବନେଶ୍ୱର :** ଏଣିକି ପାସପୋର୍ଟ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ଆଉ ଥାନାକୁ ଯିବାକୁ ପଡିବନି। କିମ୍ବା ସେମାନଙ୍କର ପରିଚୟ ପତ୍ର ଓ ଆବାସିକ ପ୍ରମାଣ ଦେବାକୁ ହେବନାହିଁ। କାରଣ ଏହି ବ୍ୟବସ୍ଥାକୁ ବହିଃବ୍ୟାପାର ମନ୍ତ୍ରାଳୟ ଅଧିକ ସରଳ କରିଛନ୍ତି। ଭୁବନେଶ୍ୱର ଡିସିପିଙ୍କ ଅଫିସରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ପୂର୍ବରୁ ଆବେଦନକାରୀଙ୍କୁ ସେମାନଙ୍କ ପରିଚୟ ଓ ଆବାସିକ ପ୍ରମାଣପତ୍ର ଭାବେ ଆଧାରକାର୍ଡ, ବିଦ୍ୟୁତ୍ ବିଲ୍ ଓ ଜମିଜମା କାଗଜପତ୍ର ଦେଖାଇବାକୁ ଥାନାକୁ ➤ ପୃ-୬

### ବ୍ରିଟେନକୁ ପଛରେ ପକାଇବ ଭାରତ

# ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ : ଜେଟ୍‌ଲୀ



**ନୂଆଦିଲ୍ଲୀ :** ବ୍ରିଟେନ୍‌କୁ ପଛରେ ପକାଇ ଆସନ୍ତାବର୍ଷ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବ ବୋଲି କହିଛନ୍ତି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ଜେଟ୍‌ଲୀ କହିଛନ୍ତି ଯେ, ଚଳିତବର୍ଷ ଆକାର ଦୃଷ୍ଟିରୁ ଆମେ ଫ୍ରାନ୍ସକୁ ପଛରେ ପକାଇ ଦେଇଛୁ। ଆସନ୍ତାବର୍ଷ ବ୍ରିଟେନ୍‌କୁ ମଧ୍ୟ ପଛରେ ପକାଇ ଆମେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ରୂପେ ପରିଗଣିତ ହେବୁ। ଏଥିସହ ବିଶ୍ୱର ଅନ୍ୟ ଅର୍ଥବ୍ୟବସ୍ଥାଗୁଡ଼ିକର ଗତି ମନ୍ଥର ବେଗରେ ଚାଲିଛି। ଦେଶରେ ଆସନ୍ତା ୧୦ରୁ ୨୦ ବର୍ଷ ମଧ୍ୟରେ ବିଶ୍ୱର ଶୀର୍ଷ ୩ଟି ଅର୍ଥବ୍ୟବସ୍ଥା ମଧ୍ୟରେ ଆସିବାର କ୍ଷମତା ରହିଛି ବୋଲି ମଧ୍ୟ ଜେଟ୍‌ଲୀ କହିଛନ୍ତି। ବର୍ତ୍ତମାନ ସମୟରେ ବ୍ରିଟେନ୍ ଦୁନିଆର ପଞ୍ଚମ ଅର୍ଥବ୍ୟବସ୍ଥା ହୋଇଥିଲେ ମଧ୍ୟ ଭାରତଠାରୁ ଅଳ୍ପ ଆଗରେ ଅଛି। ବିଶ୍ୱ ବ୍ୟାଙ୍କ ମୁତାବକ, ବ୍ରିଟେନ୍‌ର ଅର୍ଥବ୍ୟବସ୍ଥାର ଆକାର ୨.୬୨ ଲକ୍ଷ କୋଟି ଆମେରିକୀୟ ଡଲାର ହୋଇଥିବାବେଳେ ଚତୁର୍ଥ ସ୍ଥାନରେ ୩.୬୭ ଲକ୍ଷ କୋଟି ଡଲାରର ଅର୍ଥବ୍ୟବସ୍ଥା ସହିତ ଜର୍ମାନୀ, ତୃତୀୟରେ ୪.୮୭ ଲକ୍ଷ କୋଟି ଡଲାର ସହିତ ଜାପାନ, ଦ୍ୱିତୀୟ ସ୍ଥାନରେ ୧୨.୨୩ ଲକ୍ଷ କୋଟି ସହିତ ଚୀନ୍ ଏବଂ ୧୯.୩୯ ଲକ୍ଷ କୋଟି ସହିତ ଆମେରିକା ପ୍ରଥମ ସ୍ଥାନରେ ରହିଛି। ଏହା ପୂର୍ବରୁ ଜୁଲାଇରେ ଜାରି କରାଯାଇଥିବା ବିଶ୍ୱ ବ୍ୟାଙ୍କ ➤ ପୃ-୬

### ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦର

# ଚୋରା ସୁନା କାରବାରରର ପେଣ୍ଠସ୍ଥଳ !



**ଭୁବନେଶ୍ୱର :** ନିୟମିତ ବ୍ୟବଧାନରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଚୋରା ସୁନା ଜବତ କରାଯିବା ଘଟଣା କଷ୍ଟମ ବିଭାଗକୁ ଚିନ୍ତାରେ ପକାଇଛି। ପୁଣିଥରେ ଏହି ବିମାନବନ୍ଦରରୁ କଷ୍ଟମ୍ ବିଭାଗ ୩୪୦.୦୭ ଗ୍ରାମ୍‌ର ସୁନା ଜବତ କରିଛି। ଜବତ ସୁନାର ମୂଲ୍ୟ ୧୦ ଲକ୍ଷ ୫୬ ହଜାର ୨୫୭ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ଦୁଇଜଣଙ୍କୁ ଅଟକ ରଖାଯାଇଛି। ଏତେ ପରିମାଣର ସୁନା କେଉଁ ଉଦ୍ଦେଶ୍ୟରେ ବିଦେଶରୁ ଭାରତକୁ ଆଣିଥିଲେ ସେ ନେଇ ସେମାନଙ୍କୁ ପଚରାଉଚରା କରାଯାଉଥିବା କଷ୍ଟମ୍ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମାଲେସିଆର କ୍ୱାଲାଲମପୁରର ଏୟାର ଏସିଆ ବିମାନ ନଂ ଏକେ-୪୭ ଯୋଗେ ଭାୟା ଭୁବନେଶ୍ୱର ହୋଇ ୨ ଜଣ ଯୁବକ ଚେନ୍ନାଇ ଯାଇଥାନ୍ତେ। ୨୯ ତାରିଖ ରାତିରେ ବିମାନଟି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଦୁଇଜଣ ଯାତ୍ରୀଙ୍କୁ ଯାଞ୍ଚ କରିବା ➤ ପୃ-୬

## ପୂର୍ବ ଭାରତର ମ୍ୟାନୁଫାକଚରିଂ ହବ୍ ହେବ ଓଡ଼ିଶା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଓଡ଼ିଶା ପୂର୍ବଭାରତର ଏକ ମ୍ୟାନୁଫାକଚରିଂ ହବ୍ ହେବାକୁ ଯାଉଛି। କମ୍ପାନୀର ବିକାଶରେ କମ୍ପାନୀ ସେକ୍ରେଟାରୀମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ହେବାକୁ ଥିବା 'ମେକ୍ ଇନ ଓଡ଼ିଶା' କ୍ୟାମ୍ପେନ୍ ଓ କନକ୍ଲେଭ୍ କମ୍ପାନୀ ସେକ୍ରେଟାରୀମାନଙ୍କ ପାଇଁ ବେଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଗୁରୁବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ କମ୍ପାନୀ ସେକ୍ରେଟେରୀଜ୍ ଅଫ୍ ଇଣ୍ଡିଆ 'ଆଇସିଏସଆଇ'ର ସୁବର୍ଣ୍ଣଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଉତ୍ତମ ପରିଚାଳନା ମାଧ୍ୟମରେ ➤ ପୃ-୬

# ମାଟ୍ରିକ ପରୀକ୍ଷା ଢାଞ୍ଚା ବଦଳିବ




**ଭୁବନେଶ୍ୱର :** ରାଜ୍ୟରେ ମାଟ୍ରିକ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରାଯିବା ନେଇ ଏକ ମ୍ୟାପ୍‌ରୋଲ୍ ଶେଷ ହୋଇଥିବା ଜଣାପଡ଼ିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ୨୦୧୯ରେ ଯେଉଁ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା କରାଯିବ ସେଥିରେ ପରିବର୍ତ୍ତନ ହେବ। ପୂର୍ବରୁ ପରୀକ୍ଷାରେ ରହିଥିବା ଓଏମ୍‌ଆର୍ ପଦ୍ଧତି କାଏମ ରହିବ। କେବଳ ପ୍ରଶ୍ନପତ୍ର ଢାଞ୍ଚାରେ ୨ଟି ପରିବର୍ତ୍ତନ କରାଯିବ। ପୂର୍ବରୁ ଉଭୟ ଅବ୍‌ଜେକ୍ଟିଭ ଓ ସବ୍‌ଜେକ୍ଟିଭରେ ପାସ୍ ମାର୍କ ୩୦ ରହିଥିଲା। ଫଳରେ ଯଦି କୌଣସି ପିଲା ଗୋଟିଏରେ ସର୍ବାଧିକ ୨୮ ମାର୍କ ରଖି ଅନ୍ୟଟିରେ ୨ ମାର୍କ ରଖୁଥିଲା ତେବେ ସେ ପାସ୍ ହୋଇଯାଉଥିଲା। ମାତ୍ର ନୂତନ ବ୍ୟବସ୍ଥାରେ ଅବ୍‌ଜେକ୍ଟିଭରେ ୧୫ ମାର୍କ ଓ ସବ୍‌ଜେକ୍ଟିଭରେ ୧୫ ମାର୍କ ରହିଲେ ପାସ୍ କରିପାରିବ। ଏ ବ୍ୟବସ୍ଥା ପୂର୍ବରୁ ନଥିଲା। ସେହିପରି ବର୍ତ୍ତମାନ 'ଏ', 'ବି' ଓ 'ସି' ତିନୋଟି ସେଟ୍‌କୁ ପରୀକ୍ଷାର୍ଥୀଙ୍କୁ ଅଲଗା ଅଲଗା ଭାବେ ପ୍ରଦାନ କରାଯାଉଛି। ଏଥର କିନ୍ତୁ ୪ଟି ସେଟ୍ ଅର୍ଥାତ 'ଡି' ସେଟ୍ କରାଯିବ। ଏହି ସମସ୍ତ ସେଟ୍ ପରସ୍ପର ଠାରୁ ଅଲଗା ରହିବ। ସେଥିପାଇଁ ପ୍ରତ୍ୟେକ ପରୀକ୍ଷାର୍ଥୀ ୪ଟି ସେଟ୍‌ର ଯେଉଁ ଉତ୍ତର ଦେବେ। ସେହିପରି ନବମ ଶ୍ରେଣୀ ପିଲାଙ୍କ ଲାଗି ମଧ୍ୟ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯିବ। ଫଳରେ ୨୦୨୦ରେ ସେମାନେ ଯେତେ ବେଳେ ମ୍ୟାଟ୍ରିକ ପରୀକ୍ଷା ଦେବେ ଏହି ନୂତନ ପଦ୍ଧତି ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୋଇସାରିଥିବେ। ନବମ ଶ୍ରେଣୀରେ ବର୍ତ୍ତମାନ ଓଏମ୍‌ଆର୍ ପଦ୍ଧତି ଉଠିଯିବ। ଏବେ ୫୦ ମାର୍କର ଯେଉଁ ଅବ୍‌ଜେକ୍ଟିଭ ପରୀକ୍ଷା ଦେବେ ସେଥିରେ ପ୍ରଶ୍ନ ସହ ଉତ୍ତର ଲେଖିବେ। ଉତ୍ତରରେ ପୂର୍ବରୁ ଯେଉଁ ଚଏଏସ୍ ରହୁଥିଲା ସେଥିରେ କେବଳ ମନେପକାଇ ଉତ୍ତର ଦେଉଥିଲେ। ମାତ୍ର ବର୍ତ୍ତମାନ ସେମାନଙ୍କର ଆନାଲିଟିକାଲ ଆବିଲିଟି, ପ୍ରୋବ୍ଲେମ୍ସ, ରିଜନିଂ ଆଦିକୁ ପରୀକ୍ଷା କରିବା ଲାଗି ବିଭିନ୍ନ ପ୍ରକାର ପ୍ରଶ୍ନ ରହିବ। ପିଲାମାନେ ବର୍ତ୍ତମାନ ନବମ ଶ୍ରେଣୀରୁ ଅଭ୍ୟାସ କରିବେ। ଏନେଇ ନୂତନ ବ୍ୟବସ୍ଥାର ସାମ୍ପୁଲ ପ୍ରଶ୍ନ ପ୍ରସ୍ତୁତ କରାଯିବ। ଏହି କପିକୁ ୱେବ୍‌ସାଇଟ୍‌ରେ ମଧ୍ୟ ଅପ୍‌ଲୋଡ କରାଯିବ।

## ହକି ବିଶ୍ୱକପ ପୂର୍ବରୁ ମାଗଣା ୱାଇ-ଫାଇ




**ଭୁବନେଶ୍ୱର :** ହକି ବିଶ୍ୱକପ୍ ପାଇଁ ଦିନ ଯେତିକି ପାଖେଇ ଆସୁଛି ସେତିକି ତତ୍ପର ହେଉଛନ୍ତି ବିଡିଏ, ବିଏମସି ଓ ସିଟି ବସ୍ ପରିଚାଳନା ସଂସ୍ଥା 'ସିଆରୟୁଟି'। ଯୋଜନା ଅନୁସାରେ ୧୨୫ କୋଟି ଟଙ୍କାର ଅତ୍ୟାଧୁନିକ ବସ୍ କିଣାଯାଇ ରାଜଧାନୀର ଚତୁର୍ଦ୍ଦିଗକୁ ଚାଲିବ। ଏଥିପାଇଁ ୨୦ କୋଟି ଟଙ୍କା ବ୍ୟୟରେ ସିଟି ବସ୍‌ଷ୍ଟପ୍ ନିର୍ମାଣ କରାଯିବାକୁ ଡିଜାଇନ୍ ସରିଛି। ➤ ପୃ-୬

## ବକ୍ରବାଣୀ



ତୁମେ ଯଦି ଆଉ ଥରେ ଫେରି ଆସନ୍ତ
ଲୋକସଭା ଆସନଟେ ମୋତେ ଦିଅନ୍ତ
ଭୋଟପରେ ଝୁଲା ସର୍କାରଟେ ଗଢ଼ନ୍ତ
ଗୃହେ ଆସ୍ଥା ଭୋଟ ପୁଣି ଥରେ ଲୋଡନ୍ତ
ଖଣ୍ଡେ ଭୋଟ ପାଇଁ ତୁମେ କିବା ହାରନ୍ତ !
ମୋ ଭୋଟଟି ନିଶ୍ଚିନ୍ତରେ ତୁମେ ପାଆନ୍ତ
ମୋ ଚାଙ୍ଗୁରେ ତୁମେ ପୁଣି ଗୀତ ଗାଆନ୍ତ
ହାର ନେହିଁ ମାନୁଙ୍ଗା ସଭିଙ୍କୁ ଶୁଣାନ୍ତ
ଆଜିବି ମନ ମୋର ହଉଛି ଅଶାନ୍ତ
ଝୁରୁଛି ସେ ରାତିକୁ ମୁଁ ଆଜି ପର୍ଯ୍ୟନ୍ତ।

—ଟୁଟୁ

# ଓଡ଼ିଶାର ଋଣବୋଝ ୯୨ହଜାର କୋଟିରୁ ଅଧିକ : ନିରଞ୍ଜନ

### ୯୦%ରୁ ଅଧିକ ଚାଷୀ ପରିବାର ଋଣଗ୍ରସ୍ତ



**ଭୁବନେଶ୍ୱର :** ବର୍ତ୍ତମାନ ରାଜ୍ୟର ୯୦%ରୁ ଅଧିକ ଚାଷୀ ପରିବାର ଋଣଗ୍ରସ୍ତ ହୋଇପଡିଛନ୍ତି। ବିଭିନ୍ନ ବ୍ୟାଙ୍କ, ସମବାୟ ସଂସ୍ଥା ଏବଂ ସାହୁକାରଙ୍କ ଠାରୁ ଚାଷପାଇଁ ସେମାନେ ଋଣ ନେଇଛନ୍ତି। ହେଲେ ଚାଷରୁ ଯେତିକି ଆୟ ହେଉଛି ତାହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନାହିଁ। ଫଳରେ ଋଣ ପରିଶୋଧ କରିବା ସେମାନଙ୍କ ପକ୍ଷରେ କଷ୍ଟସାଧ ହୋଇପଡୁଛି। ଯାହାଫଳରେ ରାଜ୍ୟରେ ଅନେକ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାର କେବଳ ଯୋଜନା ପରେ ଯୋଜନା ଘୋଷଣା କରିବାରେ ଲାଗିଥିବାବେଳେ ଜନସାଧାରଣଙ୍କ ପ୍ରକୃତ ସମସ୍ୟା ସମ୍ପର୍କରେ ଅବଗତ ହୋଇ ତାହାର ସମାଧାନ ଦିଗରେ ତିଳେହେଲେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ। ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି ଯେ ଜାତୀୟ କୃଷି ଓ ଗ୍ରାମ୍ୟ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ରିପୋର୍ଟ ଅନୁଯାୟୀ ରାଜ୍ୟର ୫୪% ଚାଷୀ ପରିବାର ଋଣଗ୍ରସ୍ତ ଅଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ରାଜ୍ୟର ପ୍ରାୟ ୯୦% ଚାଷୀ ପରିବାର ଋଣ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟଭାଗ ଚାଷୀ ସମବାୟ ଅଥବା ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ନେଇଥିବାବେଳେ ଆଉ କିଛି ଚାଷୀ ସେମାନଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ ଏବଂ ସାଉକାରଙ୍କ ଠାରୁ ଋଣ ନେଇଛନ୍ତି। ଚାଷରୁ ହେଉଥିବା ଆୟ ସେମାନଙ୍କ ପରିବାର ଚଳାଇବାକୁ ଯଥେଷ୍ଟ ହେଉନଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଋଣ ଅର୍ଥ ପରିଶୋଧ କରିପାରୁନାହାନ୍ତି। ଏହି କାରଣରୁ ଅନେକ ସମୟରେ ଚାଷୀ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛିନେଉଥିବା ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ➤ ପୃ-୬



EKAMAATRA


ଏକମାତ୍ର

ଅନୁସନ୍ଧାନ ପରେ ଖବର

# ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଅଭିଯାନ ଯୋଜନା ଆରମ୍ଭ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୨୯ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଚୁକ୍ତି ସ୍ୱାକ୍ଷରିତ କରି ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ପରୀକ୍ଷାମୂଳକ ଭାବେ ୧୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହା କାର୍ଯ୍ୟକାରୀ କରାଯାଇଛି। ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ଆଗାମୀ ସେପ୍ଟେମ୍ବର ୨୫ରେ ସମ୍ପୂର୍ଣ୍ଣ ଭାବେ ଏହି ଯୋଜନା ଶୁଭାରମ୍ଭର ଅବ୍ୟବହିତ ପୂର୍ବରୁ ଏହାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ। ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ) ଉପରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନଡ୍ଡା ସମ୍ପୃକ୍ତ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏବଂ ଅନୁପ୍ରିୟା ପଟେଲ, ଏବି-ଏନ୍‌ଏଚ୍‌ଏର ସିଇଓ ଶ୍ରୀ ଇନ୍ଦୁଭୂଷଣ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ନଡ୍ଡା କହିଥିଲେ ଯେ ବିଭିନ୍ନ ରାଷ୍ଟ୍ରୀୟ ସ୍ତରର ସମ୍ମିଳନୀ, କ୍ଷେତ୍ରୀୟ କାର୍ଯ୍ୟକାରୀ ଗୋଷ୍ଠୀ, ପ୍ରମୁଖ ମଡ୍ୟୁଲ ଜରିଆରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମତାମତ ସଂଗ୍ରହ କରି ସଂଘୀୟ ବ୍ୟବସ୍ଥାରେ ଏହି ଯୋଜନାର ପ୍ରସ୍ତୁତି ଏବଂ ବ୍ୟବସ୍ଥିତ କରାଯାଇଛି। ଆୟୁଷ୍ମାନ ଭାରତର ନକଲି ୱେବ୍‌ସାଇଟ୍ ଖୋଲାଯାଇଥିବା ଦେଖିବାକୁ ମିଳିଲେ କଠିନ ଦଣ୍ଡବିଧାନ କରାଯିବ ବୋଲି ଶ୍ରୀ ନଡ୍ଡା ସତର୍କ କରାଇଥିଲେ। ସେ ସ୍ପଷ୍ଟଭାବେ କହିଥିଲେ ଯେ ହିତାଧିକାରୀମାନଙ୍କ ପାଇଁ କୌଣସି ପଞ୍ଜିକରଣର ଆବଶ୍ୟକତା ନାହିଁ ଏବଂ ସେମାନଙ୍କ ପାଇଁ ସୂଚୀବଦ୍ଧ ହୋଇଥିବା ହସ୍ପିଟାଲ ଗୁଡିକରେ ବିନା ମୂଲ୍ୟରେ ସେବା ଉପଲବ୍ଧ। ସେ ଏହା ମଧ୍ୟ କହିଥିଲେ ଯେ ନକଲି ୱେବ୍‌ସାଇଟ ଜରିଆରେ ହିତାଧିକାରୀମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ବ୍ୟକ୍ତିଙ୍କ ଉପରେ ଅପରାଧିକ ମାମଲା ରୁଜୁ କରାଯିବ। ଶ୍ରୀ ନଡ୍ଡା କହିଥିଲେ ଯେ କାର୍ଯ୍ୟାନ୍ୱୟନ ଏବଂ ପରିଚାଳନା ପ୍ରସ୍ତୁତିକୁ ସୁଦୃଢ କରିବା ପାଇଁ ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ମିଳିତ ସହଯୋଗରେ ଆରୋଗ୍ୟ ମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶ୍ରୀ ନଡ୍ଡା କହିଥିଲେ ଯେ ୧୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶ୍ରୀ ନଡ୍ଡା ଏହି ଅବସରରେ ପିଏମ୍‌ଜେଏୱାଇର ଏକ ଲୋଗୋ ଉନ୍ମୋଚନ କରିଥିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ନକଲି ପ୍ରତିରୋଧ ମାର୍ଗଦର୍ଶିକାର ବିମୋଚନ କରିଥିଲା ବେଳେ ଅଶ୍ୱିନୀ କୁମାର ଚୌବେ ଡାଟା ଗୋପନୀୟତା ଏବଂ ସୂଚନା ସୁରକ୍ଷା ନୀତିର ବିମୋଚନ କରିଥିଲେ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସଂସ୍ଥା (ଏନ୍‌ଏଚ୍‌ଏ) ଏବଂ ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) ମଧ୍ୟରେ ଏକ ଲକ୍ଷ ଆରୋଗ୍ୟ ମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା ନିମନ୍ତେ କରାଯାଇଥିବା ଚୁକ୍ତି ସ୍ୱାକ୍ଷରିତ କାର୍ଯ୍ୟକ୍ରମରେ ଶ୍ରୀ ଜେ.ପି. ନଡ୍ଡା ଏବଂ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ଏବଂ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏନ୍‌ଏଚ୍‌ଏର ସିଇଓ ଶ୍ରୀ ଇନ୍ଦୁଭୂଷଣ ଏବଂ ଏନ୍‌ଏସ୍‌ଡିସିର ଏମ୍‌ଡି ଏବଂ ସିଇଓ ମନିଷ କୁମାର ପରସ୍ପର ମଧ୍ୟରେ ଚୁକ୍ତି ପତ୍ର ଆଦାନ ପ୍ରଦାନ କରିଥିଲେ।

## ଲୋକପ୍ରିୟତା କମୁଛି



**ମସ୍କୋ :** ଗତ ବୁଧବାର ପରୀକ୍ଷିତ ହୋଇଯାଇଛି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁତିନଙ୍କ ଲୋକପ୍ରିୟତା। ସରକାରଙ୍କ ପ୍ରସ୍ତାବିତ ସରକାରୀ କର୍ମଚାରୀଙ୍କ ଅବସର ବୟସ ବୃଦ୍ଧି ପ୍ରତିବାଦରେ ବଡ଼ ଧରଣର ବିକ୍ଷୋଭ ପୁତିନଙ୍କ ୧୮ ବର୍ଷ ଶାସନର ଅସଲମୁଖା ଖୋଲିଦେଇଛି। ଗତ ଅଗଷ୍ଟ ୨୧ ତାରିଖରେ ପ୍ରସ୍ତାବିତ ପେନସନ୍ ଚିଠା ଅନୁସାରେ ରାଷ୍ଟ୍ରପତି ପୁତିନ ପୁରୁଷ କର୍ମଚାରୀଙ୍କ ଅବସର ସୀମା ୬୦ରୁ ୬୫ ବର୍ଷ ଓ ମହିଳା କର୍ମଚାରୀଙ୍କ ଅବସର ଗ୍ରହଣ ସୀମାକୁ ୫୫ରୁ ୬୩ ବର୍ଷକୁ ବୃଦ୍ଧି କରିବା ସମ୍ଭାବନା ରହିଛି। ସରକାରଙ୍କ ନିଷ୍ପତ୍ତି ଘୋଷଣା ସମୟରେ ପୁତିନ ମହିଳା କର୍ମଚାରୀଙ୍କ କର୍ମଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ। ମହିଳା କର୍ମଚାରୀଙ୍କ ଅବସର ସୀମାରେ ୮ ବର୍ଷ ବୃଦ୍ଧି କରିଥିବାରୁ ପୁରୁଷ କର୍ମଚାରୀମାନେ ଏଥିରେ କ୍ଷୁବ୍ଧ ହୋଇଛନ୍ତି।

## ଆତଙ୍କବାଦୀଙ୍କ ସହ ସମ୍ପର୍କ ରକ୍ଷା କରିବାକୁ ନକ୍ସଲଙ୍କ ଉଦ୍ୟମ



**ନୂଆଦିଲ୍ଲୀ :** ଆତଙ୍କବାଦୀ ସଂଗଠନ ସହ ସମ୍ପର୍କ ରକ୍ଷା କରି ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ମାଓବାଦୀ ସଂଗଠନ ଉଦ୍ୟମ କରୁଛି ବୋଲି ଇଣ୍ଟେଲିଜେନ୍ସ ରିପୋର୍ଟ ପ୍ରକାଶ ପାଇଛି। ମାଓ ସଂଗଠନ ବୋଡ଼ୋ ସଂଗଠନ ସମେତ ଅନ୍ୟାନ୍ୟ ଉଗ୍ରବାଦୀ ସଂଗଠନଗୁଡ଼ିକ ଫମଧ ଆତଙ୍କବାଦୀ ସଂଗଠନ ସହ ସିଧାସଳଖ ସମ୍ପର୍କ ରଖି ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଓ ଆର୍ଥିକ ସହାୟତା ପାଇବାକୁ ଆଶାୟୀ। ସହରାଞ୍ଚଳରେ ସକ୍ରିୟ କିଛି ଅର୍ବାନ୍ ନକ୍ସଲ ମଧ୍ୟ ଆତଙ୍କବାଦୀଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗତବର୍ଷ ଭୀମା-କୋରିଗାଁ ଦଙ୍ଗା ମାମଲାର ତଦନ୍ତ ସମୟରେ ମହାରାଷ୍ଟ୍ର ପୁଲିସ ହାତରେ ଲାଗିଥିବା ଚିଠିରୁ ଆତଙ୍କବାଦୀ ସଂଗଠନ ଓ ମାଓବାଦୀଙ୍କ ସମ୍ପର୍କ କ୍ରମେ ନିକଟତର ହେଉଥିବା ସ୍ପଷ୍ଟ ହୋଇଛି। ଦେଶର ରାଜନୈତିକ ବାତାବରଣ ଦିନକୁ ଦିନ ରକ୍ତପାତ ଆଡ଼କୁ ମୁହାଁଉଛି। ପ୍ରତି ରାଜନୈତିକ ଦଳରେ ବାହୁବଳୀ ନେତାଙ୍କ ଅଭ୍ୟୁଦୟ ଘଟିଛି। ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କ ଆଶ୍ରୟରେ ରହି ଅପରାଧିମାନେ ନିର୍ଭୟରେ ରକ୍ତପାତ ଘଟାଉଛନ୍ତି। କଶ୍ମୀର ବିଚ୍ଛିନ୍ନତବାଦୀ ସଂଗଠନ ସହ ଆତଙ୍କବାଦୀ ସଂଗଠନର ସୁସମ୍ପର୍କ ଥିବା ସୁସ୍ପଷ୍ଟ ହୋଇଛି। ଚଳିତବର୍ଷ ମେ'ରେ ୧୫ ଜଣିଆ ନକ୍ସଲ ଟିମ୍ ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳ ବୁଲି ଫେରିଥିବା ଇଣ୍ଟେଲିଜେନ୍ସ ଅଧିକାରୀମାନେ କହିଛନ୍ତି। ଏହି ନକ୍ସଲମାନେ ଅନନ୍ତନାଗ, ବଦଗାଁ, ବାରମୂଳା, କୁପଓ୍ୱାରା ଓ ସୋପିଆନ୍ ଜିଲ୍ଲାକୁ ଗସ୍ତ କରି କଶ୍ମୀର ଉପତ୍ୟକାରେ ସକ୍ରିୟ ଆତଙ୍କବାଦୀ ସଂଗଠନ ସମ୍ପର୍କରେ ବିସ୍ତୃତ ବିବରଣୀ ସଂଗ୍ରହ କରିଥିଲେ। କେଉଁ ଆତଙ୍କବାଦୀ ସଂଗଠନ ବିରୋଧରେ କେତୋଟି ମାମଲା କେଉଁ କୋର୍ଟରେ ବିଚାରାଧିନ ଅଛି, ସେ ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲେ। ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କ ସର୍ବାଧିକ ଶିକାର ହେଉଥିବା ଆତଙ୍କବାଦୀ ସଂଗଠନ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଗତ ଦୁଇଦିନ ତଳେ ବାମପନ୍ଥୀ ନେତାଙ୍କ ଗିରଫଦାରି ପ୍ରକ୍ରିୟା ଦେଶରେ ଚାଲିଥିବା ଅନ୍ତର୍ଘାତୀ କାର୍ଯ୍ୟକଳାପର ନଗ୍ନରୂପକୁ ସାମ୍ନାକୁ ଆଣିଛି। ଏହାର ପ୍ରତିକାର ନହେଲେ ଆଗାମୀ ନିର୍ବାଚନ ବେଳକୁ ଦେଶର ପ୍ରତିଟି ସହରରେ ନିର୍ବାଚନୀ ହିଂସା ତୁମୂଳ ରୂପ ନେବା ନିଶ୍ଚିତ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୩୧ ତାରିଖରେ ପୁଣେ ନିକଟ ଭୀମା ଗ୍ରାମରେ ପେଶୱା ଜାତି ଓ ଦଳିତଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ସମ୍ପୃକ୍ତ ମାମଲାର ତଦନ୍ତ ସମୟରେ ଅର୍ବାନ ନକ୍ସଲୀଙ୍କ ଅସଲ ମୁଖା ସ୍ପଷ୍ଟ ହୋଇଥିଲା। ପୁଲିସ୍ ଗୋଆର ଆନନ୍ଦ ତେଲତୁମ୍ବଡେ, ରାଞ୍ଚିସ୍ଥିତ କ୍ରାନ୍ତି ତେକୁଲା, ସୁସାନ୍ ଆବ୍ରାହାମ ଓ ଫାଦର ଷ୍ଟନ୍ ସ୍ୱାମୀଙ୍କ ଘର ଉପରେ ଚଢ଼ାଉ କରିଥିବାର ସୂଚନା ମିଳିଛି।

## 'ଅନ୍ୟ ରାଜ୍ୟରେ ମିଳିବନି ଅନୁସୂଚିତ ବର୍ଗଙ୍କୁ ସଂରକ୍ଷଣ'



**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ଫୈସଲା ଶୁଣାଇଛନ୍ତି। ଗୋଟିଏ ରାଜ୍ୟର ଅନୁସୂଚିତ ଜାତି / ଜନଜାତିଙ୍କୁ ଅନ୍ୟ ରାଜ୍ୟରେ ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୁବିଧା ମିଳିବ ନାହିଁ। ଅନ୍ୟ ରାଜ୍ୟରେ ସେମାନଙ୍କ ଜାତି ଯଦି ସଂରକ୍ଷଣ ବର୍ଗରେ ଅନ୍ତର୍ଭୁକ୍ତ ହୋଇନଥାଏ, ତାହାହେଲେ ସେମାନେ ଏହି ସୁବିଧା ପାଇବେ ନାହିଁ। ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ଦର୍ଶାଇଛନ୍ତି ଯେ, ଗୋଟିଏ ରାଜ୍ୟରେ ଅନୁସୂଚିତ ଜାତିରେ ଅନ୍ତର୍ଭୁକ୍ତ ହୋଇଥିବା ବ୍ୟକ୍ତି ଯଦି ଅନ୍ୟ ରାଜ୍ୟକୁ ଚାଲିଯାଆନ୍ତି, ତାହାହେଲେ ସେ ସଂରକ୍ଷଣ ସୁବିଧା ପାଇବେ ନାହିଁ। ଚାକିରି ବା ଶିକ୍ଷା କ୍ଷେତ୍ରରେ ହେଉ, ସେ ଅନ୍ୟ ରାଜ୍ୟରେ ସଂରକ୍ଷଣ ସୁବିଧା ପାଇଁ ହକ୍‌ଦାର୍ ହେବେ ନାହିଁ। ଏହି ୫ ଜଣିଆ ଖଣ୍ଡପୀଠର ଅନ୍ୟ ବିଚାରପତିମାନେ ହେଲେ, ଜଷ୍ଟିସ୍ ଏନ୍‌ଭି ରମାନା, ଜଷ୍ଟିସ୍ ଆର୍ ଭାନୁମତି, ଜଷ୍ଟିସ୍ ଏମ୍ ଶାନ୍ତନାଗୌଡାର ଓ ଜଷ୍ଟିସ୍ ଏସ୍‌ଏ ନଜିର୍। ଜାତୀୟ ରାଜଧାନୀ ଦିଲ୍ଲୀରେ ଅନୁସୂଚିତ ଜାତି / ଜନଜାତିଙ୍କ ପାଇଁ କେନ୍ଦ୍ର ସରକାରଙ୍କ ସଂରକ୍ଷଣ ନୀତି କାର୍ଯ୍ୟକାରୀ କରାଯିବା କ୍ଷେତ୍ରରେ ଜଷ୍ଟିସ୍ ଭାନୁମତି ସଂଖ୍ୟାଗରିଷ୍ଠ ମତ ସହ ସମ୍ମତ ହୋଇନଥିଲେ। କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ସଂରକ୍ଷଣ ନୀତି ଦିଲ୍ଲୀ ପାଇଁ ଲାଗୁ ହେବାକୁ ଖଣ୍ଡପୀଠରେ ୪:୧ ସଂଖ୍ୟାଗରିଷ୍ଠ ମତ ପ୍ରକାଶ ପାଇଥିଲା। ଗୋଟିଏ ରାଜ୍ୟର ଅନୁସୂଚିତ ଜାତି / ଜନଜାତି ବର୍ଗର ଲୋକେ ଅନ୍ୟ ରାଜ୍ୟରେ ସଂରକ୍ଷଣ ସୁବିଧା ପାଇବେ କି ନାହିଁ, ସେଥିନେଇ ଅନେକଗୁଡ଼ିଏ ଆବେଦନ ପରିପ୍ରେକ୍ଷୀରେ ସାମ୍ବିଧାନିକ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଅନ୍ୟ ରାଜ୍ୟର ଅନୁସୂଚିତ ଜାତି / ଜନଜାତି କର୍ମଚାରୀ ଦିଲ୍ଲୀରେ ସଂରକ୍ଷଣ ସୁବିଧା ପାଇବେ କି ନାହିଁ, ସେଥିନେଇ ଉଠିଥିବା ପ୍ରଶ୍ନର ମଧ୍ୟ ସମାଧାନ ହୋଇଛି। ଅନୁସୂଚିତ ଜାତି / ଜନଜାତି କର୍ମଚାରୀଙ୍କୁ ଚାକିରିରେ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ପାଇଁ ୨୦୦୬ର ରାୟ ୭ ଜଣିଆ ଖଣ୍ଡପୀଠ ଦ୍ୱାରା ସମୀକ୍ଷା କରାଯିବା ପାଇଁ ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୨୦୦୬ରେ ଏମ୍ ନାଗରାଜ ମାମଲାରେ ଦେଇଥିବା ରାୟରେ କହିଥିଲେ ଯେ, ଏହି ବର୍ଗର ଲୋକଙ୍କୁ ପଦୋନ୍ନତି ଦେବା ପୂର୍ବରୁ ସରକାରୀ ଚାକିରିରେ ସେମାନଙ୍କ ସଂଖ୍ୟା କେତେ ଏବଂ ସେମାନଙ୍କର ପ୍ରଶାସନିକ ଦକ୍ଷତା ସମ୍ପର୍କରେ ସବିଶେଷ ତଥ୍ୟ ଦିଆଯିବା ଦରକାର। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଓ ବହୁ ରାଜ୍ୟ ସରକାର ଏହି ରାୟର ପୁନର୍ବିଚାର ପାଇଁ ଦାବି କରିଛନ୍ତି। କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି ଯେ, ନାଗରାଜ ମାମଲାର ରାୟ ଏହି ବର୍ଗର ଲୋକଙ୍କୁ ସଂରକ୍ଷଣ ଦେବାରେ ଅଯଥା ସର୍ତ୍ତ ଆରୋପ କରୁଛି। ତେଣୁ ଏହାକୁ ବୃହତ୍ତର ବେଞ୍ଚରେ ସମୀକ୍ଷା ଆବଶ୍ୟକ। ୫ ଜଣିଆ ଖଣ୍ଡପୀଠ କେନ୍ଦ୍ର ସମେତ ବିଭିନ୍ନ ପକ୍ଷର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି।

## ୨୦୨୧ ଜନଗଣନାରେ ପ୍ରଥମ ଥର ପାଇଁ ସଂଗ୍ରହ ହେବ ଓବିସିଙ୍କ ତଥ୍ୟ

**ନୂଆଦିଲ୍ଲୀ :** ପ୍ରଥମ ଥର ପାଇଁ ୨୦୨୧ ଜନଗଣନାରେ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ସୂଚନା ଦେଇଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି, ୩ ବର୍ଷ ମଧ୍ୟରେ ଜନଗଣନା ୨୦୨୧ ସମ୍ପୂର୍ଣ୍ଣ ହେବ। ଏବେ ଏଥିପାଇଁ ୭ରୁ ୮ ବର୍ଷ ଲାଗୁଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଜନଗଣନା ୨୦୨୧ର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କଲାବେଳେ ଏହା ଜଣାପଡ଼ିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ୨୦୨୧ ଜନଗଣନାର ରୋଡ୍ ମ୍ୟାପ୍ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପାଇଁ ପ୍ରାୟ ୨୫ ଲକ୍ଷ ଜନଗଣନାକାରୀଙ୍କୁ ତାଲିମ ଦିଆଯାଇ ଏହି ବଡ଼ ଧରଣର କାର୍ଯ୍ୟରେ ଲଗାଯିବ।

## ଭାରତରେ ବଢ଼ିଚାଲିଛି ବେକାରୀ ସମସ୍ୟା



**ନୂଆଦିଲ୍ଲୀ :** ଭାରତର ଅର୍ଥନୀତିକ ଅଭିବୃଦ୍ଧି ଘଟୁଛି। କିନ୍ତୁ ନିଯୁକ୍ତି ସୃଷ୍ଟି ତା' ତୁଳନାରେ କ୍ଷୀଣ। ବେକାରୀ ହୁ ହୁ ହୋଇ ବଢ଼ିଚାଲିଛି। ଆଉ ଏପରି ବେକାରୀ ସମସ୍ୟା ବର୍ତ୍ତମାନ ଅନ୍ୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିବାରେ ଲାଗିଛି। ସାମାଜିକ ଅସ୍ଥିରତା ସୃଷ୍ଟିକାରୀ ଦଙ୍ଗା, ଧର୍ମଘଟ ଏବଂ ଅପରାଧର ମାର୍ଗକୁ ବାଛି ନେଉଛନ୍ତି ଏବଂ ଏହାର ପ୍ରଭାବରେ ସାମାଜିକ ସୁରକ୍ଷା ବିପଦରେ ପଡ଼ିଛି। ଅର୍ଗାନାଇଜେସନ୍ ଅଫ୍ ଇକୋନୋମିକ୍ କୋଅପରେସନ୍ ଆଣ୍ଡ୍ ଡେଭଲପମେଣ୍ଟ (ଓଇସିଡି)ର ଇଣ୍ଡିଆ ଇକୋନୋମିକ୍ ସର୍ଭେ ୨୦୧୭ରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁଯାୟୀ ୧୫ରୁ ୨୯ ବର୍ଷ ବର୍ଗର ୩୦ ପ୍ରତିଶତ ଯୁବକ ନିଯୁକ୍ତି ପାଇପାରିନାହାନ୍ତି। ମନେ ହେଉଛି ଦେଶର ଶିକ୍ଷା ବ୍ୟବସ୍ଥା ବେକାରୀଙ୍କ ସେନା ସୃଷ୍ଟି କରିବାରେ ଅବିରତ କାର୍ଯ୍ୟ କରୁଛି। ୨୦୧୮ ମସିହାରେ ମାତ୍ର ୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ ଫେବୃଆରୀ ୨୦୧୮ ସୁଦ୍ଧା ୩.୧ କୋଟି ଯୁବକ ବେକାର ଥିବା ଜଣାଯାଏ। ଭାରତର ଗଣତନ୍ତ୍ର ପାଇଁ ତଥା ଏହା ଅର୍ଥନୀତିକ ବିକାଶ ପାଇଁ ନିଶ୍ଚୟ ଗୁରୁତର ଆହ୍ୱାନ। ଏଥି ସହିତ ବିକାଶ ପ୍ରକ୍ରିୟାରେ ବାଧକ ସାଜୁଥିବା ସମସ୍ୟା ସମୂହର ମୁକାବିଲା ପାଇଁ ନିଯୁକ୍ତି ସୃଷ୍ଟି ହିଁ ରାମବାଣ ହେବ ବୋଲି ସହଜରେ ଅନୁମେୟ। ତେବେ ଏଭଳି ବେକାରୀ ସମସ୍ୟା କେବଳ ଯେ ସାମଜିକ ଅସ୍ଥିରତା କିମ୍ବା ଅପରାଧ ପାଇଁ ଦାୟୀ ତାହା ନୁହେଁ, ଗରିବୀ, ଭୋକ, ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୀବନଶୈଳୀକୁ ମଧ୍ୟ ପ୍ରଭାବିତ କରିଛି। ବିଭିନ୍ନ ସମୟରେ ପ୍ରମାଣିତ ହୋଇସାରିଛି 'ଧର୍ମଘଟ, ବନ୍ଦ ଏବଂ ଅଶାନ୍ତି' ଭାରତର ଅର୍ଥନୀତି ପାଇଁ ଅଭିଶାପ। ଏହା ସମସ୍ୟାର ସମାଧାନ ପାଇଁ ବାଟ କାଢ଼ିନି, ବରଂ ରାଜନୀତିକ ଉଦ୍ଦେଶ୍ୟ ସାଧନ ପାଇଁ ସମାଜର ସମସ୍ୟା ବଢ଼ାଇ ଦେଇଛି। ନିଯୁକ୍ତି ସମସ୍ତଙ୍କୁ ଏକାଠି କରେ, ପରସ୍ପର ଭିତରେ ସହଯୋଗ ବଢ଼ାଏ ଏବଂ ବିଶ୍ୱାସ ଜନ୍ମାଏ। ସର୍ବୋପରି ନାଗରିକଙ୍କୁ ଭବିଷ୍ୟତ ପାଇଁ ଜଣେ ସଚେତନ ଭାଗୀଦାରରେ ପରିଣତ କରେ। କିନ୍ତୁ ବେକାରୀ ପରି ସମସ୍ୟା ଭୋଗୁଥିବା ଯୁବବର୍ଗଙ୍କୁ ସହଜରେ ଦିଗଭ୍ରଷ୍ଟ କରାଯାଇ ପାରୁଛି।

## ଜାନୁଆରୀକୁ ଘୁଞ୍ଚିଲା ଧାରା-୩୫(ଏ)ର ଶୁଣାଣି

**ନୂଆଦିଲ୍ଲୀ :** ସମ୍ବିଧାନର ଧାରା ୩୫ଏର ବୈଧତାକୁ ଚ୍ୟାଲେଞ୍ଜ କରି ଆଗତ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ବର୍ଷ ଜାନୁଆରୀ ମାସ ଯାଏ ସ୍ଥଗିତ ରଖିଛନ୍ତି। ଜମ୍ମୁ-କଶ୍ମୀର ପାଇଁ ଏହି ଧାରା ପ୍ରଯୁଜ୍ୟ ହୋଇଥିବାରୁ ଏହାର ସମୀକ୍ଷାକୁ ରାଜ୍ୟରେ ଘୋର ବିରୋଧ କରାଯାଉଥିଲା ବେଳେ କେନ୍ଦ୍ର ସରକାର ସ୍ଥାନୀୟ ନିର୍ବାଚନ ଓ ସୁରକ୍ଷା ପରିସ୍ଥିତିକୁ ନେଇ ଶୁଣାଣି ସ୍ଥଗିତ ରଖିବାକୁ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସୁପ୍ରିମକୋର୍ଟ ଏଭଳି ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଆସନ୍ତା ଜାନୁଆରୀ ମାସ ଯାଏଁ ପଞ୍ଚାୟତ ନିର୍ବାଚନ ଚାଲିବାକୁ ନିର୍ଦ୍ଧାରିତ ହୋଇଥିବାରୁ ଉଭୟ ଜମ୍ମୁ-କଶ୍ମୀର ଓ କେନ୍ଦ୍ର ସରକାର ଗତ ଶୁକ୍ରବାର ଦିନ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ରାୟକୁ ଜାନୁଆରୀ / ଫେବୃଆରୀ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଜମ୍ମୁ-କଶ୍ମୀର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହେଟା ହାଜର ହୋଇ କହିଲେ ଯେ, କଶ୍ମୀର ଉପତ୍ୟକାରେ ୪୫୦୦ ସରପଞ୍ଚ ପଦବୀ ଏବଂ ୧୧୪୫ ୱାର୍ଡ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ନିର୍ବାଚନକୁ ଧାରା ୩୫ଏର ତର୍ଜମା ପ୍ରଭାବିତ କରିବ। ଯଦି ନିର୍ବାଚନ କରାନଯାଏ, ତେବେ ୪୩୩୫ କୋଟି ଟଙ୍କାର ଆର୍ଥିକ ମଞ୍ଜୁରୀ ମଧ୍ୟ ମିଳିବ ନାହିଁ। କେନ୍ଦ୍ର ସରକାରଙ୍କ ତରଫରୁ ଆଟର୍ଣ୍ଣି ଜେନେରାଲ କେକେ ବେନୁଗୋପାଲ ଖଣ୍ଡପୀଠଙ୍କୁ କହିଲେ ଯେ, ବହୁ ସଂଖ୍ୟକ ଅର୍ଦ୍ଧ ସାମରିକ ବାହିନୀ ନିର୍ବାଚନ ପାଇଁ ରାଜ୍ୟରେ ଘୁରି ବୁଲୁଥିବାରୁ ଏହି ସମୟ ମଧ୍ୟରେ ସ୍ପର୍ଶକାତର ମାମଲା ଉପରେ ଫୈସଲା ଆସିଲେ, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ନିର୍ବାଚନ ସରିଯିବା ପରେ ରାୟ ପ୍ରକାଶ ପାଇଲେ ଏଭଳି ପରିସ୍ଥିତି ସୃଷ୍ଟି ହେବ ନାହିଁ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ୨୦୧୯ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଶୁଣାଣି ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ।

# ଏଣିକି କାରଖାନାରେ ମିଳିବ ଅହିଂସା ମାଂସ !

**ହାଇଦ୍ରାବାଦ :** ଏଣିକି ବଜାରେ ମିଳିବ ଅହିଂସା ମାଂସ। ଏହି ସୂଚନା ଦେଇଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମେନକା ଗାନ୍ଧୀ। ଶ୍ରୀମତୀ ଗାନ୍ଧୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଜଣେ ପ୍ରାଣୀ ଓ ପରିବେଶ ପ୍ରେମୀ ଭାବେ ଜଣାଶୁଣା। ଗତ ସପ୍ତାହରେ ହାଇଦ୍ରାବାଦଠାରେ 'ପୁଷ୍ଟି-ଖାଦ୍ୟ ପ୍ରଯୁକ୍ତି ବିପ୍ଳବ' ଶୀର୍ଷକ ଏକ ସମ୍ମିଳନୀରେ ଅଭିଭାଷଣ ପ୍ରଦାନ କରି ସେ କହିଛନ୍ତି ଯେ ପରୀକ୍ଷାଗାରରେ ନିର୍ମଳ ମାଂସ ବା ଅହିଂସା ମାଂସ ସଫଳତାର ସହିତ ପ୍ରସ୍ତୁତ ହୋଇସାରିଲାଣି। ପଶୁମାନଙ୍କର ଷ୍ଟେମ ସେଲ୍‌ରୁ ଏହି ମାଉଁସକୁ ବୃଦ୍ଧି କରାଯାଇଛି। ବିଦ୍ୟୁତ୍ ଓ ସୂଚନା ପ୍ରଯୁକ୍ତି ପରେ ଏହା ହେଉଛି ମଣିଷର ଅନ୍ୟ ଏକ ଯୁଗାନ୍ତକାରୀ ଉଦ୍‌ଭାବନ। ଏହି ସମ୍ମିଳନୀରେ ଶ୍ରୀମତୀ ଗାନ୍ଧୀ କହିଛନ୍ତି ଯେ ପରୀକ୍ଷାଗାର-ପ୍ରସ୍ତୁତ ଏହି ନିର୍ମଳ ବା ଅହିଂସା ମାଂସ ଖାଇବାକୁ ଏକ ସର୍ଭେରେ ଭାଗ ନେଇଥିବା ପ୍ରାୟ ୬୬ ପ୍ରତିଶତ ଉପଭୋକ୍ତା ସହମତି ପ୍ରକାଶ କରିଛନ୍ତି। ଏବେ ନିର୍ମଳ ମାଂସ ଉତ୍ପାଦନ ପ୍ରଯୁକ୍ତିର ବିକାଶ କରିବାକୁ ଅନେକ ସୂଚନା ପ୍ରଯୁକ୍ତି କମ୍ପାନୀ ପ୍ରଚୁର ଅର୍ଥ ବିନିଯୋଗ କରୁଛନ୍ତି। ସେ କହିଛନ୍ତି ଯେ ୪୬ ପ୍ରତିଶତ ଉପଭୋକ୍ତା ଏହା ନିୟମିତ କିଣିବାକୁ ମତ ଦେଇଥିବାବେଳେ ୫୩ ପ୍ରତିଶତ ପାରମ୍ପରିକ ମାଂସ ବଦଳରେ ଏହା ଗ୍ରହଣ କରିବାକୁ ରାଜି ହୋଇଛନ୍ତି। ଏହାକୁ ସେଲୁଲାର ମାଂସ ବୋଲି ମଧ୍ୟ କୁହାଯାଉଛି। ଏହା ବିକଶିତ ହୋଇସାରିଲାଣି। ଖାଲି ବାଣିଜ୍ୟିକ ଭିତ୍ତିରେ ଉତ୍ପାଦନ ହେବା ବାକି ରହିଛି। ମେନକା କହିଛନ୍ତି ଆମେ ଯଦି ଏହାକୁ ବିଦେଶରୁ ଆମଦାନୀ କରିବା ତେବେ ବ୍ୟୟବହୁଳ ହେବ। ଏହାକୁ ଦେଶ ଭିତରେ ପ୍ରସ୍ତୁତ କଲେ ସୁଲଭ ଦରରେ ଚାରି ଆଡ଼େ ମିଳିବ। ଆସନ୍ତା ୫ ବର୍ଷ ଭିତରେ ଯେପରି ଭାରତ ବଜାରରେ ଏହି ମାଂସ ବିକ୍ରି ହୁଏ ତାହା ନିଶ୍ଚିତ କରିବାକୁ ଜ୍ଞାନକୌଶଳ ବିକାଶ କରିବା ନିମନ୍ତେ ସେ ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏ ପ୍ରଯୁକ୍ତି ବିଷୟରେ ସାଧାରଣରେ ପ୍ରକାଶ ପାଇଲେ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନେ ମଧ୍ୟ ଗ୍ରାମାଞ୍ଚଳରେ ନିର୍ମଳ ମାଂସ କାରଖାନା ସ୍ଥାପନ କରିପାରିବେ। ସମ୍ମିଳନୀରେ ଭାଗ ନେଇଥିବା କେତେକ ବିଶେଷଜ୍ଞ କହିଛନ୍ତି ଯେ ଏ ଦିଗରେ ଗବେଷଣା ଯେପରି ଦ୍ରୁତଗତିରେ ଆଗେଇ ଚାଲିଛି ଖୁବଶୀଘ୍ର ବିଅର ବ୍ରିୱେରି ପରି ମାଂସ ବ୍ରିୱେରି ମଧ୍ୟ ଦେଖିବାକୁ ମିଳିବ। ଭାରତରେ କୁକୁଡ଼ା ମାଂସ ଉତ୍ପାଦନ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ଭେଙ୍କିଜ୍ ଗୋଷ୍ଠୀ ଏବେ ଏହି ନିର୍ମଳ ମାଂସ ଜ୍ଞାନକୌଶଳ ହାସଲ କରିବାକୁ କଥାବାର୍ତ୍ତା ଚଳେଇଛି। ଏବେ ନୂଆ କରି ଏହି ଜ୍ଞାନକୌଶଳ ବିକଶିତ ହୋଇଥିବାରୁ ଏହା ବ୍ୟୟସାପେକ୍ଷ ରହିଛି। ସେହିପରି ଭାରତରେ ଏଯାଏଁ ଏନେଇ କୌଣସି ନିୟନ୍ତ୍ରଣମୂଳକ ନୀତି ନିର୍ଦ୍ଦେଶାବଳି ପ୍ରସ୍ତୁତ ହୋଇନାହିଁ। ଏଭଳି କାରଖାନା ପ୍ରସ୍ତୁତ ମାଂସର ଗୋଟିଏ ମନ୍ଦ ଦିଗ ହେଉଛି ବହୁଳ ପରିମାଣରେ ଏହାର ଉତ୍ପାଦନ ହେଲେ ଏହା ସଂକ୍ରାମକ ରୋଗର ବାହକ ହେବାର ଆଶଙ୍କା ରହିଛି।

## କେମିତି କଟିବ ଏ ସପ୍ତାହ

**ମେଷ** – ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ବୃଷ** – କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ବନ୍ଧୁଙ୍କ ଦ୍ୱାରା ଅଧିକ ଲାଭବାନ୍ ହେବେ।

**ମିଥୁନ** – ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**କର୍କଟ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ସିଂହ** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କନ୍ୟା** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ତୁଳା** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।


**ବିଛା** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ଧନୁ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମକର** – ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କୁମ୍ଭ** – କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ।

**ମୀନ** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୦୬୩୪୧୧

# ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ଏମ୍‌ଏସଏମ୍‌ଇ କ୍ଲଷ୍ଟର



**ଭୁବନେଶ୍ୱର :** ଗରିବ ଲୋକଙ୍କୁ କାମ ଦରକାର। ଓଡ଼ିଶାର ଜନସଂଖ୍ୟାର ୪୦% ହେଉଛନ୍ତି ଅନୁସୂଚିତ ଜାତି ଓ ଜନଜାତି ବର୍ଗର। ଏମାନଙ୍କ ମଧ୍ୟରୁ ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଛନ୍ତି। ତେଣୁ ଗରିବ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ନିଜ ରାଜ୍ୟରେ ରୋଜଗାର ଯୋଗାଇ ଦିଆଯିବ। ଏଥିପାଇଁ ଓଡ଼ିଶାର ୩୦ ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର୍ ପ୍ରତିଷ୍ଠା କରିବାକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ବିଭାଗ ଯୋଜନା ପ୍ରସ୍ତୁତ କରିଛି ବୋଲି କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି। ଭୁବନେଶ୍ୱରର ମଞ୍ଚେଶ୍ୱରରେ ନ୍ୟାସନାଲ୍ ଏସ୍‌ସି-ଏସ୍‌ଟି ହବ୍ ଓ 'ଧର୍ମପଦ ଭବନ'ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଥିଲେ, ଗତ ୪ ବର୍ଷରେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ବିଭାଗ ୧୮ ଲକ୍ଷ ଯୁବ ଉଦ୍ୟୋଗୀ ସୃଷ୍ଟି କରିଛି। ଫଳରେ ୨ କୋଟି ଯୁବକ ଯୁବତୀଙ୍କୁ ରୋଜଗାର ମିଳିଛି। ଓଡ଼ିଶାର କନ୍ଧମାଳ ହଳଦୀ ପାଇଁ ଏକ କ୍ଲଷ୍ଟର ପ୍ରତିଷ୍ଠା ହୋଇଛି। ସେହିପରି କିଆଫୁଲରୁ ସୁଗନ୍ଧିତ ଅତର ପ୍ରସ୍ତୁତ ପାଇଁ ମଧ୍ୟ କ୍ଲଷ୍ଟର୍ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାର ଏହି ପ୍ରକଳ୍ପ କରିବା ପାଇଁ କେନ୍ଦ୍ରୀୟ ସଚିବଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଯଦି ରାଜ୍ୟ ସରକାର ନକରିବେ, ତେବେ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ବିଭାଗ ଏହାକୁ ପ୍ରତିଷ୍ଠା କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଥିଲେ। ଓଡ଼ିଶାରେ ବୟନ ଶିଳ୍ପର ଉଚ୍ଚ ପରମ୍ପରା ଥିଲା ବେଳେ ଓଡ଼ିଶାର ୩୦ ହଜାର ଶ୍ରମିକ ତାମିଲନାଡୁରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରେ ହିଞ୍ଜିଳିକାଟୁ ଗୌରୀ ଗୌଡ଼ାଙ୍କୁ ସେ ତାଙ୍କର ତାମିଲନାଡୁ ଗସ୍ତ ସମୟରେ ଚିହ୍ନଟ କରିଥିଲେ। ଯଦି ଓଡ଼ିଶାରେ ଗୌରୀ ଭଳି ଯୁବତୀଙ୍କୁ ନିଯୁକ୍ତି ମିଳିବ, ତେବେ କେହି ବାହାର ରାଜ୍ୟକୁ ଯିବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଚାକିରି ପାଇଁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବକମାନଙ୍କୁ ଆଉ ରୋଜଗାର ପାଇଁ ବାହାର ରାଜ୍ୟକୁ ଯିବାକୁ ପଡ଼ିବନାହିଁ। ୨୦୨୨ ବେଳକୁ ନୂଆଭାରତ ଗଠନ ହେବ। ରାଜ୍ୟରେ ୮୫ ପ୍ରତିଶତ ଲୋକଙ୍କ ପାଇଁ ଏବେ ରୋଜଗାର ମୁଖ୍ୟ ସମସ୍ୟା। ଓଡ଼ିଶାରେ ଏଲପିଜି ଟ୍ୟାଙ୍କର ବାହାରୁ ଆସୁଥିବା ବେଳେ ଏବେ ଏହା ଓଡ଼ିଶାରେ ରହିବ। ସେଥିରେ ୨୨ ପ୍ରତିଶତ ଏହି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ମହାକାଳପଡ଼ା ଥାନା ଅଭିଯୁକ୍ତ ମୃତ୍ୟୁ ମାମଲା

# କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଡିଜିଙ୍କ ନିର୍ଦ୍ଦେଶ

**କଟକ :** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନାର ଜଣେ ଅଭିଯୁକ୍ତ ହାଜତରୁ ଖସିଯିବା ପରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ପୁଲିସ ମହାନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ଦେଇଛନ୍ତି। ଜଣେ ଡିଏସପି ପାହ୍ୟା ଅଧିକାରୀ ଏହି ମାମଲାର ତଦନ୍ତ କରିବାକୁ ଡିଜିଙ୍କ ଦ୍ୱାରା ପ୍ରଦାନ ଆଦେଶନାମାରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଏକ ମୋବାଇଲ ଚୋରି ଘଟଣାରେ ରୁଜୁ ହୋଇଥିବା କେସ ନଂ ୪୫/୨୮-୪-୧୮ ଆଇପିସି ୪୫୭, ୩୮୦ରେ ମହାକାଳପଡ଼ା ଥାନା ପୁଲିସ ମାର୍ଶାଘାଇ ଥାନା ଅନ୍ତର୍ଗତ ବଳଣାର ଅବିନାଶ ପାଇଟାଲ(୨୫)କୁ ଗିରଫ କରିଥିଲା । ଗିରଫ ପରେ ଅବିନାଶକୁ ହାଜତରେ ରଖାଯାଇଥିଲା। ହଠାତ୍ ଅବିନାଶ ଥାନାରୁ ଖସିଯାଇ ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଗୃହରେ ଆତ୍ମହତ୍ୟା କରିଥିଲା । ଏହାକୁ ନେଇ ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେବାରୁ ପୁଲିସ ମହାନିର୍ଦ୍ଦେଶକ ମହାକାଳପଡ଼ା ଥାନାଧିକାରୀ ଶ୍ୟାମଘନ ପରିଡାଙ୍କୁ ନିଲମ୍ବନ କରିଥିଲେ । ଏହାର ନିରପେକ୍ଷ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି । ଡିଏସ୍‌ପିଙ୍କ ନେତୃତ୍ୱରେ ଏକ କ୍ରାଇମ୍‌ବ୍ରାଞ୍ଚ ଟିମ୍ ମହାକାଳପଡ଼ା ଥାନା ଯାଇଥିବା କ୍ରାଇମ୍‌ବ୍ରାଞ୍ଚ ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

# ଗାନ୍ଧି ଜୟନ୍ତୀରେ ମୁକ୍ତ ହେବେ ୧୭ କଏଦୀ

**ଭୁବନେଶ୍ୱର :** ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ସାରା ଭାରତବର୍ଷ ବିଭିନ୍ନ ଜେଲରେ କେତେଜଣ କଏଦୀଙ୍କୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ମହାତ୍ମା ଗାନ୍ଧୀଙ୍କର ୧୫୦ ତମ ଜନ୍ମ ବାର୍ଷିକ ପାଳନ ହେବ। ଏହାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ଜେଲରେ ଥିବା କେତେଜଣ କଏଦୀଙ୍କୁ ମୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ମଧ ବିଭିନ୍ନ ଜେଲରେ ଥିବା ୧୭ ଜଣ କଏଦୀଙ୍କୁ ମୁକ୍ତ କରିବା ନିମନ୍ତେ ରାଜ୍ୟ ଜେଲ ବିଭାଗ ତାଲିକା ପ୍ରସ୍ତୁତ କରିଛି। ଏନେଇ ବିଭାଗୀୟ ଅଧିକାରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତ ହୋଇଥିବା ୧୭ ଜଣ କଏଦୀଙ୍କ ତାଲିକା ଆଇନ ବିଭାଗର ଅନୁମତି ପାଇ ପଠାଯାଇଥିବା ଜଣାପଡ଼ିଛି। ଏହି ତାଲିକାକୁ ଆଇନ ବିଭାଗରୁ ଅନୁମତି ମିଳିବା ପରେ ରାଜ୍ୟପାଳଙ୍କ ପାଖକୁ ଅନୁମତି ନିମନ୍ତେ ପଠାଯିବ ବୋଲି ଜଣାପଡ଼ିଛି। କଏଦୀଙ୍କୁ ଜେଲରୁ ମୁକ୍ତ କରିବା ନିମନ୍ତେ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ଭାବେ କିଛି ଗାଇଡଲାଇନ ଅବଲମ୍ବନ ଜାରି କରିଛନ୍ତି। ଖଲାସ ହେବାକୁ ଥିବା କଏଦୀମାନେ କୌଣସି ଜଘନ୍ୟ ଅପରାଧ କିମ୍ବା ବଡ଼ ଧରଣର ଠକେଇ ମାମଲାରେ ସମ୍ପୃକ୍ତ ନ ଥିବେ। ଦୋଷୀ ସାବ୍ୟସ୍ତ ହୋଇଥିବା କଏଦୀଙ୍କୁ ମିଳିଥିବା ଦଣ୍ଡବିଧାନର ୬୦% ଅବଧି ଜେଲରେ କାଟି ସାରିଥିବେ ନଚେତ ତାଙ୍କ ବୟସ ୭୦ରୁ ଉର୍ଦ୍ଧ୍ୱ ହୋଇଥିବ। ଏହି ଆଧାରରେ କଏଦୀଙ୍କ ମୁକ୍ତି କଥାକୁ କାରାଗାର ବିଭାଗ ଚିନ୍ତା କରି କଏଦୀଙ୍କୁ ମୁକ୍ତ କରିବ ବୋଲି କେନ୍ଦ୍ର ସରକାର ନିୟମ ଜାରି କରିଛନ୍ତି।


## ଭବାନୀପାଟଣା ପୌର ପରିଷଦ

**ଶୁଭେଚ୍ଛା ବାର୍ତ୍ତା**

ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ-୨୦୧୮ ଉପଲକ୍ଷେ ଭବାନୀପାଟଣା ପୌର ପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମା'ମାଣିକେଶ୍ୱରୀଙ୍କ ଠାରେ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି। ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଙ୍କଳ୍ପ ନେବା।

**ନିବେଦନ**

୧. ନିଜ ଗୃହ ପାଳିତ ପଶୁ ନିଜ ଆୟତ୍ତରେ ରଖନ୍ତୁ।
୨. ଗୃହ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ।
୩. ନିଜ ପାରିପାର୍ଶ୍ୱିକ ଜାଗାକୁ ପରିଷ୍କାର, ପରିଚ୍ଛନ୍ନ ରଖନ୍ତୁ।
୪. ପରିଷଦର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।

| ଶ୍ରୀମତୀ ସବିତା ପ୍ରଧାନ | ଶ୍ରୀଯୁକ୍ତ ବିଶ୍ୱମ୍ଭର ମିଶ୍ର | ଶ୍ରୀଯୁକ୍ତ ଆଦିତ୍ୟ ନନ୍ଦ |
|---|---|---|
| ଉପାଧ୍ୟକ୍ଷା | ନିର୍ବାହୀ ଅଧିକାରୀ | ଅଧ୍ୟକ୍ଷ |

ତଥା
ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌର ପରିଷଦ।

## କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା

ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଉପଲକ୍ଷେ ଅଭିନନ୍ଦନ ଜଣାଉଅଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରପାଳିକା ତରଫରୁ ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।

**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ**

୧. ୪୦ ଲକ୍ଷ ଟଙ୍କା ବ୍ୟୟରେ ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀର ଉଦ୍‌ଘାଟନ।
୨. ୨୦ ଲକ୍ଷ ଟଙ୍କା ବ୍ୟୟରେ ୪୭ ଗୋଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଅଛି ଏବଂ ୨୦ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି।
୩. ୩୫ଲକ୍ଷ ଟଙ୍କା ବ୍ୟୟରେ ୨ଗୋଟି ନୂତନ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ।
୪. ୭୧ଲକ୍ଷ ଟଙ୍କା ବ୍ୟୟରେ ଉଦୟନଗରଠାରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।
୫. ୩କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ାର ବିଭିନ୍ନ ୱାର୍ଡରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ।
୬. କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ୍ ଡ୍ରେନେଜ୍ ସିଷ୍ଟମର ଯୋଜନା ରହିଅଛି।
୭. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୭ଜଣ ହିତାଧିକାରୀଙ୍କର ଗୃହକାର୍ଯ୍ୟ ଚାଲୁଅଛି ଏବଂ ଅଧିକ ୯୨ଜଣ ହିତାଧିକାରୀ ଚୟନ ହୋଇଅଛି।
୮. ୨କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ ଜାରି ରହିଛି। ଏହାର ଭିତ୍ତିପ୍ରସ୍ତର ସ୍ଥାପନ।
୯. ସରକାରଙ୍କ ଦ୍ୱାରା EESL କମ୍ପାନୀ ଜରିଆରେ କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ଷ୍ଟ୍ରିଟ୍ ଲାଇଟଗୁଡ଼ିକ LED ବଲ୍‌ବ ଦ୍ୱାରା ଉଜ୍ଜ୍ୱଳ ଆଲୋକର ଶୁଭାରମ୍ଭ।
୧୦. କେନ୍ଦ୍ରାପଡ଼ା ସହର ଉପକଣ୍ଠ ତିନିମୁହାଣୀ, ପୁରୁଣା ମଟର ଷ୍ଟାଣ୍ଡ, ମେଡିକାଲ ଓ ଇଚ୍ଛାପୁରଠାରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ Highmast Light ଲଗାଯାଇଅଛି।
୧୧. ପ୍ରତ୍ୟେକ ୱାର୍ଡରେ 'ଉନ୍ନତି' ଯୋଜନାରେ ୨୫ଲକ୍ଷ ଟଙ୍କା ବ୍ୟୟ କରାଯାଇ ପ୍ରତ୍ୟେକ ୱାର୍ଡରେ ରାସ୍ତା, ଡ୍ରେନ୍ ଓ କମ୍ୟୁନିଟି ସେଣ୍ଟରର ଶୁଭାରମ୍ଭ।
୧୨. ବିଜୁ ଯୁବ ବାହିନୀ ଗଠନ କରାଯାଇ ଯୁବଗୋଷ୍ଠୀଙ୍କୁ ନିୟୋଜନ।
୧୩. କେନ୍ଦ୍ରାପଡ଼ା କେନାଲ ଲକ୍ ଠାରୁ ସାନ୍ତସାହି ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଶେଷ ହୋଇଛି।
୧୪. ଉର୍ଦ୍ଧ୍ୱ ଲାଇବ୍ରେରୀ ପାଖରେ ଚିକେନ୍ ମାର୍କେଟ ଖୋଲାଯାଇଛି।
୧୫. ପୌରାଞ୍ଚଳକୁ ଖୁବ୍ ଶୀଘ୍ର ODF ଭାବେ ଘୋଷଣା କରାଯିବ।

| ଶ୍ରୀଯୁକ୍ତ ଦେବପ୍ରସାଦ ବଳ | ଶ୍ରୀଯୁକ୍ତ ସଞ୍ଜୀୟ କୁମାର୍ ମିଶ୍ର, ଓ.ପ୍ର.ସେ (ଏସ୍.ବି.) |
|---|---|
| ନିର୍ବାହୀ ଅଧିକାରୀ | ପ୍ରଶାସକ |
| | ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା |

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ସ୍ୱାୟତ୍ତ ଶାସନ ଦିବସ ୨୦୧୮ର ପବିତ୍ର ଅବସରରେ ଦଶପଲ୍ଲା ପୌରାଞ୍ଚଳର ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭକାମନା।

⇨ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ନାଳଗୁଡ଼ିକୁ ଅବରୋଧ ମୁକ୍ତ କରନ୍ତୁ।
⇨ ଗାଈ, ଗୋରୁ ଏବଂ ଗୃହପାଳିତ ପଶୁ ରାସ୍ତାକୁ ଛାଡନ୍ତୁ ନାହିଁ।
⇨ ବ୍ୟକ୍ତିଗତ ଏବଂ ସାଧାରଣ ଶୌଚାଳୟ ବ୍ୟବହାର କରନ୍ତୁ।
⇨ ବିଜ୍ଞାପିତ ଅଞ୍ଚଳ ପରିଷଦର ନିଜସ୍ୱ କାର୍ଯ୍ୟାଳୟ କୋଠା ନିର୍ମାଣ।
⇨ ପୌରାଞ୍ଚଳକୁ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗ ଅଞ୍ଚଳ ଘୋଷଣା।
⇨ ପ୍ରତ୍ୟେକ ୱାର୍ଡରେ L.E.D. ଲାଇଟ୍ ଆଲୋକୀକରଣ।
⇨ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଡମ୍ପିୟାର୍ଡ ନିର୍ମାଣ।

| ଶ୍ରୀମତୀ ବବିତା ସାହୁ | ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସାହୁ | ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ଶତପଥି |
|---|---|---|
| ଅଧ୍ୟକ୍ଷା | ଉପନଗରପାଳ | ନିର୍ବାହୀ ଅଧିକାରୀ |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା | ଏବଂ | ଏବଂ କର୍ମଚାରୀ ବୃନ୍ଦ |
| | ପରିଷଦର ସଭ୍ୟ / ସଭ୍ୟାବୃନ୍ଦ, ଦଶପଲ୍ଲା | ଦଶପଲ୍ଲା |

## ରାୟଗଡ଼ ପୌର ପରିଷଦ

**ସ୍ୱାୟତ୍ତ ଶାସନ ଦିବସ-୨୦୧୮ ଉପଲକ୍ଷେ ରାୟଗଡ଼ ପୌରପରିଷଦ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପଥରେ ଆଗେଇ ନେବାରେ ସହଯୋଗ କାମନା କରୁଅଛୁ।**

- ଆଗାମୀ ଦିନ ମାନଙ୍କରେ ରାଜ୍ୟ ସରକାରଙ୍କର ଖାଦ୍ୟ ସୁରକ୍ଷା ନିୟମରେ ଗରିବ ଲୋକଙ୍କୁ ୧.୦୦ରେ ଚାଉଳ ରାୟଗଡ଼ ପୌରପରିଷଦର ୩,୦୯୦ ଗରିବ ପରିବାରଙ୍କୁ ଦେବାକୁ ହାତକୁ ନେଇଛୁ।
- ଆବାସ ଯୋଜନାରେ ବିଗତ ଦୁଇବର୍ଷ ମଧ୍ୟରେ ଗରିବ ପରିବାରଙ୍କୁ ଗୃହ ଯୋଗାଇଛୁ।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ୯୮ ଗୋଟି ଜଳଯୋଗାଣ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରି ସହରରେ ଜଳଯୋଗାଣର ସୁବନ୍ଦୋବସ୍ତ କରାଯାଇଛି।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ୭୧ ସାହିକୁ ଆଲୋକ ଯୋଗାଇବାରେ ସଫଳ ହୋଇଛୁ।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ସର୍ବମୋଟ ୮ ଗୋଟି ଗୋଷ୍ଠି ଶୌଚାଳୟ ନିର୍ମାଣ କରି ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ଚେଷ୍ଟା କରିଛୁ।
- ବିଗତ ୫ ବର୍ଷରେ ବିଭିନ୍ନ ୱାର୍ଡରେ ୯ ଗୋଟି ଗୋଷ୍ଠିକେନ୍ଦ୍ର ନିର୍ମାଣ କରି ସହରର ଭାଇଚାରା ବଞ୍ଚାଇଛୁ ଏବଂ ଯୁବଗୋଷ୍ଠୀକୁ ପ୍ରୋତ୍ସାହନ ଦେଇଛୁ।
- ପ୍ରମୁଖ ଉପଲବ୍ଧି ମଧ୍ୟରୁ ରାଣିଗୁଡା ଠାରେ ନବନିର୍ମିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ନିର୍ମାଣ କରି ସହରବାସୀଙ୍କ ବହୁତ ଦିନର ସ୍ୱପ୍ନକୁ ପୂରଣ କରିବାରେ ସଫଳ ହୋଇଛୁ।
- ପୌର ସମ୍ପତ୍ତିର ସୁରକ୍ଷା ଓ ରକ୍ଷଣାବେକ୍ଷଣରେ ସହଯୋଗ କରନ୍ତୁ।
- ପରିବେଶର ସୁରକ୍ଷା ପାଇଁ ଗୃହ ସମ୍ମୁଖରେ ବୃକ୍ଷ ରୋପଣ କରନ୍ତୁ।
- ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ନିଜ ନିଜର ସେପ୍‌ଟିକ ପାଇଖାନା ନିର୍ମାଣ ନିମନ୍ତେ ପଞ୍ଜିକୃତ ହୋଇ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପାଆନ୍ତୁ।
- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶ ମୂଳକ କାର୍ଯ୍ୟରେ ଲଗାଯାଇଥାଏ, ଏଣୁ ଟିକସ ଆଦାୟ କାରୀକୁ ସାହାଯ୍ୟ କରନ୍ତୁ।

| ଡଃ ନିରଞ୍ଜନ ପ୍ରସାଦ ବକ୍ସିପାତ୍ର | | ଶ୍ରୀମତୀ ଭି ଗୌରୀ ଜୟନ୍ତୀ |
|---|---|---|
| ଉପାଧ୍ୟକ୍ଷ | ଏବଂ ସମସ୍ତ ପାରିଷଦ ବୃନ୍ଦ | ଅଧ୍ୟକ୍ଷା |
| ରାୟଗଡ଼ ପୌରପରିଷଦ | ରାୟଗଡ଼ ପୌରପରିଷଦ | ରାୟଗଡ଼ ପୌରପରିଷଦ |

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡ଼ାରୀ

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ। ଆପଣ ମାନଙ୍କ ଜୀବନ ସୁଖ ଓ ସମୃଦ୍ଧିମୟ ହେଉ।

**ବାର୍ତ୍ତା**

୧. ଆମ୍ଭ ସହରକୁ ସଫା ସୁତୁରା ରଖିବା।
୨. ଠିକ୍ ସମୟରେ ପରିଷଦର ଦେୟ ପୈଠ କରି ରିହାତିର ଲାଭ ନେବା।
୩. ପରିମଳ ଜନିତ ପାଇଖାନା ବ୍ୟବହାର କରିବା।
୪. ରାସ୍ତା କଡ଼ରେ ଗାଈ ଗୋରୁ ଛାଡିବା ନାହିଁ।
୫. ସମସ୍ତେ ମିଶି ବୃକ୍ଷ ରୋପଣ କରିବା।

| ଶ୍ରୀମତୀ ସୁଜାତା ପାତ୍ର | ଶ୍ରୀ ଶିବ ପ୍ରସାଦ ସାହୁ | ଶ୍ରୀମତୀ ଗାୟତ୍ରୀ ଦେବୀ ସାହୁ |
|---|---|---|
| ଅଧ୍ୟକ୍ଷା | ଉପନଗରପାଳ | ନିର୍ବାହୀ ଅଧିକାରୀ |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ | ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ | ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୁଡାରୀ |

**ଏବଂ ପରିଷଦର ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗୁଡାରୀ ସହରବାସୀଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରୁଅଛୁ।**

## ବାରିପଦା ପୌରପାଳିକା, ବାରିପଦା

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ - ୨୦୧୮ ଅବସରରେ ବାରିପଦା ବାସୀଙ୍କୁ ପୌରପାଳିକାର ହାର୍ଦ୍ଦିକ ଅଭିନନ୍ଦନ। ଏ ସହରର ସର୍ବାଙ୍ଗୀନ ଉନ୍ନତି ଓ ସୁନ୍ଦର ପରିବେଶ ନିମନ୍ତେ ଆପଣମାନଙ୍କ ସାହାଯ୍ୟ ସହଯୋଗରେ ବାରିପଦା ପୌରପାଳିକାକୁ ରାଜ୍ୟର ସର୍ବଶ୍ରେଷ୍ଠ ପୌରପାଳିକା ଭାବେ ଗଢ଼ି ତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ।

*ସଫଳତା -*


- ବାରିପଦା ପୌରପରିଷଦ ସହର ଏବଂ ବିଭିନ୍ନ ୱାର୍ଡରେ ରାସ୍ତା, ନାଳ ଓ କାଲଭାର୍ଟ ନିର୍ମାଣ ଏବଂ ଉନ୍ନତିକରଣ କରାଯାଇଅଛି।
- କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଦୋକାନ ଗୃହ ନିର୍ମାଣ କରାଯାଇଅଛି।
- ୱାର୍ଡ ସଂଖ୍ୟା ୧୫ରେ ଥିବା ପୋଖରୀକୁ ପୁନରୁଦ୍ଧାର କରାଯାଇଅଛି।
- ବାରିପଦା ପୌରପରିଷଦ ଅଞ୍ଚଳରେ ଥିବା ଶ୍ମଶାନ ଯଥା - ବାରୁଣୀ ଶ୍ମଶାନ, ଦାରଗାଡାହି ଶ୍ମଶାନ ଏବଂ ବେଲଗଡିଆ ଶ୍ମଶାନ ଗୁଡିକର ଉନ୍ନତିକରଣ କରାଯାଇଅଛି।
- ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଥଣ୍ଡା ପାନୀୟ ଜଳ ଗୃହ ନିର୍ମାଣ କରାଯାଇଅଛି।
- ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ କରାଯାଇଅଛି।
- ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଅମୃତ ଯୋଜନାରେ ଉଦ୍ଭମାନ ଶୌଚାଳୟ (Hybrid Toilet) ନିର୍ମାଣ କରାଯାଇଅଛି।
- ସହରର ବିଭିନ୍ନ ଅଞ୍ଚଳରେ ପାର୍କିଂ ଜୋନ୍ ନିର୍ମାଣ କରାଯାଇଅଛି।
- ସ୍ୱଚ୍ଛ ବିଦ୍ୟୁତ୍ ଖର୍ଚ୍ଚ ସମ୍ପନ୍ନ ଏଲ୍.ଇ.ଡି ଉଜ୍ଜ୍ୱଳ ଆଲୋକ ବାରିପଦା ପୌରାଞ୍ଚଳରେ ଲଗାଯାଇଅଛି ଏବଂ ଲଗାଯାଉଅଛି।
- ଗତ ମଇ ମାସ-୨୦୧୭ରୁ ବର୍ତ୍ତମାନ ସୁଦ୍ଧା ୫୨୮ ଗୋଟି ବୁଲା କୁକୁରଙ୍କର ଜନ୍ମ ନିୟନ୍ତ୍ରଣର ଅସ୍ତ୍ରୋପଚାର କରାଯାଇଅଛି।

*ଆଗାମୀ ଲକ୍ଷ୍ୟ -*

- ମଧୁବନ ନିକଟରେ ନୂତନ କଲ୍ୟାଣ ମଣ୍ଡପର ନିର୍ମାଣ।
- ଅମୃତ ଯୋଜନାରେ ବାଗତିହା ଏବଂ ଶ୍ରୀପଦଗଞ୍ଜରେ ପାର୍କ ନିର୍ମାଣ।
- କୃଷ୍ଣଚନ୍ଦ୍ର ଗୋଲେଇ ନିକଟରୁ ମୁଖ୍ୟ ଡାକ୍ତରଖାନା ଆଡକୁ ଯାଉଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଦୋକାନ ଗୃହ ନିର୍ମାଣ।
- ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣର ଉନ୍ନତିକରଣ।
- ଦିବାରାତ୍ର କଚେରୀ ପରିବା ମାର୍କେଟରେ ଦୋକାନ ଗୃହ ଓ କଂସେଇଖାନା ନିର୍ମାଣ।
- ବାରିପଦା ପୌରପରିଷଦର ବିଭିନ୍ନ ଅଞ୍ଚଳରେ ଭେଣ୍ଡିଂ ଜୋନ୍ ଓ ପାର୍କିଂ ଜୋନ୍ ନିର୍ମାଣ।
- ୱାର୍ଡ ସଂଖ୍ୟା ୨୫, ଦେବେନ୍ଦ୍ରପୁରରେ ନୂତନ ଶ୍ମଶାନ ଘର ନିର୍ମାଣ।
- ମଧୁବନ ମିନି ଷ୍ଟାଡିୟମରେ Jogging Track ନିର୍ମାଣ।
- ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ।
- ପୌରପରିଷଦର ବିଭିନ୍ନ ଅଞ୍ଚଳରେ ସର୍ବସାଧାରଣଙ୍କ ନିମନ୍ତେ ଅମୃତ ଯୋଜନାରେ ଉଦ୍ଭମାନ ଶୌଚାଳୟ (Hybrid Toilet) ନିର୍ମାଣ।
- ସେପ୍ଟେମ୍ବର ୩୦,୨୦୧୮ ମସିହା ସୁଦ୍ଧା ବାରିପଦା ସହରକୁ ବାହ୍ୟ ମଳ ମୁକ୍ତ ଅଞ୍ଚଳ (ଓ.ଡି.ଏଫ୍) ଭାବେ ଘୋଷଣା କରାଯିବାର ସିଦ୍ଧାନ୍ତ ହୋଇଛି।

| ଶ୍ରୀ ସରୋଜ କୁମାର ଦାଶ, ଓ.ପ୍ର.ସେ. ଏସ୍.ବି. (ବରିଷ୍ଠ) | ଶ୍ରୀ ଜିତେନ୍ଦ୍ର ମହାନ୍ତି | ଶ୍ରୀମତୀ ବବିତା ଦାସ |
|---|---|---|
| ନିର୍ବାହୀ ଅଧିକାରୀ | ଉପ-ନଗରପାଳ | ନଗରପାଳ |
| ବାରିପଦା ପୌରପାଳିକା | ବାରିପଦା ପୌରପାଳିକା | ବାରିପଦା ପୌରପାଳିକା |

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୩ - ୦୯ ସେପ୍ଟେମ୍ବର, ୨୦୧୮

# କୁସଙ୍ଗ, କୁପରିଣାମ

ଉଚ୍ଚ ପିଣ୍ଡାରେ ବସି ନିଜକୁ ସର୍ବଶ୍ରେଷ୍ଠ ମନେ କରିବା ଓ ସର୍ବଶ୍ରେଷ୍ଠ ଭାବେ ନିଜକୁ ପ୍ରତିପାଦିତ କରିବା ଭିତରେ ଅନେକ ତଫାତ। କାର୍ଯ୍ୟଧାରାରେ କୁଶଳତା ଦେଖାଇବା ଓ ସାଧନାରେ ମଗ୍ନ ରହି ଉଚ୍ଚତର ସୋପାନରେ ପହଞ୍ଚିବାକୁ ଯେଉଁ ନିଷ୍ଠା ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି ତାହା ଯଦି ଜଣେ ବ୍ୟକ୍ତି ପାଖରେ ନଥାଏ ତେବେ ସେ ନିଜକୁ ଯେତେ ଉଚ୍ଚ କହିଲେ ବି ଉଚ୍ଚ ହୋଇପାରେନାହିଁ। ସାମ୍ପ୍ରତିକ ସମାଜରେ ଶିକ୍ଷିତ ଯୁବପିଢ଼ି ଏବେ ଏଭଳି ଏକ ମାନସିକତାରେ ପହଞ୍ଚି ଯାଇଛନ୍ତି ଯେ, ନିଜକୁ ସେ କୌଣସି କ୍ଷେତ୍ରରେ ଗୌଣ ମନେ କରୁନାହାନ୍ତି। ଅଥଚ ସେମାନଙ୍କ ନିକଟରେ ସେଭଳି କିଛି ଦକ୍ଷତା ନାହିଁ ଯାହା ସମାଜ ବା ପରିବାର ସହଜରେ ସ୍ୱୀକାର କରିପାରିବ। କିନ୍ତୁ କେତେକ ଯୁବକ ଓ ଯୁବତୀ ଶିକ୍ଷା ସମାପ୍ତ ପୂର୍ବରୁ ବା ପରେ ନିଜକୁ ଏଭଳି ଭାବେ ଉପସ୍ଥାପିତ କରୁଛନ୍ତି ଯେଉଁଥିରେ ସେମାନଙ୍କର ପୂର୍ବପୁରୁଷ ସତେଯେମିତି କୌଣସି ଏକ ବିରାଟ ଅଞ୍ଚଳର ଜମିଦାର ଥିଲେ। ସେହି ସୂତ୍ର ଆଧାରରେ ନିଜେ ମିଛ ଆଭିଜାତ୍ୟର ବଡିମା ଦେଖାଇବା ସହିତ ଅନ୍ୟ ନିକଟରେ ନିଜକୁ ସ୍ୱତନ୍ତ୍ର ବୋଲି ଦାବି କରିବା ହାସ୍ୟାସ୍ପଦ ମନେହୁଏ। କାରଣ ଏଭଳି କିଛି ଯୁବକ, ଯୁବତୀ ଅଛନ୍ତି ଯେଉଁମାନଙ୍କ ପରିବାରର ଅତ୍ୟନ୍ତ ନଗଣ୍ୟ ବା ଗରିବ ଅବସ୍ଥାରୁ ଆସି ସମାଜରେ ନିଜର ସାମାନ୍ୟ ସ୍ଥିତାବସ୍ଥା ଜାହିର କରିପାରିଛନ୍ତି। ଆତ୍ମବଡିମାର ମିଥ୍ୟା ପ୍ରହସନ ଭିତରେ ବାସ୍ତବ ଚିତ୍ର ଓ ଚରିତ୍ରକୁ ଲୁଚାଇ ସେମାନେ ନିଜକୁ କାହିଁକି ଏଭଳି ଉପସ୍ଥାପିତ କରୁଛନ୍ତି ତାହା ବିଚିତ୍ର ଲାଗେ। ଅନେକ ଶିକ୍ଷିତ ଯୁବକ ବା ଯୁବତୀ ଶିକ୍ଷା ସମାପ୍ତ ପରେ ପରିବାର ତଥା ନିଜର ପ୍ରତିପୋଷଣ ପାଇଁ ଆଦୌ ଧ୍ୟାନ ଦେଉ ନଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ପରିବାର ଉପରେ ଆର୍ଥିକ ବୋଝ ବଢ଼ିଚାଲିବା ସହିତ ବାପା ମା'ମାନେ ପିଲାଟିର ଭବିଷ୍ୟତ ପାଇଁ ଚିନ୍ତା କରିବା ଓ ଦୈନନ୍ଦିନ ଖର୍ଚ୍ଚ ପାଇଁ ଅର୍ଥ ଯୋଗାଇବା କ୍ଷେତ୍ରରେ ବିଫଳ ହେଉଛନ୍ତି। ଫଳରେ ସମ୍ପୃକ୍ତ ପରିବାରରେ ଅଶାନ୍ତିର ବାତାବରଣ ଦେଖାଦେବା ସହିତ କେତେକ କ୍ଷେତ୍ରରେ ପରିବାରଟି ସମ୍ପୂର୍ଣ୍ଣ ଉଜୁଡି ଯିବାକୁ ବସୁଛି। ପୂର୍ବେ ଏଭଳି କିଛି ଦେଖାଯାଉ ନଥିଲା। ପରିବାର ପୁଅ କିମ୍ବା ଝିଅ ଉଚ୍ଚଶିକ୍ଷା ଲାଭ କଲେ ସେମାନେ ଯେ ପରିବାରର ସମ୍ପଦ ହୋଇପାରିବେ ବୋଲି ମନେ କରାଯାଉଥିଲା। କାରଣ ଚାକିରି ଖଣ୍ଡିଏ ପାଇବା ପୂର୍ବରୁ ଓ ପରେ ସେମାନେ ପରିବାରର ଆର୍ଥିକ ସ୍ଥିତି ଓ ଦୁସ୍ଥିତି ସମ୍ପର୍କରେ ଅବଗତ ରହି ସେହି ଅନୁସାରେ କାର୍ଯ୍ୟମାନ କରୁଥିଲେ। ଏବେ ଆଉ ଏ ଅବସ୍ଥା ନାହିଁ। ବର୍ତ୍ତମାନର ଯୁବପିଢ଼ି ସମ୍ପୂର୍ଣ୍ଣ ବିପଥଗାମୀ ବା କୁପଥଗାମୀ ହୋଇ କୁସଙ୍ଗରେ ପଡି ଅଯଥା ଅର୍ଥ ଶ୍ରାଦ୍ଧ କରିବା ସହିତ ନିଜର ବଡିମା ଦେଖାଇବା ପାଇଁ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏଥିରେ ବିରୋଧାଭାଷ ଦେଖାଦେଲେ ସମ୍ପୃକ୍ତ ଯୁବତୀ ବା ଯୁବକ ବାପା ମା', ଗୁରୁଜନ ଓ ଅଭିଭାବକମାନଙ୍କୁ ଏଭଳି ବ୍ୟବହାର ଦେଖାଉଛନ୍ତି ଯାହା କେବେ ତାଙ୍କ ନିକଟରୁ ଆଶା କରାଯାଉ ନଥିଲା। ତେବେ ଏଭଳି କାହିଁକି ?

କିଛି ଲୋକଙ୍କ ମତରେ ଏହା ସଂସ୍କାରର ଅଭାବ। ତେବେ ଏହି ସଂସ୍କାରଟି କ'ଣ ବୋଲି ମନେ କରିବା। ବାଲ୍ୟାବସ୍ଥାରୁ ପିଲାର ଉତ୍ତମ ଲାଳନ ପାଳନ ସହିତ କୈଶୋର ଅବସ୍ଥାରେ ସେମାନଙ୍କୁ ଭଲ ବିଦ୍ୟାଳୟରେ ପାଠ ପଢ଼ାଇବା କ'ଣ ସଂସ୍କାର ନୁହେଁ? ପିଲାଟି ବିଦ୍ୟାଳୟରେ ପାଠ ପଢ଼ିଲା ବେଳେ ତା'ର ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ



ସମ୍ପାଦକୀୟ
ତାରକ ମହାନ୍ତି

ବହନ କରିବା ସହିତ ପିଲାଟି ଯେଭଳି ଭଲ ପାଠ ପଢ଼ିବ ସେ ଦିଗରେ ପିତାମାତାମାନେ ଧ୍ୟାନ ଦେଇଥାନ୍ତି। କେଉଁଠି କିଛି ଉଣା ହେଲେ କାଳେ ପିଲାଟି ଉପରେ ଏହାର ପ୍ରଭାବ ପଡିବ କିମ୍ବା ଅଭାବ ଅସୁବିଧା ଯୋଗୁଁ ପିଲାଟି ଭଲ ପଢ଼ିପାରିବ ନାହିଁ ସେହି କଥାକୁ ବାପା ମା' ଗୁରୁତ୍ୱ ଦିଅନ୍ତି। ପରିବାରର ଆର୍ଥିକ ସମସ୍ୟା ଯାହାବି ଥାଉନା କାହିଁକି ଏକଥା ପିଲାଟି ମନରେ ଯେଭଳି କୌଣସି ପ୍ରଭାବ ପକାଇବ ନାହିଁ ବା ତା'ର ପାଠପଢ଼ାକୁ ପ୍ରଭାବିତ କରିବ ନାହିଁ ସେ କଥାକୁ ଧ୍ୟାନ ଦେଇ ବାପା ମା' ଅଧିକ ତତ୍ପର ହୋଇଥାନ୍ତି। ବିଦ୍ୟାଳୟ ଶିକ୍ଷା ପରେ ଉଚ୍ଚଶିକ୍ଷା ପାଇଁ ପିଲାଟି ଚୟନ ହେଲା ପରେ ପରିବାରର ଅବସ୍ଥା ସମ୍ପର୍କରେ ବାପା ମା'ମାନେ ଧ୍ୟାନ ନଦେଇ ପିଲାଟିର ଭବିଷ୍ୟତକୁ ଆଖିଆଗରେ ରଖି ଆବଶ୍ୟକ ସ୍ଥଳେ ଋଣ କରି ପାଠ ପଢ଼ାଇବାକୁ ବାଧ୍ୟ ହୋଇଥାନ୍ତି। ହେଲେ ପାଠପଢ଼ା ସମୟରେ ପିଲାମାନେ ଏକଥା ପ୍ରତି ଧ୍ୟାନ ନଦେବା ସ୍ୱାଭାବିକ। କିନ୍ତୁ ଶିକ୍ଷା ସମାପ୍ତ ପରେ ସେମାନଙ୍କର ନୈତିକ ଦାୟିତ୍ୱ କ'ଣ ତାହା ଯଦି ବୁଝି ନପାରିବେ ଏଥିରେ ବାପା ମା'ଙ୍କର ଦୋଷ କ'ଣ ? ଆଉ କିଛି ବିଜ୍ଞ ଲୋକଙ୍କର କହିବା କଥା ବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ପିଲାଟି କେଉଁ କେଉଁ ମାନଙ୍କ ସହିତ ସାଙ୍ଗ ହେଉଛି ତାହା ଅଭିଭାବକ ବା ପିତାମାତାମାନେ ଧ୍ୟାନ ନଦେବା ଦ୍ୱାରା ଏଭଳି ସମସ୍ୟା ଉପୁଜୁଛି। ବାସ୍ତବିକ, ଏହି ଧ୍ୟାନ ଦେବା କଥାଟି କେତେକାଂଶରେ ସତ ହୋଇଥିଲେ ବି ପିଲାମାନେ ପାଠପଢ଼ିବାକୁ ଗଲା ବେଳେ ସେମାନଙ୍କ ଚିନ୍ତାଧାରାକୁ ଜଗି କେବଳ ଆକଟ କରିବା ବ୍ୟତିରେକ ଆଉ କ'ଣ କରିହେବ। ଷ୍ଟାଟସ୍ ସିମ୍ବଲ ଥିବା ବିଦ୍ୟାଳୟ ମାନଙ୍କରେ ଧନୀ ଘରର ପିଲାମାନେ ପାଠ ପଢୁଥିଲା ବେଳେ ଏମାନଙ୍କ ମଝିରେ ନିମ୍ନ ମଧ୍ୟବିତ୍ତ ବା ମଧ୍ୟବିତ୍ତ ପରିବାରର ପିଲାମାନେ ମଧ୍ୟ ପଢ଼ିଥାନ୍ତି। ହେଲେ ଧନୀ ଘରର ପିଲାମାନଙ୍କର ପୋଷାକପତ୍ର ଠାରୁ ଆରମ୍ଭ କରି ଚାଲି, ଚଳଣୀ, ଖାଇବା, ପିଇବା ଏମାନଙ୍କ ଠାରୁ ନିଶ୍ଚୟ ପାର୍ଥକ୍ୟ। ହେଲେ ଉଭୟ ପରିବାରର ପିଲାମାନଙ୍କ ଲକ୍ଷ୍ୟ ଏକ ହେବା ଉଚିତ୍। ଏହା ହେଉଛି ଉତ୍ତମ ଶିକ୍ଷା। ତେଣୁ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ପିଲାମାନେ ଯେତେବେଳେ ଶିକ୍ଷା ପ୍ରତି ଗୁରୁତ୍ୱ ନ ଦେଇ ଧନୀ ଘରର ପିଲାମାନଙ୍କୁ ବା ସେମାନଙ୍କ ଖର୍ଚ୍ଚ ଶୈଳୀକୁ ଅନୁସରଣ କରିବା ଆରମ୍ଭ କରିଦିଅନ୍ତି ସେତିକିବେଳେ ଏହି ଭବିଷ୍ୟତ ସମସ୍ୟାର ଜନ୍ମ ହୋଇସାରିଥାଏ। ଯାହାକୁ ପ୍ରାରମ୍ଭିକ ଅବସ୍ଥାରେ ଜାଣିବା ବା ବୁଝିବା ପରିପାର ପକ୍ଷରେ ଅତ୍ୟନ୍ତ କଷ୍ଟସାଧ୍ୟ। ଧିରେ ଧିରେ ପିଲାମାନେ ପରିବାରର ଅବସ୍ଥା ବା ସଙ୍କଟ ପ୍ରତି ସଚେତନ ହୋଇ ଆଗକୁ କାମ କରିବେ ଏହି ଲକ୍ଷ୍ୟରେ ସେମାନଙ୍କ ପାଠପଢ଼ା ପ୍ରତି ଗୁରୁତ୍ୱ ଦିଆଯାଉଥିଲେ ବି ଏକଥାକୁ ପରେ କିନ୍ତୁ ସେହି ପିଲାମାନେ ବୁଝନ୍ତିନି। ବରଂ ପରିବାର ନିକଟରେ ଧନୀ ଘର ପିଲାଙ୍କ ଖର୍ଚ୍ଚର ବିବରଣୀ ଦେବା ଓ ସେମାନଙ୍କ ଚଳଣୀ ସମ୍ପର୍କରେ କହି ବାପା ମା'ମାନଙ୍କୁ ଆଘାତ ଦେବା ଏକ ଅଭ୍ୟାସରେ ପରିଣତ ହୋଇଯାଏ।

କେବଳ ଏତିକିରେ କଥା ସରୁନାହିଁ। ବରଂ ଆଜିକାଲିର ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ପିଲାମାନଙ୍କ କଥାବାର୍ତ୍ତା ଆଦୌ ମାର୍ଜିତ ମନେହୁଏନାହିଁ। ସେମାନେ ପୁରୁଣା କାଳିଆ ଗାଁ ଗହଳିର ଅଭଦ୍ର ଭାଷା ବ୍ୟବହାର କରିବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି। ସାଧାରଣରେ ଏହି ଧାରଣା ରହିଛି ଯେ, ଅଶିକ୍ଷିତ ମାନେ କେବଳ ଅଭଦ୍ର ଭାଷା କହିଥାନ୍ତି। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ପୂର୍ଣ୍ଣ ଭୁଲ ବୋଲି ଭାବିବାକୁ ପଡିବ। କଲେଜ ବୟସରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନେ ରାସ୍ତାଘାଟରେ ଓ ଆଡ୍ଡା ମାରୁଥିବା ଦୋକାନ ସାମ୍ନାରେ ଏଭଳି ଭାଷାରେ କଥାବାର୍ତ୍ତା କରନ୍ତି ଯାହା କୌଣସି ଶିକ୍ଷିତ ଓ ଭଦ୍ର ଲୋକ ନିକଟରୁ ଆଶା କରାଯାଏନାହିଁ। ପ୍ରତି କଥାରେ ପୂର୍ଣ୍ଣଚ୍ଛେଦ ନଥିବା ବାକ୍ୟ ଓ ତା' ମଝିରେ ମଝିରେ ଏଭଳି କଥା ମାନ କଥାବାର୍ତ୍ତା ହେଉଛନ୍ତି ଯେଉଁଠି ଗୁରୁଜନ ବା ବୟସ୍କ ଲୋକମାନେ ଆଦୌ ବରଦାସ୍ତ କରିପାରିବେ ନାହିଁ। ଏଥିପାଇଁ ପ୍ରମୁଖ କାରଣ ଭାବେ ନିଶା ସେବନ ବା ଯୁବପିଢ଼ିଙ୍କ ନିଶାଗ୍ରସ୍ତ ହେବାକୁ ଦାୟୀ କରାଯାଉଛି। ଆଧୁନିକ ବେଶ ପୋଷାକ, ମୁକ୍ତ ଜୀବନଯାପନ ଓ ବିଶୃଙ୍ଖଳିତ ଭାବନା ଆଧାରରେ ସେମାନେ ଯେମିତି ନିଜ ନିଜର ଜୀବନକୁ ବଞ୍ଚିବାକୁ ଚାହୁଁଛନ୍ତି ତାହା ସମାଜ ବ୍ୟବସ୍ଥା, ପରମ୍ପରା ଓ ପରିବାରକୁ ଧୂଳିସାତ୍ କରିଦେବା ପାଇଁ ଯଥେଷ୍ଟ। ଏ କ୍ଷେତ୍ରରେ କିଏ, କାହାକୁ ଓ କିଭଳି ବୁଝାଇ ପାରିବ ତାହା ଏକ ବିରାଟ ପ୍ରଶ୍ନବାଚୀ ସଦୃଶ। ଯୁବପିଢ଼ିଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଏ ସମାଜ ବ୍ୟବସ୍ଥା ଓ ପରିବାର ଅକ୍ଳେଶରେ ଧ୍ୱଂସ ପାଇଯିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆଣବିକ ବୋମା ଠାରୁ ବିପଜ୍ଜନକ ହୋଇଯିବ ପ୍ଲାଷ୍ଟିକ



ଅଲେଖ ଚନ୍ଦ୍ର ସାମଲ

ପ୍ରତି ମିନିଟରେ ୧୦ଲକ୍ଷ ପଲିଥିନ୍ ବ୍ୟାଗ, ପ୍ରତିବର୍ଷ ୮୮ଲକ୍ଷ ଟନ୍ ପ୍ଲାଷ୍ଟିକ ସମୁଦ୍ରକୁ ଯାଉଛି। ଦୁଗ୍ଧ ପ୍ୟାକେଟ୍ ଠାରୁ ଆରମ୍ଭ କରି ଔଷଧ ବୋତଲ ପର୍ଯ୍ୟନ୍ତ। ଆଜି ଆମ ଜୀବନରେ ସବୁଠାରୁ ପ୍ଲାଷ୍ଟିକ ଅଛି। ଆମେ ଆଖିବୁଜି ପ୍ଲାଷ୍ଟିକ ବ୍ୟବହାର କରିଚାଲିଛେ। ପ୍ରତିବର୍ଷ ପୃଥିବୀରେ ୫ଶହ ମିଲିୟନ ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହେଉଛି। ପ୍ରତି ମିନିଟ୍‌ରେ ଲକ୍ଷ ଲକ୍ଷ ପ୍ଲାଷ୍ଟିକ ବ୍ୟାଗ୍ ଫୋପଡ଼ା ହେଉଛି। ପ୍ଲାଷ୍ଟିକ ଆମକୁ ଅନେକ ସୁବିଧା ଦେଇଛି ତେବେ ବିପଦକୁ ବରଣ କରିବାର ସର୍ତ୍ତ ସହ, ପ୍ଲାଷ୍ଟିକ ଜନିତ ପ୍ରଦୂଷଣରେ ଭାରତ ଦୁନିଆର ଶୀର୍ଷ ୨୦ ଦେଶ ମଧ୍ୟରେ ଅନ୍ୟତମ। ଭାରତରେ ପ୍ରତିଦିନ ୧୫୩୪୨ ଟନ୍ ପ୍ଲାଷ୍ଟିକ ଆବର୍ଜନା ସୃଷ୍ଟି ହେଉଛି। ଏ ମଧ୍ୟରୁ ୯୨୦୫ ଟନ୍ ପ୍ଲାଷ୍ଟିକ ଆବର୍ଜନା ଏକତ୍ର କରାଯାଉଛି ଏବଂ ୬୧୩୭ଟନ୍ ବିପର୍ଯ୍ୟସ୍ତ ଭାବରେ ଖେଳେଇ ହୋଇ ରହୁଛି। ପ୍ଲାଷ୍ଟିକ ଉପରେ କଟକଣା ପାଇଁ କେନ୍ଦ୍ର ନିୟମ କରିଛି, ରାଜ୍ୟ ଗୁଡ଼ିକରେ ନିଷେଧାଜ୍ଞା ଜାରି ହୋଇଛି ହେଲେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ ହୋଇନି। ୨୦୧୬ରେ କେନ୍ଦ୍ର ସରକାର ନୂତନ ପ୍ଲାଷ୍ଟିକ ନିୟମ ଲାଗୁ କଲେ। ପଲିଥିନ୍‌ର ମୋଟେଇ ୪୦ ମାଇକ୍ରେନ୍‌ରୁ ୫୦ ମାଇକ୍ରେନ୍ କରାଗଲା। ପ୍ଲାଷ୍ଟିକ ଉତ୍ପାଦନକୁ କଲେକ୍ଟ ବ୍ୟାକ୍ ପ୍ରଣାଳୀ ସହ ଯୋଡ଼ାଗଲା। ଅର୍ଥାତ୍ ନିର୍ମାତାଙ୍କ ଉପରେ ବଜାରରୁ ପ୍ଲାଷ୍ଟିକ ଫେରାଇ ନେବାର ଦାୟିତ୍ୱ ଦିଆଗଲା। ପଞ୍ଜାବ, ମଧ୍ୟପ୍ରଦେଶ, ଜାମ୍ମୁ-କାଶ୍ମୀର, ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ରାଜସ୍ଥାନ, ହିମାଚଳପ୍ରଦେଶ, ଗୋଆ ଓ ପଶ୍ଚିମବଙ୍ଗ ମଧ୍ୟ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ବର୍ତ୍ତମାନ ପ୍ଲାଷ୍ଟିକ ଆବର୍ଜନା ଉତ୍ପାଦନରେ ସବୁଠାରୁ ଆଗରେ ମହାରାଷ୍ଟ୍ର, ଗୁଜୁରାଟ ଓ ତାମିଲନାଡୁ ଅଛନ୍ତି। ଦିଲ୍ଲୀରେ ପରିବେଶର ସର୍ବାଧିକ କ୍ଷତି କରୁଥିବା ଡିସ୍ପୋଜେବୁଲ ବାସନ ଓ ଅନ୍ୟାନ୍ୟ ଉପକରଣର ବ୍ୟବହାର ଉପରେ କଟକଣା ଜାରି ହୋଇଛି।

ପ୍ଲାଷ୍ଟିକ ବାସନକୁସନ ପରିବେଶ ପାଇଁ ଯେତିକି କ୍ଷତିକାରକ ତା'ଠାରୁ ଅଧିକ କ୍ଷତିକାରକ ଶରୀର ପାଇଁ। କିନ୍ତୁ ଦିଲ୍ଲୀ ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ଏହା ଉପରେ କଟକଣା ନାହିଁ। ପ୍ଲାଷ୍ଟିକ ସହଜରେ ମାଟିରେ ମିଶେନି। ୫୦ ମାଇକ୍ରେନ୍ ଠାରୁ ପତଳା ପଲିଥିନ୍ ଚିରି ଖଣ୍ଡ ଖଣ୍ଡ ହୋଇ ରହିବା ଫଳରେ ଭୂତଳ ଜଳ ବିଷାକ୍ତ ହୁଏ। ପ୍ଲାଷ୍ଟିକ୍ ଯୋଗୁଁ ଜଳଜୀବ ମାନଙ୍କ ଜୀବନ ଉପରେ ବିପଦ ସୃଷ୍ଟି ହେଉଛି। ମୁମ୍ବାଇ, ଆଣ୍ଡାମାନ-ନିକୋବର ଓ କେରଳର ବେଳାଭୂମି ପ୍ଲାଷ୍ଟିକ ଆବର୍ଜନା ଦ୍ୱାରା ସବୁଠାରୁ ପ୍ରଦୂଷିତ। ହଁ ପ୍ଲାଷ୍ଟିକ ଆବର୍ଜନାକୁ ଗର୍ତ୍ତ ପୂରଣ ପାଇଁ ବ୍ୟବହାର କରିବା ନିମନ୍ତେ ଏହାକୁ ଜଳାଇ ଦିଆଯାଉଛି। ଫଳରେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସ ମିଶି ବାୟୁ ପ୍ରଦୂଷଣ କରାଉଛି। ପ୍ଲାଷ୍ଟିକ କେବଳ ଭୂପୃଷ୍ଠକୁ ନୁହେଁ ସମୁଦ୍ରକୁ ମଧ୍ୟ ଡମ୍ପିଂୟାର୍ଡରେ ପରିଣତ କରିଦେଇଛି। ପ୍ରତିବର୍ଷ ୧ବିଲିୟନ ପଲିଥିନ୍ ବ୍ୟାଗ ଉତ୍ପାଦନ ହେଉଛି। ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶିବା ପାଇଁ ହଜାରେ ବର୍ଷ ସମୟ ଲାଗେ। ଆମେ ପ୍ରତିବର୍ଷ ଯେଉଁ ୩୫ ଲକ୍ଷ ପଲିଥିନ୍ ବ୍ୟାଗ ଫିଙ୍ଗୁଛୁ ତାହା କେମିତି ଭାବରେ ଆବର୍ଜନା ବଢ଼ାଉଥିବ ତାହା ସହଜରେ ଅନୁମେୟ। ପଲିଥିନ୍ ବ୍ୟାଗ ଜନିତ ପ୍ରଦୂଷଣ ଯୋଗୁଁ ପ୍ରତିବର୍ଷ ଏକଲକ୍ଷରୁ ଅଧିକ ସାମୁଦ୍ରିକ ଜୀବ ପ୍ରାଣ ହରାଉଛନ୍ତି। ସମୁଦ୍ରରେ ଏକ ବର୍ଗମାଇଲ ପରିମିତ ଅଞ୍ଚଳରେ ୪୫ ହଜାର ପଲିଥିନ୍ ଜମା ହୋଇରହୁଛି। ପ୍ରତିବର୍ଷ ପଲିଥିନ୍ ବ୍ୟାଗ ପ୍ରସ୍ତୁତି ପାଇଁ ୪.୩ ବିଲିୟନ ଗ୍ୟାଲନ୍ ଅଶୋଧିତ ତୈଳ ବ୍ୟବହାର କରାଯାଉଛି। ଯଦି କେବଳ ଦୋକାନୀମାନେ ଗ୍ରାହକଙ୍କ ଠାରୁ ପଲିଥିନ୍ ପାଇଁ ଅର୍ଥ ନେବେ ତାହେଲେ ତାହାକୁ ଅନେକ ପରିମାଣରେ ରୋକାଯାଇପାରିବ। ଆୟାରଲ୍ୟାଣ୍ଡରେ ପଲିଥିନ୍ ବ୍ୟାଗ ବ୍ୟବହାର କେବଳ ଏହି ଉପାୟରେ ୯୩.୫ ପ୍ରତିଶତ କମ୍ ହୋଇଛି। ପ୍ଲାଷ୍ଟିକ୍ ବ୍ୟାଗ ବା ଅନ୍ୟାନ୍ୟ ଜିନିଷ ଫିଙ୍ଗିବା ପୂର୍ବରୁ ଦେଖନ୍ତୁ, ଏହାର ପୁନଃ ବ୍ୟବହାର କେତେ ଦୂର ନିରାପଦ। ସୋସାଇଟି ଅଫ୍ ଦି ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରିର ସୂଚନା ଅନୁଯାୟୀ ୭ ପ୍ରକାରର। ତେବେ ୬ ପ୍ରକାର ପ୍ଲାଷ୍ଟିକ ସାଧାରଣତଃ ବ୍ୟବହାର କରାଯାଏ। ସାଧାରଣରେ ଧାରଣା ଥାଏ ଖାଦ୍ୟ ପଦାର୍ଥ ପ୍ଲାଷ୍ଟିକ୍ ବଟଲରେ ସୁରକ୍ଷିତ ରହେ। କିନ୍ତୁ ଖରାଦିନେ ଏଥିପାଇଁ ଆମକୁ ସାବଧାନ ହେବାକୁ ପଡ଼ିବ। ହାଲ୍‌କା ମାନର ପ୍ଲାଷ୍ଟିକରୁ ପରିବେଶର ଉତ୍ତାପ ଦ୍ୱାରା ବିଷାକ୍ତ ଉପାଦାନ ନିର୍ଗତ ହୁଏ। ଚଳିତବର୍ଷ ଆମ ଦେଶରେ ପ୍ଲାଷ୍ଟିକ ବ୍ୟବହାର ଆହୁରି ୨୦ ପ୍ରତିଶତ ବଢ଼ିଯିବ, ଅର୍ଥାତ୍ ୧୭୮ ଲକ୍ଷ ଟନ ପ୍ଲାଷ୍ଟିକ ବ୍ୟବହାର ହେବ। ୨୦୧୫-୧୬ରେ ଏହି ପରିମାଣ ୧୪୮ ଲକ୍ଷ ଟନ୍ ଥିଲା। ସୋସାଇଟିର ସୂଚନା ଅନୁଯାୟୀ ପେଟ ପ୍ଲାଷ୍ଟିକ ଅର୍ଥାତ୍ ପାଣି, ତେଲ ଆଦିର ବଟଲ ଯେଉଁ ପ୍ଲାଷ୍ଟିକରୁ ପ୍ରସ୍ତୁତ ହୁଏ, ତାହା ଅଧିକ ବିପଜ୍ଜନକ ନୁହେଁ। ସେହିପରି ଦୁଗ୍ଧ ବଟଲ, ପାଣିଜଗ, ଜୁସ ବଟଲ, ସାମ୍ପୁ ବଟଲ ଏବଂ ଖେଳନା ଆଦି ପ୍ରସ୍ତୁତ ହେଉଥିବା ଏଚଡ଼ିପିଆଇ ପ୍ଲାଷ୍ଟିକ ଓ ଏଲଡ଼ିପିଇ ପ୍ଲାଷ୍ଟିକ କମକ୍ ବିପଜ୍ଜନକ ଏବଂ ଏହାକୁ ସହଜରେ ପୁନର୍ବ୍ୟବହାର କରାଯାଇପାରେ। କିନ୍ତୁ ପିଭିସି ପ୍ଲାଷ୍ଟିକ ଖୁବ୍ ବିପଜ୍ଜନକ। ଏହାଛଡ଼ା ପିପିପଲି ପ୍ଲାଷ୍ଟିକକୁ ପୁନଃଚକ୍ରଣ କରି ବ୍ୟବହାର କରାଯାଇପାରେ। ଏହି ପ୍ରକାର ପ୍ଲାଷ୍ଟିକରୁ ଖାଦ୍ୟ ପ୍ୟାକିଂ ହେଉଥିବା ଡବା ଏବଂ ଔଷଧ ବଟଲ ପ୍ରସ୍ତୁତ ହୁଏ। ପିଏସ୍ ପ୍ଲାଷ୍ଟିକକୁ ପୁନର୍ବାର ବ୍ୟବହାର କରାଯାଇପାରେ ନାହିଁ। ପ୍ରକୃତି ଆମକୁ ଯେଉଁ ପାଣି ମାଗଣାରେ ଦେଇଛି ଏବେ ତାହାର ବଜାରୀକରଣ ହୋଇସାରିଛି। କେବଳ ଭାରତରେ ପାଣି ବୋତଲର ବ୍ୟବସାୟ ୧୦୬ ମିଲିଅନ ଟଙ୍କା। ୨୦୨୦ ମସିହା ସୁଦ୍ଧା ସାରା ବିଶ୍ୱରେ ବୋତଲ ବନ୍ଦ ପାଣିର ବ୍ୟବସାୟ ୨୮୦ ମିଲିଅନ ଡଲାରରେ ପହଞ୍ଚିଯିବ। ପ୍ଲାଷ୍ଟିକ ଆବର୍ଜନା ଜନିତ ସମସ୍ୟାର ସମାଧାନ ରହିଛି ପୁନଃ ଚକ୍ରଣରେ। ଏକ ଟନ୍ ପୁନଃଚକ୍ରିତ ପ୍ଲାଷ୍ଟିକ ଦ୍ୱାରା ୬୮୫ ଗ୍ୟାଲନ୍ ଅଶୋଧିତ ତୈଳର ବ୍ୟବହାର କମ୍ ହୋଇଥାଏ, ୫୭୭୪ କିଲୋୱାଟ୍ ବିଦ୍ୟୁତ୍ ଖର୍ଚ୍ଚ କମ୍ ହୁଏ। ସବୁଠାରୁ ବଡ଼କଥା ପକ୍ଷୀ, ପ୍ରଜାପତି ଏବଂ ଡଲ୍‌ଫିନ୍‌କୁ ସୁରକ୍ଷା ମିଳେ। ପ୍ରକୃତି ଆମକୁ ଅନେକ କିଛି ଦେଇଛି। ପୃଥିବୀର ସମସ୍ତ ଆବଶ୍ୟକତା ପୂରଣ କରିବାର କ୍ଷମତା ପ୍ରକୃତିର ରହିଛି। ପ୍ରକୃତି ଆମକୁ ୩ ବିଲିଅନ ବୃକ୍ଷ ଦେଇଛି। ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ପାଇଁ ୪୨୨ଟି ଗଛ। ବ୍ୟକ୍ତି ପିଛା ଗଛ ହିସାବରେ କାନାଡ଼ା ସବୁଠାରୁ ଆଗରେ ରହିଛି। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ୮୯୫୩। ସବୁଠାରୁ କମ୍ ଗଛ ଅଛି ମିଶରବାସୀଙ୍କ ପାଇଁ। ଏଠାରେ ବ୍ୟକ୍ତି ପିଛା ଗଛ ସଂଖ୍ୟା ମାତ୍ର ୧। ଫିନ୍‌ଲ୍ୟାଣ୍ଡରେ ପ୍ରତି ବର୍ଗକିଲୋମିଟରରେ ୭୨ ହଜାର ଗଛ ରହିଛି। ଏହା ବିଶ୍ୱରେ ସର୍ବାଧିକ। ଏହି କାରଣରୁ ଫିନ୍‌ଲ୍ୟାଣ୍ଡ ବିଶୁଦ୍ଧ ବାୟୁ ମାମଲାରେ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବା ବେଳେ ସୁଖୀ ଦେଶ ତାଲିକାରେ ପଞ୍ଚମ ସ୍ଥାନରେ ରହିଛି। ଗଛ ଆମକୁ ପ୍ରତିବର୍ଷ ୬ ମିଲିଅନ ଟନ୍ ଅମ୍ଳଜାନ ଦେଉଛି। ନାଇଟ୍ରୋଜେନ ଅମ୍ଳଜାନ ପରି ୧୦ଟି ଗ୍ୟାସ ମିଶି ଆମ ବାୟୁମଣ୍ଡଳ ସୃଷ୍ଟି ହୋଇଛି। ଏ ମଧ୍ୟରୁ ସବୁଠାରୁ ଜରୁରୀ ଅମ୍ଳଜାନ। ବାୟୁମଣ୍ଡଳରେ ଏହାର ପରିମାଣ ୨୧ ପ୍ରତିଶତ। ଏହି କାରଣରୁ ଆମ ଜୀବନ ପାଇଁ ଆବଶ୍ୟକ ଥିବା ଅମ୍ଳଜାନ ଗଛରୁ ମିଳୁଛି। କିନ୍ତୁ ମଣିଷ ନିଜର ଲୋଭ ଯୋଗୁଁ ଗଛ କାଟିବା ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ ପରିମାଣ କମ୍ ହେବାରେ ଲାଗିଛି। ଏଥିସହ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁ ଏହା କ୍ରମଶଃ ବିଷାକ୍ତ ହେଉଛି। ମାନବ ସଭ୍ୟତାର ବୃଦ୍ଧି ସହ ପୃଥିବୀ ପୃଷ୍ଠରୁ ୪୬ ପ୍ରତିଶତ ବୃକ୍ଷ ହ୍ରାସ ପାଇସାରିଛି। ପ୍ରତିବର୍ଷ ୭୩ ଲକ୍ଷ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ଏହାଫଳରେ ଅମ୍ଳଜାନ ପରିମାଣ ମଧ୍ୟ କମ୍ ହେଉଛି। ଆଧୁନିକୀକରଣ ଯୋଗୁଁ ପ୍ରତିବର୍ଷ ୪୦ ମିଲିଅନ ଟନ କାର୍ବନ ଡାଇଅକ୍ସାଇଡ ବାୟୁମଣ୍ଡଳରେ ମିଶୁଛି। ଏହାର ମୁଖ୍ୟ କାରଣ ପ୍ଲାଷ୍ଟିକ ଏବଂ କଳକାରଖାନା ଓ ଯାନବାହାନରୁ ନିର୍ଗତ ଧୂଆଁ। ଏହା ବ୍ୟତୀତ ପ୍ଲାଷ୍ଟିକ ଜଳସମ୍ପଦର ପ୍ରଦୂଷଣ ନିମନ୍ତେ ମଧ୍ୟ ଦାୟୀ। ମନୁଷ୍ୟ ୭୦ ପ୍ରତିଶତ ଆବର୍ଜନା ନଦୀକୁ ଛାଡ଼ି ଦେଉଛି। ଫଳରେ ଆମ ଜଳସ୍ରୋତଗୁଡ଼ିକ ପ୍ରଦୂଷିତ ହେଉଛି। କେବଳ ମଣିଷ ନୁହେଁ, ପ୍ରଦୂଷଣ ଜୀବଜଗତ ପାଇଁ ମଧ୍ୟ ବିପଦର କାରଣ ହୋଇଛି। ଗତ ୧୨ ବର୍ଷ ମଧ୍ୟରେ ହାତୀ ସଂଖ୍ୟା ୬୦ ପ୍ରତିଶତ ହ୍ରାସ ପାଇଛି। ଏବେ ସାରା ଦେଶରେ ମାତ୍ର ଏକଲକ୍ଷ ହାତୀ ଅଛନ୍ତି। ବର୍ତ୍ତମାନ ସାରା ବିଶ୍ୱରେ ୧୭ ହଜାର ସିଂହ ଅଛନ୍ତି ତେବେ ଭାରତରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଭାରତରେ ସିଂହ ସଂଖ୍ୟା ୫୨୩ ବୋଲି ଗଣନା କରାଯାଇଛି। ସେହିପରି ବର୍ତ୍ତମାନ ସାରା ବିଶ୍ୱରେ ୧୦ ହଜାର ମାଈ କଇଁଛ ଅଛନ୍ତି। ଭାରତରେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ତାଲିକା ଦିନକୁ ଦିନ ଲମ୍ବା ହୋଇଯାଉଛି। ୨୦୧୪ ମସିହାର ଲିଭିଂ ପ୍ଲାନେଟ୍ ରିପୋର୍ଟ ଅନୁଯାୟୀ ୧୯୭୦-୨୦୧୦ ମଧ୍ୟରେ ଜୀବଜନ୍ତୁଙ୍କ ସଂଖ୍ୟା ୫୨ ପ୍ରତିଶତ ହ୍ରାସ ପାଇଛି। କାରଣ ସେମାନଙ୍କ ବାସସ୍ଥାନ ଜଙ୍ଗଲ ଏବେ ମନୁଷ୍ୟର କବ୍‌ଜାରେ ରହିଛି। ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ପ୍ରଦୂଷଣ ଯୋଗୁ ସାମୁଦ୍ରିକ ଜୀବଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି।

*ସହକାରୀ ବନ୍ୟ ସଂରକ୍ଷକ*
*ରାୟଗଡ଼ା ବନ୍ୟ ଡିଭିଜନ, ରାୟଗଡ଼ା*
*ମୋ : ୯୪୩୭୨୫୭୧୨୩*

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଓ ପୁଣ୍ୟପୋଥି



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ମହାଭାବ ସମାଧି ଅବସ୍ଥାରେ ତାଙ୍କରି ଶ୍ରୀମୁଖରୁ ନିଃସୃତ ପୁଣ୍ୟପୋଥି ମାନବ ସମାଜ ପାଇଁ ଏକ ଅମୂଲ୍ୟ ଅବଦାନ । କୀର୍ତ୍ତନର ଚରମରେ ଏହି ମହାଭାବ ସମାଧି ଅବସ୍ଥା - ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ ମାଟିରେ ଲୋଟି ପଡୁଥିଲେ ଶ୍ରୀ ଶ୍ରୀ ଠାକୁର । ବହୁ ପ୍ରକାରର ଆସନ ଓ ମୁଦ୍ରା - କେତେବେଳେ କୂର୍ମାସନ, ପଦ୍ମାସନ, ବୀରାସନ, ରାଜାସନ, ଏହିପରି ଶତାଧିକ ଆସନ ଓ ମୁଦ୍ରାର ଲହରୀ ଅପୂର୍ବ କ୍ଷିପ୍ରତାର ସହିତ ତାଙ୍କ ଶରୀରରେ ଦେଖାଯାଉଥିଲା । ଶ୍ୱାସକ୍ରିୟା ଓ ହୃତ୍‌ପିଣ୍ଡର କ୍ରିୟା ମଧ୍ୟ ବନ୍ଦ ହୋଇଯାଉଥିଲା । ଚେତନାଶୂନ୍ୟ, ହୃଦ୍‌ସ୍ପନ୍ଦନବନ୍ଦ, ଶ୍ୱାସହୀନ ନିଥର ଶରୀରରୁ ମଝିରେ ମଝିରେ ଧୀର ଉଦାତ୍ତ ସ୍ୱରରେ ନାନା ଭାଷାରେ ବାଣୀ ସମୂହ ଉଚ୍ଚାରିତ ହେଉଥିଲା ତାହା ହିଁ ପୁଣ୍ୟପୋଥି; - ଏହି ପୁଣ୍ୟପୋଥି ହିଁ ଶ୍ରୀ ଶ୍ରୀ ଠାକୁରଙ୍କର ଆତ୍ମପ୍ରକାଶ, ନିଜସ୍ୱ ତୁରୀୟ ସତ୍ତା ଓ ପରାପ୍ରକୃତି ଗୁରୁ ଗମ୍ଭୀର କଣ୍ଠରେ ଶ୍ରୀମୁଖରୁ ନିନାଦିତ ହେଲା - 'ମୁଁ ଚାହେଁ ଶୁଦ୍ଧ ଆତ୍ମା, ସଂସାରୀ ସନ୍ନ୍ୟାସୀ ଦରକାର । ଜଙ୍ଗଲର ସନ୍ନ୍ୟାସୀ ଆଉ ଦରକାର ନାହିଁ । ମୁଁ ଭକ୍ତ, ମୁଁ ଭଗବାନ । ମୁଁ ପୂଜା ଦିଏ, ମୁଁ ହିଁ ପୂଜା ଗ୍ରହଣ କରେ । ମୁଁ ଅସୁର, ମୁଁ ଦେବତା । ମୁଁ ଗୁଣମୟୀ ପ୍ରକୃତି, ମୁଁ ହିଁ ନିର୍ଗୁଣ ପୁରୁଷ । ମୁଁ ହିଁ ଶତ୍ରୁ, ମୁଁ ମିତ୍ର; ମୁଁ ପ୍ରଶାନ୍ତ ସାଗର, ମୁଁ ଅଭ୍ରଭେଦୀ ହିମଗିରି । ମୁଁ ହିଁ ସ୍ୱର୍ଗ, ମୁଁ ହିଁ ନର୍କ । ମୁଁ ହିଁ ମୋର ଯମ, ମୁଁ ହିଁ ମୋର ଦେବତା । ମୁଁ ଅହି, ମୁଁ ନକୁଳ । ମୁଁ ସାପ ହୋଇ କାମୁଡ଼େ, ମୁଁ ହିଁ ଗୁଣିଆ ହୋଇ ଝାଡ଼େ । ମୁଁ ହିଁ କୁରୁକ୍ଷେତ୍ର, ମୁଁ ହିଁ ଭଗବାନ ।'

'ମୁଁ ମୋର ଉଠି ପଡ଼ିଛି - ଜୀବ, ତୋର ଚିନ୍ତା କ'ଣ ? ତୋର ଶୋକ-ଦୁଃଖ କ'ଣ ? ଦୌଡ଼ି ଆସ, ବିଶ୍ୱାସ କର, କୀର୍ତ୍ତନରେ ଯୋଗ ଦିଅ ଓ ବ୍ରହ୍ମ ସାଗରରେ ବୁଡି ଯାଓ । ତୁମ୍ଭମାନଙ୍କର ମହା ମହା ପାପ ଥାଉ, ବ୍ରହ୍ମହତ୍ୟା, ଗୋହତ୍ୟା, ସ୍ତ୍ରୀ ହତ୍ୟା ଇତ୍ୟାଦି କରି ମଧ୍ୟ ଭୟ ନାହିଁ । ମୋତେ ବିଶ୍ୱାସ କର, ଆତ୍ମାକୁ ବିଶ୍ୱାସ କର, ଶୀଘ୍ର ଦୌଡ଼ି ଆସ, ନାଚି ନାଚି ଚାଲିଆସ, ଭଗବାନ କହି ଚାଲି ଆସ, ଜୟ ଜିସାସ୍, ଜୟ ଜିସାସ୍ କହି ଛୁଟି ଆସ, କିଏ କେଉଁଠି ଅଛ, ଶିଖ୍, ବୌଦ୍ଧ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବ୍ରାହ୍ମଣ, ବୈଷ୍ଣବ - ଆସ ଚଣ୍ଡାଳ, ଥରେ ମାତ୍ର ପରମାତ୍ମାର ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୁଁ ହାତ ଦେଇ ପୋଛି ଦେବି । ଦେଖ, ଭଗବାନ ହିଁ ଚିନ୍ତାମଣି । ଚିନ୍ତା କରୁ କରୁ ଏହି ମଣି ଲାଭ ହୁଏ । ତାକୁ ଯିଏ ସ୍ପର୍ଶ କରେ ସେ ହୁଏ ନୀଳକାନ୍ତ ମଣି । ଭଗବାନଙ୍କୁ ପାଇବା କ'ଣ କଷ୍ଟରେ ? ଗୁରୁ ପାଇବା ହିଁ କଷ୍ଟ, ସମୟ ହେଲେ ସଦ୍‌ଗୁରୁ ମିଳେ, ସଦ୍‌ଗୁରୁ ହିଁ ଭଗବାନ ।' ଯୁଗେ ଯୁଗେ ବିଶ୍ୱସତ୍ତାକୂଳର ପରମ ଉଦ୍ଧାତା ବିଶ୍ୱବରେଣ୍ୟ ପ୍ରିୟ ପରମ ପୁରୁଷୋତ୍ତମ ତାଙ୍କର ଅଭିନବ ଲୀଳା ରଚନା କରି ସୃଷ୍ଟି ରହସ୍ୟ ଉଦ୍‌ଘାଟନ କରାଇବା ପାଇଁ ନର ତନୁରେ ଆଗମନୀ ବାର୍ତ୍ତା ନେଇ ମାଟିର ପୃଥିବୀକୁ ଓହ୍ଲାଇ ଆସନ୍ତି, ମାଟିର ମଣିଷଟିଏ ହୋଇ। ସେଇ ଭାଗ୍ୟ ବିଧାତା କରୁଣାମୟ ପୁରୁଷୋତ୍ତମ ଏହି ଧରାପୃଷ୍ଠରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ନାମ ବହନ କରି ୧୮୮୮ ମସିହା ଏହି ପୂତ ଆର୍ଯ୍ୟ ଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ନିଃଷ୍ପ୍ରାଣକୁ ପ୍ରାଣନଶୀଳ, ଦୁଷ୍ଟକୁ ଶିଷ୍ଟ, ନିକୃଷ୍ଟକୁ ଉତ୍କୃଷ୍ଟ, ଅଖ୍ୟାତକୁ ବିଖ୍ୟାତ, ପଙ୍ଗୁକୁ ଗିରିଲଙ୍ଘନ, ଦଗ୍ଧ ପ୍ରାଣକୁ ସ୍ନିଗ୍ଧ, ମୂର୍ଖକୁ ଜ୍ଞାନୀ, ଦୂରାତ୍ମାକୁ ଧର୍ମାତ୍ମା ଓ ସତ୍ତାକୁ ସଚ୍ଚିଦାନନ୍ଦମୟ କରି ତୋଳି ବିଶ୍ୱ ବକ୍ଷରେ ଏକ ଅଭିନବ ଲୀଳା ରଚନା କରିଛନ୍ତି।

*ସହ-ପ୍ରତି ଋତ୍ୱିକ, ବିଭାଗୀୟ*
*ମୁଖ୍ୟ ହେପାଟୋଲୋଜି ବିଭାଗ,*
*କଟକ ବଡ଼ମେଡ଼ିକାଲ,*
*ମୋ : ୯୪୩୭୦୫୧୯୫୭*

# ମୋକ୍ଷ ପଥ

## ଯୋଗୀ ଗଣେଶ୍ୱର

ଭାଗ-୨୦

*"ସର୍ବଜନ ତହୁଁ ନିରାଶ ହୋଇଲେ*
*ତୁନି ହୋଇଣ ରହିଲେ।*
*ଏଥୁ ଅନନ୍ତରେ ଆନ ସମାଚାର*
*ରାଜାଙ୍କୁ ଋଷି କହିଲେ ॥"*

ରାଜାଙ୍କ ଯୋଗୀ ହେବା ଘଟଣାକ୍ରମକୁ ନେଇ ରାଜ୍ୟରେ ଲାଗି ରହିଥିବା କୋଳାହଳ,ଟୀକାଟିପଣୀର ଶେଷରେ ଅବସାନ ଘଟିଲା। ରାଣୀମାତାଙ୍କ ଅନୁମତିରେ ରାଜା ଯୋଗୀ ହେଉଛନ୍ତି ଜାଣିବା ପରେ ପ୍ରଜାଗଣ ତୁନିପଡ଼ିଲେ। ରୁଣ୍ଡ ହୋଇଥିବା ବାଳ ବୃଦ୍ଧ ବନିତା ସଭିଏଁ ଘର ବାହୁଡ଼ା ହେଲେ। ତହିଁପରେ ମାତାଙ୍କ ସହିତେ ରାଣୀମାନେ, ନଗ୍ରଜନେ,ରାଜ୍ୟବାସୀଙ୍କୁ ବୁଝା ଶୁଝାରେ ଏକତ୍ର କରାଇ ଯୋଗୀଗୋବିନ୍ଦ ନଗ୍ରରୁ ଫେରି ଆସିଲେ। ଗୁରୁ ହାଡ଼ିପାଙ୍କ ନିକଟରେ ପହଞ୍ଚି ପାଦ ତଳେ ସାଷ୍ଟାଙ୍ଗେ ପ୍ରଣିପାତ କଲେ। ଭୂମିରୁ ଉଠି କରଯୋଡ଼ି ପୁଚ୍ଛା କଲେ,ହେ'ଗୁରୁଦେବ, ତୁମ୍ଭ ଆଜ୍ଞା ପାଳନ କରି ଏବେ ସର୍ବତ୍ୟାଗ କରିଛି ! କେବଳ ବିନାଶୀ ଶରୀର ଓ ଅମର ଆତ୍ମାକୁ ଧରି ତୁମ୍ଭ ଶରଣରେ ଆଶ୍ରା ନେଲୁ। ତୁମ୍ଭରି ପୟର ସେବାରେ ଦିବସ ବିତାଇବୁ। ଯୋଗବିଦ୍ୟାର ଗଭୀରତତ୍ତ୍ୱ ଆମ୍ଭଙ୍କୁ ଶିଖାଇ ଦିଅ,ଯେପରି ସହଜ ମାର୍ଗରେ ଲକ୍ଷ୍ୟ ସାଧନ ହୋଇପାରିବ ! ତୁମ୍ଭେ କୃପା କଲେ ସେଇ ଅଦୃଶ୍ୟ ଗୁପ୍ତବିଦ୍ୟାର ସନ୍ଧାନ ଖୁବଶୀଘ୍ର ମିଳିବା ସମ୍ଭବ ହେବ !

ଯୁବରାଜଙ୍କ ଯୋଗୀ ହେବା ଉତ୍କଣ୍ଠା ଦେଖି ହାଡ଼ିପା ବହୁ ଆନନ୍ଦିତ ହେଲେ। ପିଠିରେ ହସ୍ତ ଥାପୁଡ଼ାଇ କହିଲେ-ଶିଷ୍ୟ ଗୋବିନ୍ଦ, ବ୍ୟସ୍ତ ହୁଅ ନାହିଁ। ଯୋଗବିଦ୍ୟାର ପ୍ରଥମ ପାହାଚକୁ ତୁମ୍ଭେ ଅତିକ୍ରମ କରି ସାରିଛ। ଲୋକଚକ୍ଷୁରେ ଯୋଗୀର ଅସହାୟ,ଅରକ୍ଷିତ ଅବସ୍ଥା, ସୁଖ ପ୍ରତି ବିମୁଖ, ଦୁଃଖକୁ ଆଦର, କାମନାଶୂନ୍ୟ, ମୋହମୁକ୍ତ ହେଉଛି ଯୋଗବିଦ୍ୟାର ପ୍ରାଥମିକ ପାଠ ! ଅଳ୍ପ ସମୟ ମଧ୍ୟରେ ଏ ସବୁ ତୁମେ ପ୍ରାପ୍ତ ହୋଇ ସାରିଛ। ଏଇଠାରୁ ତୁମେ ମହାବିଷ୍ଣୁଙ୍କ ଦର୍ଶନ ପଥରେ ପଦ ଚାଳନା କର। ଶ୍ମଶାନ ସ୍ଥାନ,ଅମଡ଼ା ବାଟ ସବୁକୁ ଏକାକାର କରି ଆଗକୁ ମାଡ଼ି ଚାଲ। ଯମଦଣ୍ଡକୁ ଅତିକ୍ରମ କରି ମୁକ୍ତ ବିହଙ୍ଗ ପରି ଜଳ, ସ୍ଥଳ,ଆକାଶରେ ବିଚରଣ କର। ମର୍ତ୍ତ୍ୟରୁ ବାହାରି ଦେବଲୋକ, ଜ୍ଞାନାଲୋକ, ବ୍ରହ୍ମଲୋକ ପାର ହୋଇ ସତ୍ୟଲୋକରେ ବାସ କର ! ସେଇ ଲୋକରେ ରହିଛି ଅମରତ୍ୱ,ଚିର ସ୍ୱାଧୀନତା ! ସେଠାରେ ରହିଛି ସମସ୍ତଲୋକର ମୂଳତତ୍ତ୍ୱ ! କେବଳ ଗୁରୁକୃପା ବଳରେ ସତ୍ୟଲୋକରେ ପ୍ରବେଶ କରିବା ସମ୍ଭବ ହେବ। ତା'ପରେ ତୁମେ କୋଟି ବ୍ରହ୍ମାଣ୍ଡ ଠାକୁରଙ୍କୁ ଦର୍ଶନ କରି ପାରିବ।

ହେ'ଶିଷ୍ୟ ଗୋବିନ୍ଦ, ତୁମ ଅତୀତ ଘଟଣାମାନ ତଥା ସୁଖ ଦୁଃଖକୁ ସ୍ମରଣ କର ନାହିଁ। ଭାବନାତ୍ମକ ସ୍ତରର ସେଇ ଭୌତିକ ଆନନ୍ଦରେ ଯେ ପର୍ଯ୍ୟନ୍ତ ଜଡ଼ିତ ରହିବ ସେ ପର୍ଯ୍ୟନ୍ତ ଚିତ୍‌ଆନନ୍ଦ କାହୁଁ ଆସିବ ! ଫଳରେ ଯୋଗସାଧକ ସିଦ୍ଧି ନ ପାଇ ନପୁଂସକ ପାଲଟିଯାଏ ! ପୋଖରୀ ବନ୍ଧରେ ଛିଡ଼ା ହୋଇ ଗାଧୋଇବାର ଆନନ୍ଦ କେବଳ ମିଥ୍ୟା,ନପୁଂସକ ଭାବନା ବ୍ୟତୀତ ଅନ୍ୟ କିଛି ନୁହେଁ। ତୁମେ ଏପରି ଭେଳିକି ନାଟକର ନାୟକପଣିଆ ତ୍ୟାଗ କରି ଉପଯୁକ୍ତ ଯୋଗ ପଦ୍ଧତି ଭିତରକୁ ଚାଲି ଆସିପାରିଛ। ତୁମ ପୂର୍ବଜନ୍ମର ସ୍ୱୀକୃତରୁ ଏହା ସମ୍ଭବ ହୋଇ ପାରିଛି। ମଙ୍ଗଳମୟଙ୍କ ମଞ୍ଚନାଟକରେ ଅମଙ୍ଗଳ ବୋଲି କିଛି ନାହିଁ। ମନୁଷ୍ୟ ଅଜ୍ଞାନବଶତଃ ମଙ୍ଗଳକୁ ଅମଙ୍ଗଳ ଚିନ୍ତା କରି ଅଯଥା ବିବ୍ରତ ହୋଇଥାଏ। ବଚନ ବ୍ୟକ୍ତ କରିବାର ଶକ୍ତି ଦେଇଥିବା ଭଗବାନଙ୍କୁ ତୁଣ୍ଡରେ ଗାଳିଫଜିତ୍ କରିଥାଏ ! ନିଜର ଅସଫଳ ପାଇଁ ଅଜ୍ଞାନ ପଣରେ ଈଶ୍ୱରଙ୍କ ବିଦ୍ରୋହୀ ହୋଇପଡ଼େ ! ଅନ୍ତିମ କାଳରେ ସ୍ୱରଚିତ ଅଗ୍ନିରେ ନିଜେ ପୋଡ଼ି ହୋଇ ମରିଥାଏ !

ଗୁରୁ ହାଡ଼ିପା ପୁଣି କହିଲେ,ହେ' ଗୋବିନ୍ଦ, ଆତ୍ମସୁଖ ଛାଡ଼ି ସଂସାର ସୁଖରେ ମନ ବଳାଇବ ନାହିଁ। ଲୁଣ,ତିଅଣ ତ୍ୟାଗ କରି ଦୁଗ୍ଧ ସଙ୍ଗେ ପଞ୍ଚକୋଳି ଅନ୍ନ ଭୁଞ୍ଜିବ। ପ୍ରତି ଦିବସରେ ସୂତାଏ ଲେଖାଁ ଲାଉତୁମ୍ବକୁ ଘୋରି ଅନ୍ନ ଗ୍ରହଣ କରିବ। ଅଳ୍ପ ଅଳ୍ପ ଅନ୍ନ ଭୁଞ୍ଜି ଅନ୍ତିମ ବେଳାରେ ଲାଉ ପାତିଆକୁ ଗଙ୍ଗାରେ ବିସର୍ଜନ କରିବ। ଅମରତ୍ୱ ସାଧନାରେ ଉଦରର ଭୋକ,ଭେକ,ନିଦ୍ରା ସବୁ କିଛି ତ୍ୟାଗ କରିବାକୁ ପଡ଼ିବ। ଏଇ ଆସକ୍ତି ବନ୍ଧନର କାରଣ ! ବ୍ରହ୍ମମୟ ସ୍ଥିତି ଆସିବା କ୍ଷଣି କ୍ଷୁଧା ତୃଷ୍ଣା ସବୁ ଉଭାଇ ଯିବ। ଏବେ ତୁମେ ଲଜ୍ଜ୍ୟା ତ୍ୟାଗ କରି କିଛି ଦିନ ନିଜ ନଗରର ପଞ୍ଚଦ୍ୱାରରୁ ଭିକ୍ଷା ଆଣି ଠୁଳ କର। ସେଇ ଭିକ୍ଷାନ୍ନ ଗ୍ରହଣ କରି ସାଧନାରେ ବ୍ରତୀ ରୁହ। ଗୁରୁଙ୍କ ନିର୍ଦ୍ଦେଶ ପାଇ ଗୋବିନ୍ଦ ତହିଁପର ଦିନ ପ୍ରାତଃରେ ରାଜ୍ୟର ପୂର୍ବ ଦିଗକୁ ଗମନ କଲେ। ଗ୍ରାମ୍ୟଜନଙ୍କ ଦ୍ୱାର ଦ୍ୱାର ବୁଲି ଡାକ ଛାଡ଼ିଲେ ହେ'ମା ମାନେ, ରାଜା ଗୋବିନ୍ଦଚନ୍ଦ୍ର ଯୋଗୀ ବେଶରେ ଭିକ୍ଷା ମାଗୁଛନ୍ତି। ଉଦର ପୋଷଣ ନିମନ୍ତେ ମୁଠାଏ ତଣ୍ଡୁଳ ଲାଉତୁମ୍ବରେ ଦେଇ କୃତାର୍ଥ କର। ଗୋବିନ୍ଦଙ୍କ ଡାକ ଶୁଣି ନଗ୍ରଜନେ ରୁଣ୍ଡ ହୋଇଗଲେ। ସ୍ୱରାଜ୍ୟର ସିଂହାସନଧାରୀ କନ୍ଦର୍ପ ତୁଲ୍ୟ ଯୁବରାଜଙ୍କର ଏପରି ସ୍ଥିତି ସଭିଙ୍କୁ ଦୁଃଖ ଦେଲା। ଆବାଳ ବୃଦ୍ଧ ବନିତା ରାଜାଙ୍କୁ ଦେଖି ଭୋ ଭୋ ରଡ଼ି କରି କାନ୍ଦିବାକୁ ଲାଗିଲେ। କେହି କେହି କ୍ରୋଧିତ ହୋଇ କହିଲେ,ଛାର ହାଡ଼ିଟୋକା କି ମନ୍ତ୍ର ଦେଲା ଯେ ରାଜା ତା' କଥାରେ ପଡ଼ି ଏ ଦୁଃଖ ଭୋଗୁଛନ୍ତି ! ହେ'ନୃପବର, ତୁମ୍ଭ କଷ୍ଟ ଆମ୍ଭେ ସହ୍ୟ କରି ପାରୁ ନାହୁଁ। ଏଇ ଦୀନହୀନ ବେଶ ତ୍ୟାଗ କରି ସିଂହାସନରେ ବସ,ଆମ୍ଭେମାନେ ସେ ଝାଡ଼ୁଦାର କଥା ବୁଝିବୁ। ଯୋଗୀ ଗୋବିନ୍ଦ କାହାରି ବଚନ ଶ୍ରବଣ କରୁ ନ ଥିଲେ। ମଥା ତଳକୁ କରି 'ହରି ନାମ ସତ୍ୟହେଁ' ଉଚ୍ଚାରଣ କରୁଥିଲେ। ଗ୍ରାମ୍ୟଜନଙ୍କ ହୋ'ହଲ୍ଲା କାନ୍ଦ ବୋବାଳି ଭିତରେ ପଞ୍ଚଦ୍ୱାରରୁ ଭିକ୍ଷା ଘେନି ଫେରିଲେ। ପଥପ୍ରାନ୍ତ କୁକୁରମାନେ ଗୋବିନ୍ଦଙ୍କ ରୂପ ଭେକ ଦେଖି କାମୁଡ଼ି ଗୋଡ଼ାଇଲେ ! ଗୋବିନ୍ଦ ବାଡ଼ି ଧରି ସେମାନଙ୍କୁ ଘଉଡ଼ାଇ ଘଉଡ଼ାଇ ଗୁରୁଙ୍କ ନିକଟରେ ଆସି ପହଞ୍ଚିଲେ ! ହରି ଓଁ ତତ୍‌ସତ୍ !

*ଦୂରଭାଷ-୯୬୬୮୬୩୧୨୫୭*




# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

ଭାଗ-୪୮

**ନ**କହିଲେ ଏମିତି ତର୍କ ଆରଂଭ କରିବ ତନ୍ଦ୍ରା। ତେଣୁ ଅସଲ କଥାଟା କହିଦେବା ଭଲ। ଆରଂଭ କଲା ଦେବା- ଗାଁ କଥା ମନେପଡିଗଲା ବହୁଦିନ ପରେ। ଘର ଡିହ ଜମିବାଡି ବନ୍ଧା ପକେଇ, ଷୋହଳ ହଜାର ଅଠାବନ ଟଙ୍କା ବାକି କରି ପାଠ ପଢି ମଣିଷ ହେଲା ପରେ ଆଜି ମନେପଡିଲା ଯେ ମୁଁ କାହାର ଉଧାରିଆ ହୋଇ ରହି ପଛ କଥା ସବୁ ଭୁଲିଯାଇଛି। ମୋର କିଛି କର୍ତବ୍ୟ ମୋତେ ଯେମିତି ଆଜି ହାତଠାରି ଡାକୁଛି ତନ୍ଦ୍ରା। ଜାଣିପାରୁନି ସେ ଆକର୍ଷଣ ଏତେ ତୀବ୍ର କିପରି ? ଆଜିଯାଏଁ ମୁଁ ଏମିତି ଅଧୀର ହୁଏନି। ଆଜି କିନ୍ତୁ ବ୍ୟତିବ୍ୟସ୍ତ ଲାଗୁଛି। ଯଦିଓ ସେଠି ମୋର ନିଜର ବୋଲି କେହି ନାହାନ୍ତି ଏବେ। ମୁଁ ଆଜିକାଲି ଖୁବ୍ ବେଶୀ ଅନ୍ୟମନସ୍କ ହୋଇପଡୁଛି। କାମରେ ଆଗ୍ରହ ନାହିଁ। କାହାର ଏ ତୀବ୍ର ଆକର୍ଷଣ। ମୋ ମୁଣ୍ଡ ଝଣ୍‌ଝାଣ୍ ହେଉଛି ତୀବ୍ର ବେଦନାରେ। ଅଥଚ ମୁଁ ଜାଣିପାରୁନି କଣ କରିବି ! କୌଣସି ନିଦାନ ନାହିଁ ଯା'ର। ମୁଣ୍ଡକୁ ଚିପିଧରିଲା ଦେବ୍..ଓଃ..ଖୁବ୍ ଯନ୍ତ୍ରଣା ! ତନ୍ଦ୍ରା ତା ମେଡ୍ ସର୍‌ଭାଂଟ୍‌କୁ ଡାକିଲା-

ସାହେବ୍‌ଙ୍କ ମୁଣ୍ଡ ଚିପିଦିଅ।

ଆଚ୍ଛା ,ଦେବ୍ ଦେହ ସୁସ୍ଥ ଲାଗିଲେ ତୁମେ ଗାଁ ଆଡେ ଯାଇ ବୁଲିଆସ। ଯାହାସବୁ ଉଧାର ଥିଲା ସୁଝିଦେଇ ଆସ। ଆଉ ମନକୁ କଷ୍ଟ ହେବନି।

କିନ୍ତୁ ଆଉ କାହିଁକି..? ଅନେକ ବିଳମ୍ବ ହେଲାଣି। ବାପଅଜା ଅମଳର ଘରବାଡିଟାକୁ ଦଖଲକୁ ନେଇଯିବଣି ସେ ପାରୋ ବାପ। କିନ୍ତୁ ଗୋଟେ ଉଧାର ରହିଯାଇଛି । ଯାହା ଭାବିଭାବି ଆଶ୍ଚର୍ଯ୍ୟ ଲାଗୁଛି ।

କେଉଁ ଉଧାର..? ତୁମେ ପୁଣି କେତେବେଳେ କାହାଠାରୁ କଣ ଆଣିଥିଲ ?

ଯାହାପାଇଁ ମୋର ଆଜି ଭିନ୍ନ ସ୍ଥିତି,ନାଁ,ପରିଚୟ..!

କାହା ପାଇଁ ?

ପାରୋ ପାଇଁ..! ଆରେ ତାର ସେ ଷୋହଳ ହଜାର ଟଙ୍କାର ହିସାବ ସେ ବସ୍ତ୍ରୁପ୍ ଯାଏଁ ଦେଇ ଚାଲିଥିଲା। କିନ୍ତୁ ମୁଁ ତାକୁ ଥରୁଟିଏ ବି ଚାହିଁନଥିଲି। ଆଜି ଭାବୁଥିଲି ଘର ବନ୍ଧା ବାବଦ ଯେତିକି ଟଙ୍କା ପାଇଥିଲି ତା ବାପାଠାରୁ ତା ଭିତରୁ ଅଧିକ ତ ଆଡମିଶନ୍,ରହିବା,ଯିବା ଆସିବା ଓ ଖାଇବା ଖର୍ଚ୍ଚରେ ଚାଲିଯାଇଥିଲା। ବାକି ଯାହା ବଳିଥିଲା ସେତକରେ ତିନି ଚାରିବର୍ଷ ବିତାଇବା ମୁସ୍କିଲ୍ ହେବ ବୋଲି କଣ କରିବି ଭାବୁଥିଲି। ପାରୋ ତା ପୂର୍ବରୁ ମୋ ପାଇଁ ଢେର୍ କିଛି ଜିନିଷ ନେଇ ଆସିଥିଲା। ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାନ୍ଥରେ ଟଙ୍ଗା ହୋଇଥିବା ପ୍ୟାଂଟ୍ ସାର୍ଟ ଦେଖି ସେହି ମାପ ଅନୁସାରେ ମୋ ପାଇଁ ଦୁଇହଳ ଡ୍ରେସ୍,ଯୋତା ଆହୁରି କେତେକଣ ! ବ୍ୟାଙ୍ଗାଲୋର୍ ଯିବାପାଇଁ ମୁଁ କିଛି କିଣିନଥିଲି। ହେଲେ ସେସବୁର ହିସାବ ବି ସେ ଦେଉଥିଲା ବାଟରେ। ମୁଁ ଏମିତିରେ ତା ଉପରେ ଖୁବ୍ ଚିଡେ। ଏବେ ବି ତା ରୂପ ଆଖି ସାମ୍ନାକୁ ଆସିଲେ ହସ ଲାଗୁଛି। ତାର ସେ ରିବନ୍ ପିନ୍ଧା ଚୂଟିକୁ..ବହେ ଉଙ୍କୁଣୀ...ତା ସହିତ ଯେତେ ଯାହା ପିନ୍ଧିଲେ ବି ମାନେନି କିଛି। ଖୁବ୍ ବିକଳ ହୁଏ ସାଙ୍ଗ ହେବାକୁ। ହେଲେ ତାକୁ କେହି ପାଖ ପୁରାନ୍ତିନି। ତା ପ୍ରତି ସୃଷ୍ଟି ହୋଇଥିବା ଘୃଣା ପାଇଁ ତା ଉଧାର କଥା ଭୁଲିଯାଇଛି ବୋଧେ।

ତାହେଲେ ସେଇଟା ଅନ୍ୟାୟ ତୁମର ଦେବ୍। ନିଜେ ଯାଇ ଦେଇଆସ। ସେ କଣ ଗାଁରେ ଥିବ ?

କିଏ ଜାଣେ..? କାହା ଖବର ମୋ ପାଖେ କିଛି ନାହିଁ। କିନ୍ତୁ ସେ ତ ତା ବାପାର ଗୋଟେ ମାତ୍ର ଝିଅ ଥିଲା। ତା ବାପା ଘରଜ୍ୱାଇଁ କରି ରଖିଥିବ ବୋଧେ ତା ବରକୁ। ତାକୁ ଯେ କିଏ ବିବାହ କରିଥିବେ ବିଶ୍ୱାସ ହେଉନି।

ଦେବ୍..ଏମିତି କୁହନି କାହାକୁ। ନାରୀତ୍ୱର ଅବମାନନା ମୁଁ ସହିପାରେନି କେବେ। ବାରଣ କଲା ତନ୍ଦ୍ରା। ବେଳେବେଳେ ମାନବିକତା ତନ୍ଦ୍ରା ମନରେ ଚେଇଁଉଠେ।

ସେ ଯାହା ବି ହେଉ ସେ ଋଣ ତୁମକୁ ପରିଶୋଧ କରିବାକୁ ହିଁ ପଡିବ। ଯାହା ପାଇଁ ତୁମେ ଆଜି ଏ ଅପହଂଚ ଉଚ୍ଚତାରେ ତାକୁ ଭୁଲିଯିବା ଅନ୍ୟାୟ। ମୁଁ ତ ଏମିତି ଅନେକ ଚ୍ୟାରିଟି ଚଳାଏ ଘରେ ବସି। ତୁମ ନାଁରେ ବି କେତେ କେତେ ସଂସ୍ଥା ଚେକ୍ ନେଇଯାଆନ୍ତି । ଅଥଚ ତୁମେ କାହା ପାଖେ ଋଣୀ। ନା ଦେବ ମୁଁ ଏସବୁକୁ ପସନ୍ଦ କରେନା। ତୁମକୁ ଏ ଋଣ ପରିଶୋଧ କରିବାକୁ ପଡିବ। ତୁମ ଘରବାଡି କଥା ବି ବୁଝିନାହଁ ତୁମେ ? କିପରି ପୁଅ ହେଲ ତାହେଲେ ? ସେଠି ତୁମ ବାପମାଆଙ୍କ ଅତୃପ୍ତ ଆତ୍ମା ତୁମକୁ ଖୋଜୁଥିବ ଦେବ। ସେମାନଙ୍କ ମୃତ୍ୟୁଦିବସରେ ମନ୍ଦିର ଯାଇ ଢେର୍ ପ୍ରାର୍ଥନା କରିଛ। ବିଭିନ୍ନ ସଂସ୍ଥାମାନଙ୍କୁ ହାତଖୋଲି ଅର୍ଥ ଦାନ କରିଛ। ହେଲେ ଥରୁଟିଏ ନିଜ ଗାଁର ମାଟିକୁ ସ୍ପର୍ଶ କରି ନିଜ ଘରେ ବସିକି ଦେଖିବ..କେତେ ଆତ୍ମ ସନ୍ତୋଷ ସେଠି ! ତନ୍ଦ୍ରା କଥାରେ ଆଖି ଓଦା ହୋଇଆସିଲା ଦେବାର।

ତୁମେ ଠିକ୍ କହୁଛ ତନ୍ଦ୍ରା। କାଲି ମୋର ଓଡିଶା ଯିବାର ଅଛି । ସେଠାରେ କିଛି ପ୍ରୋଜେକ୍ଟ ଆରଂଭ କରିବାକୁ କମ୍ପାନୀ ଚାହୁଁଛି। ଓଡିଶାର କିଛି କମ୍ପାନୀଙ୍କ ସହିତ ମିଟିଙ୍ଗ୍‌ର ବନ୍ଦୋବସ୍ତ ସରିଛି। ସେ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ହୋଇଥିବାରୁ ବୋଧେ ଗାଁ ଓ ଘର କଥା ବେଶ୍ ମନେପଡୁଥିଲା। ଘରଟା ମାଟିରେ ମିଶିଯାଇଥିବ ଯଦି ଡିହଟାକୁ ଦେଖି ପଛେ ବାହାରୁ ବାହାରୁ ଚାଲିଆସିବି। ଯଦି ପାରୋର ବାପା ତାକୁ ଦଖଲ କରିନେଇଥିବେ ତେବେ ବି ସେ ମାଟିକୁ ଛୁଇଁଆସିବି ଟିକେ। କିନ୍ତୁ ଯିବି ନିଶ୍ଚେ।

ହଁ..ଓଡିଶାକୁ ଗଲେ ଗାଁକୁ ନିଶ୍ଚୟ ଯିବ। ମୋର ବି ଇଚ୍ଛା ଥିଲା ଯିବାକୁ। କିନ୍ତୁ ନୂଆ ପ୍ରଡକ୍ଟ ଲଂଚ୍ ହେବାର ଅଛି। ଆଉ କେବେ..!

ଠିକ୍ ଅଛି। ମୁଁ ଟିକେ ୱାକ୍‌ରେ ଯାଉଛି ତନ୍ଦ୍ରା।

କୁଆଡକୁ..?

ଟିକେ ପାର୍କ ଆଡକୁ।

ନା ନା..ସେ ଆଡକୁ ନୁହେଁ। ତୁମେ ଆମ ଲମ୍ବା ଲନ୍‌ରେ ଜଗିଂ କରିପାର। ଏତେ ବାଟ ଯାଅନି। ତନ୍ଦ୍ରା ଅଭିଯୋଗ କରିବା ଆରଂଭ କରିଦେଇଥିଲା। ଓଃ..ଏ ତନ୍ଦ୍ରା ବି ଖୁବ୍ ଅଜବ ପ୍ରକାରର। ସବୁବେଳେ ହାତର କଣ୍ଢେଇ କରି ନଚାଇବାକୁ ଭଲପାଏ। ପର୍ସ ଭିତରର ଏ.ଟି.ଏମ୍ କାର୍ଡ ପରି ମନଇଚ୍ଛା ୟୁଜ୍ କରି ସୁଖ ପାଏ। ତା ଅନୁସାରେ ଉଠ୍ ବସ୍ ହୋଇ ହୋଇ ବେଳେବେଳେ ବିରକ୍ତ ଲାଗେ। ସ୍ୱାଧୀନତା ହଜିଯାଇଛି ଯେପରି ତାକୁ ବିବାହ କରି ! ଏତେ ଇନ୍‌କ୍ୱିଓର୍ କାହିଁକି ସେ କେଜାଣି ! ଅଯଥାରେ ତର୍କ ନକରି ସେ ଲନ୍‌ରେ କିଛି ସମୟ ବୁଲାବୁଲି କଲା। କିନ୍ତୁ ମନେମନେ ଅସନ୍ତୁଷ୍ଟ ହେଉଥିଲା ତନ୍ଦ୍ରାର ଏଭଳି ବ୍ୟବହାରରେ।

ପ୍ରକୃତରେ ତନ୍ଦ୍ରା ଆଜିକାଲି ଆଗଠାରୁ ଆହୁରି ବେଶୀ ପଜେସିବ୍ ହୋଇପଡିଛି ରେଣୁକା ଏଇ ପାଖ କଲୋନୀରେ ରହିବା ଦିନଠୁ। ସେ ଜାଣିଛି ରେଣୁକା ତା ଖୁସିରେ ଆଉ ହସ୍ତକ୍ଷେପ କରିବନି। ହେଲେ କାଇଁକି କେଜାଣି ତା ମନଟା ବୁଝୁନି ଜମା। ଏଭଳି ଯୋର୍ ଜବରଦସ୍ତ ଦୁହିଁଙ୍କୁ ଅଲଗା କରି ସେ ଭୁଲ୍ କରିଛି। ହେଲେ ଅନ୍ୟ ଉପାୟ ତ କିଛି ନଥିଲା। ଦେବଦାସ ତା ନିଶ୍ୱାସ ଓ ପ୍ରଶ୍ୱାସରେ ବହୁଥିଲା। ତା ଆଖପାଖ ପୃଥିବୀରେ ମହକୁଥିଲା। କେମିତି ତାକୁ ରେଣୁକା ଅଗଣାରେ ଦେଖିପାରିଥାନ୍ତା ! ତେଣୁ ସେଦିନ ତା ହାତରେ ଜନ୍ମଦିନର ସବୁଠୁ ଶ୍ରେଷ୍ଠ ଉପହାର ବଦଳରେ ନେଇଆସିଥିଲା ଦେବାକୁ। ଭାବିଲା ସବୁ ଶେଷ ହୋଇଯାଇଛି।

ହେଲେ ତା ହାତରେ ସୁନା ଗଣେଶଙ୍କୁ ରଖି ରେଣୁକା ସବୁଦିନ ପାଇଁ ଚାଲିଯାଇଥିଲା ତା ଜୀବନରୁ। ଦେବ ବାରମ୍ବାର ପଚାରୁଥିଲା ରେଣୁକା ବିଷୟରେ। ତା ସହିତ ପଦେ କଥାହେବାକୁ କେତେ ବିକଳ ହୋଇ ପଡୁଥିଲା। ଆଉ ଈର୍ଷାରେ ଜଳୁଥିଲା ତନ୍ଦ୍ରା। ପ୍ରେମ ଦୁଇ ପରମ ବାନ୍ଧବୀଙ୍କୁ ଶତ୍ରୁ ବନାଇପାରେ ଏମିତି ! ପିଲାମାନେ ଆଲୋଚନା କରୁଥିଲେ। ଫାଇନାଲ୍ ଏକ୍‌ଜାମ୍ ପରେ ଯେଝା ବାଟରେ ଯେଝା ଚାଲିଗଲେ। କିଏ କ୍ୟାମ୍ପସ୍ ପାଇଗଲା ତ କାହାର ଚାକିରୀ ହୋଇଗଲା।

ଦିନେ ହଠାତ୍ ଦେବାକୁ ଗୁମସୁମ୍ ଦେଖି ତନ୍ଦ୍ରା ବ୍ୟସ୍ତ ହୋଇପଡି ପଚାରିଲା-କଣ ହୋଇଛି ? ଏମିତି ଚୁପ୍ କାହିଁକି ?

ନା..ସେମିତି କିଛି ନୁହଁ। କିନ୍ତୁ କିଛି ରହସ୍ୟ ଭେଦ କରିପାରୁନି।

କୋଉ ରହସ୍ୟ ?


ରେଣୁକାକୁ ନେଇ।

ତାକୁ ବୁଝିବା କଣ ଦରକାର ? ଚିଡିଉଠିଲା ତନ୍ଦ୍ରା।

ସେ ତୁମ ସାଙ୍ଗ ଥିଲା ନା ? କଣ ହେଲା ଉଭୟଙ୍କ ଭିତରେ ?

ସେ ତୁମ ପ୍ରସଂଗ ନୁହଁ ଦେବା। ତନ୍ଦ୍ରା ହିଂସ୍ର ହୋଇପଡୁଥିଲା ରେଣୁକା ନାଁ ଶୁଣି।

ତୁମେ ତାକୁ ସହ୍ୟ କରିପାରୁନାହଁ। କିନ୍ତୁ ସେ ତୁମ ବିଷୟରେ ମୋତେ କେତେ କଣ କହିଲା ଆଜି ଜାଣ ? **(କ୍ରମଶଃ...)**



## ପାଦଚଲା ରାସ୍ତା

ଆରତୀ ତିୱାରୀ



ଅନୁବାଦ : ଈପ୍‌ସିତା ଷଡଙ୍ଗୀ

**କେ**ବଳ ଗାଁ ଗହଳିରେ ହିଁ
ଦେଖିବାକୁ ମିଳେ
ପାଦଚଲା ରାସ୍ତା
ଖୋଜିଲେ ବି ମିଳିବନି
ସହର କି ମହାନଗରରେ !
ମନମୋହି ନେଉଥାଏ
ନିଜର ଗାଉଁଲି ସହଜ ପଣରେ
କେତେ କାହାଣୀ, କିମ୍ବଦନ୍ତୀ
ତା'ରି ଭିତରେ, କେତେକଙ୍କର ଯାତ୍ରାବୃତ୍ତାନ୍ତ।
ଖେତ ଠାରୁ ବାଡି ବଗିଚା ପର୍ଯ୍ୟନ୍ତ
ଗୁରୁଣ୍ଡି, ଚାଲି, ଖୁସିରେ ଖେଳିକୁଦି
ଯୌବନର ପ୍ରଥମ ପାହାଚରେ ଏବେ।
ଏଇଠି ମୁଖରିତ
ସେମାନଙ୍କ ସୁଖଦୁଃଖର ସଙ୍ଗୀତ।
ଆବଶ୍ୟକ ଅନୁଯାୟୀ
ଆବଶ୍ୟକତା ପାଇଁ ବଦଳି ଚାଲିଲି
ଛାତିରେ ସାଉଁଟି ଧରି
ତାଙ୍କ ପୂର୍ବଜଙ୍କ ପାଦଚିହ୍ନ।
ଯିଏ ଏମାନଙ୍କୁ
ଚାଲିବା ଶିଖେଇଥିଲେ
ସିଏ ଆଜି ତାଙ୍କ କାନ୍ଧରେ, ତା'ରି ଉପରେ



ବିଲୀନ ହୋଇଚାଲିଛନ୍ତି
ଆକାଶର ଲାଲିମା ଭିତରେ।
ଏମାନେ ଆଜି ବି ଜୀବନ୍ତ ଅଛନ୍ତି
ଆଉ କେବେ କେବେ ହସି ଦିଅନ୍ତି
ମହାନଗରର ଟ୍ରାଫିକ ଜାମ୍‌କୁ ଦେଖି।
ଗୋଧୂଳି ସମୟରେ
ବଳଦର ଘଣ୍ଟି ଶବ୍ଦର ସଙ୍ଗୀତ ଶୁଣେଇ ଶୁଣେଇ
ଇଏ ଆଜି ବି ଘରେ ପହଞ୍ଚେଇ ଦିଏ
ନବ ଆଗନ୍ତୁକଙ୍କୁ
ସହର ମୁହଁ ଫେରେଇ ନେଉଥାଏ ଯେତେବେଳେ।
ଆଉ ସେତେବେଳେ ସ୍ୱପ୍ନ ଆଉ ସାହସ ହରେଇ
କିଏ କିଏ ପରାସ୍ତ ହୋଇଯାଉଥା'ନ୍ତି
ଜୀବନ ଯୁଦ୍ଧରେ।
ପାଦଚଲା ରାସ୍ତା କିନ୍ତୁ ଅଟଳ ଥାଏ
ହଟେନି ନିଜ ସ୍ଥାନରୁ କେବେ ବି।

*୩୬, ମଙ୍ଗଳମ୍ ବିହାର, କୋଟିୟାନୀ,*
*ମନ୍ଦସୌର, ୪୫୮୦୦୧, ମଧ୍ୟପ୍ରଦେଶ*
*ମୋ : ୦୯୪୦୭୪୫୧୫୬୩*

## ସେଇ ତ ଗୋଟିଏ ବିଶ୍ୱାସ

ଲିପ୍‌ସା ପଟେଲ



**ଆ**ଖିପତାରୁ ଖସିଯାଇଥିବା
ଗୋଟିଏ ଦୁର୍ବଳ ବାଳକୁ
ହାତମୁଠାରେ ଫୁଙ୍କି ଦେବା ...
ସେଇ ତ ଗୋଟିଏ ବିଶ୍ୱାସ !
ଉଲ୍‌କା ଖଣ୍ଡଟିକୁ ଦେଖି
ଆଖି ମୁଦିଦେଇ
କିଛି ଗୋଟିଏ ମାଗିନେବା ...
ସେଇ ତ ଗୋଟିଏ ବିଶ୍ୱାସ !

ଶୁଦ୍ଧପୂତ ହୋମାଗ୍ନିରେ
ସାତଜନ୍ମର ବନ୍ଧନରେ ବାନ୍ଧି ହେବାର
ପଣ ନେଇ
ଚିମୁଟେ ସିନ୍ଦୂରକୁ ଧାରଣ କରିବା ବି ତ
ଗୋଟିଏ ବିଶ୍ୱାସ !



ଶର ମୁନରେ ଟଣା ହୋଇଥିବା
ତିନୋଟି ଗାରକୁ
ପ୍ରତ୍ୟୟର ତାରବାଡ ଭାବିନେବା
ଲକ୍ଷ୍ମଣ ରେଖାଟିଏ ବି ତ
ଗୋଟିଏ ବିଶ୍ୱାସ !


ସତୀଦାହ ହେଉ ଅବା ଜୋହର୍
ନିଜ ଚରିତ୍ରକୁ ପ୍ରମାଣିତ କରିବାର
ଏକ ଅନ୍ଧ ପଦ୍ଧତିରେ
ଜୁଇରେ ଜଳିଯିବା ବି
ଗୋଟିଏ ବିଶ୍ୱାସ !

ସତୀ ହେଉ ଅବା ସୀତା
ଦୌପଦ୍ରୀ ହେଉ ଅବା ଗାନ୍ଧାରୀ
ସାଧାରଣ ନାରୀଟିଏ ହେଉ ଅବା ପାଷାଣୀ ଅହଲ୍ୟା
ବନ୍ଧା କେବଳ ଏକ ସୂତ୍ରରେ ...
ଗୋଟିଏ ବିଶ୍ୱାସରେ !



*ଭବାନୀପାଟଣା*





ଅଦିତି ଦାସ
ଷ୍ଟାଣ୍ଡାର୍ଡ-୪
ବିଜେଇଏମ୍ ସ୍କୁଲ -୨
ସତ୍ୟଭାମାପୁର, ଭୁବନେଶ୍ୱର





ଆୟୁଷ କୁମାର ରାଉତ
ଷ୍ଟାଣ୍ଡାଡ-୪
ଅରବିନ୍ଦ ସେଣ୍ଟର ଅଫ୍ ଇଣ୍ଟିଗ୍ରାଲ ଏଜୁକେଶନ
ରାଜା ବଗିଚା, ବାଲେଶ୍ୱର

## ପ୍ରତୀକ୍ଷା

ଅମିନୀଲୁ ରାୟ



ମାନସିଂହ ପାଟଣା ଛକରୁ ଠିକ୍ ଡାହାଣକୁ କିଛି ବାଟ ଗଲା ପରେ ପଡେ ସୁବର୍ଣ୍ଣପୁର । ସରୁ ଅଙ୍କା ବଙ୍କା ନଈଟିଏ ବହିଯାଇଛି କାହିଁ କେତେ ଦୂର ଏଇ ଗାଁ ପାଖ ଦେଇ । ଉକ୍ତ ଗାଁ'ରେ ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହେଇନି ଓ ନଳକୂପଟିଏ ମଧ୍ୟ ବସାଯାଇ ନାହିଁ । ତେଣୁ ବାଧ ହୋଇ ଲୋକେ କୂଅ ଆଉ ନଦୀ ଉପରେ ବର୍ଷ ତମାମ୍ ନିର୍ଭର କରିଥା'ନ୍ତି । ଖାଲି ସେତିକି ନୁହେଁ, ଏ ଗାଁ'କୁ ମଧ୍ୟ ଭଲ ରାସ୍ତାଟିଏ ନଥିବାରୁ ବର୍ଷା ଦିନେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି ହେଇଯାଏ । ସେଇ ଗାଁ'ର ଝିଅ ସରିତା । ଏବେ ତାଙ୍କୁ ବୟସ ପାଖାପାଖି ୫୦ ଛୁଇଁବ । ଗୌର ବର୍ଣ୍ଣ, ମଧ୍ୟମ ସ୍ୱାସ୍ଥ୍ୟ । ବୃତିରେ ଶିକ୍ଷକତା । ତାଙ୍କର ପରିବାର କହିଲେ ଦୁଇ ଜଣ । ଆଈବୁଢୀ ଓ ସେ । ପିଲାଟିଦିନୁ ବାପମାଆଙ୍କୁ କେବେ ଦେଖିନି ସରିତା । ଆଈ କୋଳରେ ଯାହା ମଣିଷ ହେଇଛି ।

ସମୟ ଦିନ ଦଶଟା । ସ୍କୁଲ ଛୁଟି ଥାଏ । ଘର ପଛପଟେ ଥିବା ଆମ୍ବ ବଗିଚାରେ ବସିଛି ସରିତା । ସୁଲୁସୁଲିଆ ପବନ ବହୁଛି । ଗଛ ଡାଳରୁ ଚଢେଇମାନଙ୍କର କେଁ କଟର ଶବ୍ଦ ଭାସି ଆସୁଛି । ବିଗତ ଦିନରୁ ଛାତି ତଳେ ସାଇତି ରଖିଥିବା ପିଲାଦିନର ଅଭୂଲା ସ୍ମୃତିସବୁ କାହିଁକି କେଜାଣି ଆଜି ମନେ ପଡୁଛି ତା'ର ବାରମ୍ବାର । ଭାବନା ରାଜ୍ୟରେ ଖୋଜୁଛି ସେଇ ବହୁ ପ୍ରତୀକ୍ଷୀତ ମୁହୂର୍ତକୁ ।

ପିଲାଦିନେ ସରିତା ମାମୁଁଘରେ ରହି ପାଠ ପଢୁଥିଲାବେଳେ ତା'ର ଅତି ପ୍ରିୟ ସାଥୀ ଥିଲା ସଲିଳ । ପାଠପଢାରେ ସେ ସର୍ବଦା ତାକୁ ସାହାଯ୍ୟ କରୁଥିଲା । ଏ ଦୁହିଁଙ୍କ ଫ୍ରେଣ୍ଡସିପ୍‌କୁ ଶ୍ରେଣୀର ସହପାଠୀମାନେ ଭିନ୍ନ ଦୃଷ୍ଟିରେ ଦେଖି ଟାହିଟାପରା କରୁଥିଲାବେଳେ, ସରିତା ମନଦୁଃଖରେ ବେଳେବେଳେ ସ୍କୁଲ ଯାଏନି । ଏଇଥିପାଇଁ ସଲିଳ ସଦାବେଳେ ତାକୁ ଅନ୍ୟମାନଙ୍କ କଥା ପ୍ରତି ଗୁରୁତ୍ୱ ନଦେଇ ନିଜର କ୍ୟାରିୟର ଉପରେ ଧ୍ୟାନ ଦେବାକୁ କୁହେ । ଦିନେ ସରିତା ଆଖିରେ ଲୁହ ଦେଖି, ସେ ନିଜକୁ ସହି ନପାରି ବୁଝାଇ କହିଲା –

-ତୁ କାହିଁକି କାନ୍ଦୁଛୁ ?

-ମୋ ସାଙ୍ଗମାନେ ମୋତେ କମେଂଟ୍ କରୁଛନ୍ତି । ମୋ ନାଁ'କୁ ତୋ ନାଁ'ରେ ଯୋଡି କେତେ କଥା କହୁଛନ୍ତି ।

-ତୁ ଶୁଣୁଛୁ କାହିଁକି ? କେମିତି ଭଲ ପାଠ ପଢିବୁ, ପରୀକ୍ଷାରେ ଭଲ କରିବୁ, ସେ ବିଷୟରେ ଆଗ ଚିନ୍ତା କର । ବାଜେ କଥାରେ ମୁଣ୍ଡ ପୁରାନା । ତୁ ଦେଖ, ସେମାନେ ମୋତେ ବି କହୁଛନ୍ତି । ହେଲେ ମୁଁ କିଛି ଶୁଣୁଛି କି ? ସବୁ ଏ କାନରେ ପୁରେଇ ସେ କାନରେ ବାହାର କରି ଦେଉଛି । ଆ', ମମି ଡାକିଲାଣି, ଖାଇବା । ତା'ପରେ କିଛି ସମୟ ପଢାପଢି କରିବା ।

ରାତି ପରେ ଦିନ ଆସେ, ଦିନ ପରେ ରାତି । ଏ ହେଉଛି ସୃଷ୍ଟିର ନୀୟମ । ବିଧିର ବଧାନ । ଏହାକୁ କେହି ଏଡାଇ ଦେଇ ପାରିବେ ନାହିଁ । ରଥ ଚକ ପରି ସମୟ ଗଡି ଚାଲିଛି । ମେଟ୍ରିକ୍ ପରେ ସଲିଳ ସହରରେ ରହି ପଢିବାକୁ ତା ବାପା ଚାହିଁଥିଲାବେଳେ ସରିତା ସେଇ ଗାଁ ପାଖ କଲେଜ୍‌ରେ ପଢିବ ବୋଲି ମନରେ ଆଶା ରଖିଛି । ଦିନେ ସଂଧ୍ୟାରେ, ଛାତ ଉପରେ ଦୁହେଁ ଏକାଠି ବସି ଗପସପ ହେଉଥିଲାବେଳେ, ସରିତା ମନ ଦୁଃଖରେ ଚାହିଁ କହିଲା–

-ତୁ ସହରରେ ରହି ପଢିବୁନା ?

-ହଁ, ସେଥିରେ କ'ଣ ଅଛି ? ଭଲ ପଢିଲେ ହେଲା । ସହର କ'ଣ, ଗାଁ କ'ଣ ? ଯେଉଁମାନେ ଗାଁ କଲେଜ୍‌ରେ ପଢୁଛନ୍ତି ସେମାନେ କ'ଣ ଚାକିରି ପାଉନାହାନ୍ତି ? ଯେତିକ ସବୁ ଅଜବ କଥା ଖାଲି ତୋ'ରି ମୁଣ୍ଡରେ ।

-ତୋତେ ମୁଁ କଥାରେ ପାରିବିନି । କିନ୍ତୁ ସହର ମାଟି ଛୁଇଁଲା ପରେ ତୁ ମୋତେ ଭୂଲି ଯିବୁନି ତ ? ସରିତା ଆଖିରେ ଲୁହ ସ୍ପଷ୍ଟଭାବେ ବାରିହୋଇପଡୁଥିଲା ।

-କେବେ ନୁହେଁ । ହେଲେ ତୁ ଏସବୁ କଥା ଭାବୁଛୁ କାହିଁକି ? ଠିକ୍ ଅଛି । ପ୍ରତି ଛୁଟିରେ ମୁଁ ଗାଁ'କୁ ଆସିବି । ଏଥର ଖୁସି ତ ?

-ତୁ ଚାଲିଗଲେ ମୁଁ ଏକା ହେଇଯିବିନା ? କ'ଣ କରିବି କିଛି ଭାବି ପାରୁନି ।

-ତୋର କିଛି ଭାବିବା ଦରକାର ନାହିଁ । ମୋ କଥା ମାନି ମନ ଦେଇ ପାଠ ପଢିବୁ, ବୁଝିପାରିଲୁ ?

-ଠିକ୍ ଅଛି ।

ବଡଦିନ ଛୁଟି ହେବ ଆଉ ଦୁଇ ଦିନ ପରେ । ସଲିଳ ଘରକୁ ଆସିବ । ଏକଥା ଭାବିଲାବେଳକୁ ଖୁସିରେ ସରିତାକୁ ରାତିରେ ନିଦ ହୁଏନି । ଦୁଇ ଦିନ, ଦୁଇଟି ଯୁଗ ପରି ଲାଗୁଛି ସତେ ଯେମିତି । ସଲିଳ ତା ପାଖକୁ ଆସିଲେ ସେ ତାକୁ କି ସରପ୍ରାଇଜ୍ ଦେବ, ଭାବି ଭାବି ରାତି ପାହି ଯାଉଛି ହେଲେ, ମନେ ପଡୁନି । ଚକୋରୀଟିଏ ହୋଇ ଚକୋରର ଫେରନ୍ତା ବାଟକୁ ଚାତକିନୀ ପରି ଅପଲକ ନୟନରେ ଚାହିଁବସିଛି ଶ୍ରାବଣୀ ।

ସଲିଳ ଆସି ଗାଁ'ରେ ପହଂଚିଲାବେଳକୁ ସଂଧ୍ୟା ଛଅଟା । ମନ୍ଦିରରୁ ଘଂଟ ମାଦଳର ଗୁରୁଗମ୍ଭିର ଶବ୍ଦ ଭାସିଆସୁଥାଏ । ଦୈବାତ୍ ସେଦିନ ଠାକୁରାଣୀଙ୍କ ପାଖରେ ବାର୍ଷିକ ମେଳା ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହେଉଥିଲାବେଳେ, ଲୋକମାନେ ଯେଝା ଯେଝା କାର୍ଯ୍ୟରେ ରହି ସାହାଯ୍ୟ ସହଯାଗ କରୁଥା'ନ୍ତି । ଏତିକିବେଳେ ସଲିଳ ଘରେ ପହଂଚି, ବ୍ୟାଗ୍ ରଖି, କ'ଣ ଟିକେ ଟିଫିନ୍ କରି, ତରତର ହୋଇ ସରିତାକୁ ଦେଖା କରିବାକୁ ଆସି, ଚାରିଆଡେ ଖୋଜି, ନପାଇ, ମନଦୁଃଖରେ କିଏ କହିଦେଲାଭଳି ଶେଷରେ ମନ୍ଦିରକୁ ଯାଇ ଦେଖେ ତ – ସେ ଧ୍ୟାନର ସହ ଏକାଗ୍ର ଚିତରେ ଆଳତୀ କରିବାରେ ମଗ୍ନ ଅଛି । ସଲିଳ ଏସବୁ ଦେଖି ଖୁସି ହୋଇ ସେଠାରେ ତାକୁ ଅପେକ୍ଷା କଲା । କିଛି ସମୟ ପରେ ସରିତା ପଛକୁ ଚାହିଁ, ହଠାତ୍ ତାକୁ ଦେଖି ଦେଇ କିଛି କହି ପୂର୍ବରୁ ସଙ୍ଗେ ସଙ୍ଗେ ସଲିଳ ସ୍ମିତ ହସି କହିଲା-ଲେଟ୍ ହେଲାଣି । ଚା'ଲେ, ଘରକୁ ଯିବା । ତା'ପରେ ଯେଉଁ କଥା ।

ସରିତା ଲାଜରେ ଚୁପ୍‌ଚାପ୍ ବସିଥାଏ ସଲିଳ ପାଖରେ । ଅତି ଖୁସିରେ ତଥା ଭାବବିହ୍ୱଳରେ କିଛି କହିବାକୁ ଚାହୁଁଥିଲେ ବି ସେ କିଛି କହିପାରୁନଥିଲା । ତା ପାଟି ଓଠ ଶୁଖିଯାଉଥିଲା ଯେମିତି । ସରିତାର ଏପରି ନିରବତା ଦେଖି ସଲିଳ ହସି ହସି କହିଲା-

-କ'ଣ ହେଲା ? ଏମିତି ଚୁପ୍‌ଚାପ୍ ବସିଛୁ କାହିଁକି ? କିଛି କହିବୁନି ?

-କ'ଣ କହିବି । ପ୍ରଥମେ ତୁ କହ ।

-ତୋ ପାଠପଢା କେମିତି ଚାଲିଛି ?

-ଭଲ । ଆଉ ତୋ'ର... ?

-ହଁ, ଭଲ ।

-ମୁଁ ମନେ ପଡେ କି ନାହିଁ ?

-ହଁ, ସବୁବେଳେ । ବେଳେବେଳେ ଇଚ୍ଛା ହୁଏ, ତୋତେ ଟିକେ ଦେଖିବାକୁ ।

-କାହିଁକି ?

-କାହିଁକିନା ମୁଁ ତୋତେ ବେଶୀ ଭଲପାଏ ।

ଲାଜରେ ମୁଣ୍ଡ ତଳକୁ କଲା ସରିତା । ଏଇ କଥା ପଦେ ଶୁଣିବା ପାଇଁ ସେ କେବେଠାରୁ ଚାହିଁ ବସିଥିଲା ଯେମିତି । ସଲିଳକୁ ପାଖରେ ପାଇ ସେ ମନେମନେ ଏତେ ଖୁସି ହେଇଯାଇଥିଲା ଯେମିତି, ଫୁଲ ସହ ଭଅଁରର ସମ୍ପର୍କ ପରି । ବଡଦିନ ଛୁଟି କେମିତି କଟିଗଲା, ସେ ଆଦୌ ଜାଣିପାରିଲାନି ।

ସୁଖ ପରେ ଦୁଃଖ ଆସେ । ବିଧିର ବିଧାନକୁ ବା କିଏ ରୋକି ପାରିବ ? ଛୁଟିର ଶେଷ ଦିନରେ, ସେଦିନ ସଂଧ୍ୟା ସମୟରେ, ନଦୀ କୂଳରେ, ସରିତା ଅପେକ୍ଷା କରିଥାଏ ସଲିଳକୁ । କିଛି ସମୟ ପରେ ସଲିଳ ସେଠାରେ ପହଂଚିବା କ୍ଷଣି, ଲୁହ ଭିଜା ଆଖିରେ ସେ ତାକୁ ଆଲିଙ୍ଗନ କରି କହିଲା-

-ତୁ ସତରେ ମୋତେ ଭୂଲିଯିବୁନି ତ ?

-ଏ ଜନ୍ମରେ ନୁହେଁ । ତୋତେ ଟିକେ ନଦେଖିଲେ ମୋତେ କେମିତି କେମିତି ଲାଗେ । ମୁଁ ତୋ ବିନା ବଂଚିପାରିବିନି ।

-ମୁଁ ବି ତୋତେ ମୋ ଜୀବନଠୁ ବେଶୀ ଭଲପାଏ । ସେଇଥିପାଇଁ ନିଇତି ସଂଧ୍ୟାରେ ତୋ ପାଇଁ ଠାକୁରାଣୀଙ୍କ ପାଖରେ ଆଳତୀ କରେ, ତୋ'ର ଶୁଭ ମନାସେ । ତୁ କାଲି ଚାଲିଗଲା ପରେ ମୁଁ ତୋତେ ଛାଡି କେମିତି ବଂଚିବି, ଭାବିପାରୁନି ।

ଅଶ୍ରୁଳ ନୟନରେ ସଲିଳ ତା ଆଖିରୁ ଲୁହ ପୋଛିଦେଇ କହିଲା- ତୁ ମୋ ପାଇଁ ଆଦୌ ବ୍ୟସ୍ତ ହଅନା । ନିଜେ ପାଠ ପଢାରେ ମନ ଦେ । ଦେଖିବୁ , ପରେ ସବୁ ଠିକ୍ ହେଇଯିବ । ଚା'ଲେ, ଘରକୁ ଯିବା । ଅଧିକ ସମୟ ଏଠାରେ ରହିଲେ ଲୋକେ ଆମକୁ ଖରାପ ଦୃଷ୍ଟିରେ ଦେଖିବେ ।

ଏହା ମଧ୍ୟରେ ଆଠ ବର୍ଷ ଅତିକ୍ରାନ୍ତ ହୋଇସାରିଛି । ସରିତା ବି.ଇଡ୍ ପାସ୍ କରି ତାଙ୍କ ଗାଁ ନିକଟସ୍ଥ ସରକାରୀ ହାଇସ୍କୁଲରେ ଶିକ୍ଷକତା କରୁଛି । ସଲିଳ ଯୋଗୁଁ ଏହା ସମ୍ଭବ ହେଇପାରିଛି । ସଲିଳ ବି ଷ୍ଟେସନ୍ ମାଷ୍ଟର ଚାକିରି ପାଇ ଭୁବନେଶ୍ୱରରେ ରହୁଛି ।

ଜୀବନ ଆକାଶରେ କଳା ବାଦଲ୍ ଘୋଟି ଆସିଲା ପରି ହଠାତ୍ ଏକ ମର୍ମନ୍ତୁଦ ଗୁର୍ଘଟଣାରେ ସଲିଳର ଡାଡି ମମିଙ୍କ ଅକାଳ ମୃତ୍ୟୁ ଘଟେ । ସେଥିରେ ସଲିଳ ଅତ୍ୟନ୍ତ ବ୍ୟଥିତ ହୋଇ ସେହିଦିନୁ ଆଉ ଗାଁ'କୁ ଫେରିନି । ସିନ୍ଦୂର ଟୋପେ ପିନ୍ଧିବା ପାଇଁ ସରିତା ତା'ର ଫେରନ୍ତା ବାଟକୁ ଚାତକିନୀ ପରି ଚାହିଁବସିଛି । ଦିନ ପରେ ଦିନ ଗଡି ଚାଲିଛି, ହେଲେ ଅଭାଗିନୀ ସରିତା ଆଖିରୁ ଲୁହର ଧାର ଏପର୍ଯ୍ୟନ୍ତ ଶୁଖୁନି । ଏହା ମଧ୍ୟରେ ଅନେକ ବର୍ଷ ବିତିଗଲାଣି । ସରିତା ପ୍ରମୋସନ୍ ପାଇଲାଣି । କିନ୍ତୁ ସଲିଳର ଦେଖା ନାହିଁ । ଗାଁ ଲୋକେ କୁହାକୁହି ହେଉଛନ୍ତି – "ତା ଡାଡି ମମିଙ୍କ ଅକାଳ ବିୟୋଗରେ ସେ ଶକ୍ତ ମାନସିକ ଆଘାତ ପାଇ ଚାକିରି ଛାଡି କୁଆଡେ ବହୁ ଦୂରକୁ ଚାଲିଯାଇଛି, ଏମିତିକି ଫେରିବାର ସମ୍ଭାବନା ବାହାରେ ।" ତା'ର କିଛି ଏପର୍ଯ୍ୟନ୍ତ ଖୋଜ୍ ଖବର ମିଳୁନି । କିନ୍ତୁ ସରିତାର ମନ ଜମା ବୁଝୁନି । ତାକୁ ଖୋଜିବା ପାଇଁ ସିଏ ଅନେକ ଥର ଭୁବନେଶ୍ୱର ଆସିଛି, ସବୁ ରେଳ ଷ୍ଟେସନରେ ବୁଝିଛି, ହେଲେ କିଛି ଉତର ପାଇନି । ପୋଲିସ୍ ଷ୍ଟେସନ୍‌ରେ ନିଖୋଜ୍ ବୋଲି ଏଫ୍.ଆଇ.ଆର୍ ଦେଇଛି, କିନ୍ତୁ କିଛି ଫଳ ମିଳିନି । ଦୈନିକ ଖବରକାଗଜ, ଟି.ଭି ଚ୍ୟାନେଲ୍‌ରେ ଫଟୋ ସହ ନିଖୋଜ୍ ବୋଲି ଘୋଷଣା କରିଛି, ହେଲେ ତା'ର ସବୁ ଚେଷ୍ଟା ବିଫଳ ହେଇଛି । ତଥାପି ତା ମନରେ ଦୃଢ ବିଶ୍ୱାସ ରଖି, ସେ ଏବେ ବି ସଲିଳର ଫେରନ୍ତା ବାଟକୁ ସେମିତି ଚାହିଁରହିଛି । ଯେମିତି ସେ ପ୍ରତୀକ୍ଷାର ଅବସାନ ନାହିଁ ।

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

### ସହମତି କି ସମନ୍ୱୟ ହୋଇପାରୁନି

# ପଶ୍ଚିମ ଓଡ଼ିଶାକୁ କେବେ ଫେରିବ 'ପଶ୍ଚିମ ଓଡ଼ିଶା ବିକାଶ ପରିଷଦ' କାର୍ଯ୍ୟାଳୟ

**ସୋନପୁର :** ପଶ୍ଚିମ ଓଡିଶାରେ ନାହିଁ 'ପଶ୍ଚିମ ଓଡିଶା ବିକାଶ ପରିଷଦ'ର ମୁଖ୍ୟ କାର୍ଯ୍ୟାଳୟ। ଆରମ୍ଭରୁ ଏହି କାର୍ଯ୍ୟାଳୟ ୨୦୦/୩୦୦ କିମି ଦୂର ଭୁବନେଶ୍ୱରେ କାର୍ଯ୍ୟ କରୁଛି। ଦୀର୍ଘ ୧୯ ବର୍ଷ ବର୍ଷ ଧରି ଦାବି ହେଉଥିଲେ ମଧ ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଫେରୁନି ପଶ୍ଚିମ ଓଡିଶାକୁ। ପଶ୍ଚିମ ଓଡିଶା ହାଇକୋର୍ଟର ବେଞ୍ଚ ସ୍ଥାପନ ପାଇଁ ଆନ୍ଦୋଳନ ଜାରି ରହିଥିବା ବେଳେ ଏହି ଅଞ୍ଚଳ ପାଇଁ ୧୯୯୯ ମସିହାରେ ଗଢ଼ାଯାଇଥିବା ପରିଷଦର ମୁଖ୍ୟ ଦପ୍ତରକୁ ଫେରାଇ ଆଣିବା ପାଇଁ ଆଜି ପର୍ଯ୍ୟନ୍ତ ଆଖିଦୃଶିଆ ଆନ୍ଦୋଳନ ହୋଇନାହିଁ। ଏପରିକି ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ମଧ୍ୟରେ ଏକ ନେଇ ସମନ୍ୱୟ ଥିବା ଦେଖିବାକୁ ମିଳୁନି। ରାଜ୍ୟ ସରକାର ମଧ ପଶ୍ଚିମ ଓଡିଶା ବିକାଶ ପରିଷଦ ଲାଗି ବ୍ୟାପକ ଅର୍ଥ ବରାଦ କରୁଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷଙ୍କୁ କ୍ୟାବିନେଟ ମନ୍ତ୍ରୀ ଭଳି ସବୁ ସୁବିଧା ସୁଯୋଗ ଯୋଗାଇଦେବା ସହ ରାଜଧାନୀରେ ବି କ୍ୟାବିନେଟ୍ ମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆବାସିକ ବଙ୍ଗଳା ଦିଆଯାଉଛି। ଏହି ପରିଷଦର କାର୍ଯ୍ୟାଳୟ ରାଜଧାନୀର ବିଭାଗୀୟ ମୁଖ୍ୟ ଦପ୍ତର ନିକଟରେ ଥିବା ରାଜୀବ ଭବନରେ ୧୯ ବର୍ଷ ଧରି କାର୍ଯ୍ୟ କରିଆସୁଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ ଦପ୍ତର ସମ୍ପରକ୍ତ ଅଞ୍ଚଳରେ ନ ରହି କାହିଁକି ଭୁବନେଶ୍ୱରରେ ରହୁଛି ଏବଂ ଏହା କେବେ ପଶ୍ଚିମ ଓଡିଶାକୁ ଫେରିବ ସେ ନେଇ କାହାରି ପାଖରେ ଉତ୍ତର ନାହିଁ। ଏ ସଂପର୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଗୋଟିଏ କଥା କୁହାଯାଉଛି ଯେ ଏହି ପରିଷଦର ମୁଖ୍ୟ ଦପ୍ତର ପଶ୍ଚିମ ଓଡିଶାରେ ସ୍ଥାପନ ସମ୍ବନ୍ଧରେ ସର୍ବସମ୍ମତ ମତାମତ ପରିଷଦ ଠାରୁ ଲୋଡା ଯାଇଛି ଓ ପରିଷଦ ଠାରୁ ସର୍ବସମ୍ମତ ମତାମତ ଆସିବା ପରେ ପଶ୍ଚିମ ଓଡିଶାରେ ଏହାର ମୁଖ୍ୟ ଦପ୍ତର ସ୍ଥାନ ଲାଗି ବିହୀତ ପଦକ୍ଷେପ ନିଆଯିବ। ପଶ୍ଚିମ ଓଡିଶା ବିକାଶ ପରିଷଦରେ ସଂପୃକ୍ତ ଜିଲାଗୁଡିକର ବହୁ ବିଧାୟକ ଓ ଅଣବିଧାୟକ ସଦସ୍ୟ ଅଛନ୍ତି । ପଶ୍ଚିମ ଓଡିଶାର ଯେ କୌଣସି ଜିଲାରେ ବିକାଶ ପରିଷଦର ଦପ୍ତର ସ୍ଥାପନ ଲାଗି ପରିଷଦର ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତି ମତ ପ୍ରକାଶ ପାଇପାରୁନାହିଁ । ଏ ବିଷୟକୁ ନେଇ ପରିଷଦର ସଦସ୍ୟ ଓ ସରକାରଙ୍କ ଉପରେ ଚାପପ୍ରୟୋଗ ଲାଗି ମଧ ରାଜନୈତିକ ଦଳର ନେତୃମଣ୍ଡଳୀ ଓ କର୍ମୀମାନେ ଉଦ୍ୟମ କରୁନଥିବା ଦେଖିବାକୁ ମିଳିଛି । ଫଳରେ କାର୍ଯ୍ୟାଳୟ ପଶ୍ଚିମ ଓଡିଶାକୁ ଫେରି ।ରୁନି। ଆଞ୍ଚଳିକ ବୈଷମ୍ୟର କାରଣ ଓ ନିରାକରଣ ଖୋଜିବା ପାଇଁ ରାଜ୍ୟ ସରକାର ବସାଇଥିବା ଜଷ୍ଟିସ ଏମ୍‌କେ ମହାନ୍ତି କମିଶନ ଏହି ପରିଷଦର ମୁଖ୍ୟ ଦପ୍ତର ପଶ୍ଚିମ ଓଡିଶାକୁ ସ୍ଥାନାନ୍ତର ପାଇଁ ସୁ ।ରିସ୍ କରିଥିଲେ ବି ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ। ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଞ୍ଚଳରେ ଯେଉଁସବୁ ଜିଲା ଆସୁଛି ସେହି ଅଞ୍ଚଳର ବହୁ ବିଧାୟକ ଓ ବିଶିଷ୍ଟ ବ୍ୟକ୍ତି ପରିଷଦର ସଦସ୍ୟ ଥିଲେ ମଧ ସେମାନେ ଏହାର ମୁଖ୍ୟ ଦପ୍ତର ପଶ୍ଚିମ ଓଡିଶାର କେଉଁ ସ୍ଥାନରେ ହେବ ସେଥିନେଇ ସହମତି ପ୍ରକାଶ କରି ।ରୁନଥିବାରୁ ବିବାଦ ଏଡାଇବା ପାଇଁ ଏହି ଦପ୍ତର ୧୯ ବର୍ଷ ଧରି ଭୁବନେଶ୍ୱରରେ ଚାଲିଛି । ଏହା ପଶ୍ଚିମ ଓଡିଶାବାସୀଙ୍କ ପାଇଁ ଏକ ଦୁର୍ଭାଗ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

# ଗଣମାଧ୍ୟମ ପ୍ରତିନିଧିମାନଙ୍କ ତାଲିକା ପ୍ରସ୍ତୁତ ବିଳମ୍ବ

## ଡିଆଇପିଆରଓଙ୍କ ଟାଳଟୁଳ ନୀତି

**ଖୋରଧା :** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଖାମଖିଆଲିଆ ମନୋଭାବ ଯୋଗୁଁ ଦୀର୍ଘ ଦିନ ବିତିଯାଇଥିଲେ ମଧ ଖୋରଧା ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କର ନିର୍ଭୁଲ ତାଲିକା ଖୋର୍ଦ୍ଧା ଜିଲ୍ଲା ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇ ପାରି ନାହିଁ। ନିୟମ ଅନୁଯାୟୀ ପ୍ରତିବର୍ଷ ଖୋର୍ଦ୍ଧାରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କର ସଂଶୋଧିତ ନିର୍ଭୁଲ ତାଲିକା ଜିଲ୍ଲା ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହୋଇଥାଏ। କିନ୍ତୁ ଖୋରଧାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପୂର୍ବରୁ ଖୋରଧାରେ କାର୍ଯ୍ୟରତ ସମସ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଏହି ନିୟମକୁ ପାଳନ କରୁଥିବା ବେଳେ ବର୍ତ୍ତମାନ କାର୍ଯ୍ୟରତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଭିନ୍ନ ପ୍ରକାର ଆଳ ଦେଖାଇ ଗଣ ମାଧ୍ୟମ ପ୍ରତିନିଧିମାନଙ୍କର ସଂଶୋଧିତ ନିର୍ଭୁଲ ତାଲିକା ପ୍ରକାଶନ କରିବାରେ ପାତର ଅନ୍ତର ନୀତି ଅବଲମ୍ବନ କରୁଛନ୍ତି। ବହୁ ଗଣମାଧ୍ୟମର ପ୍ରତିନିଧି ପୂର୍ବରୁ କାର୍ଯ୍ୟ କରୁଥିବା ସମ୍ବାଦ ପତ୍ର ଗୁଡ଼ିକରୁ ଛାଡ଼ି ଅନ୍ୟ ସମ୍ବାଦ ପତ୍ର ଗୁଡ଼ିକରେ କାର୍ଯ୍ୟ କରୁଥିଲେ ଏବଂ ସେ ସମ୍ପର୍କିତ ନିଯୁକ୍ତି ପତ୍ର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ଜିଲ୍ଲା ୱେବସାଇଟ୍‌ରେ ପ୍ରକାଶିତ ହୋଇ ପାରି ନାହିଁ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏକ ଛାୟା ତାଲିକା ପ୍ରସ୍ତୁତ କରି କଭର ଫାଇଲ ଭିତରେ ଲୁଚାଇ ରଖିଛନ୍ତି। ଏ ସମ୍ପର୍କରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘ (ଓ.ୟୁ.ଡ଼ବ୍ଲୁ.ଜେ) ଖୋରଧା ଜିଲ୍ଲା ଶାଖା ତରଫରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଖୋରଧାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏ ସମ୍ପର୍କରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ନିର୍ଦ୍ଦେଶକ ଜିଲ୍ଲାପାଳ ଖୋରଧା ଦୃଷ୍ଟି ଦେବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କର ତୁରନ୍ତ ଏକ ସଂଶୋଧିତ ନିର୍ଭୁଲ ତାଲିକା ଜିଲ୍ଲା ୱେବସାଇଟରେ ପ୍ରକାଶ କରିବା ନିମନ୍ତେ ଖୋରଧା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି।

# ରଘୁନାଥପୁର ବ୍ଲକର ୩୦ ପ୍ରାଥମିକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟରେ ମିଶିବ

**ଜଗତସିଂହପୁର :** ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକରେ ଥିବା ସମୁଦାୟ ୧୫୦ ଗୋଟି ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୦ ଗୋଟି ପ୍ରାଥମିକ ବିଦ୍ୟାଳୟ ଯେଉଁ ବିଦ୍ୟାଳୟରେ ୨୦ ଜଣରୁ କମ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି ଏବଂ ଯେଉଁ ବିଦ୍ୟାଳୟଗୁଡିକ ୧୦୦ ମିଟର ଦୂରତାରେ ରହିଛି ସେହି ବିଦ୍ୟାଳୟ ଗୁଡିକ ନିକଟତମ ବିଦ୍ୟାଳୟରେ ମିଶାଯିବ ବୋଲି ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏକ ଚିଠିରେ ବ୍ଲକ ଶିକ୍ଷା ଅଧୀକାରୀଙ୍କୁ ଚିଠି କରାଯାଇଅଛି । ଏହି ବ୍ଲକରେ ସମୁଦାୟ ୧୦୮ ଗୋଟି ପ୍ରାଥମିକ ବିଦ୍ୟାଳୟ ୩ ଗୋଟି ମଦ୍ରାସ ବିଦ୍ୟାଳୟ, ୩୯ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଉପରୋକ୍ତ ୩୦ ଗୋଟି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟରେ ମିଶିବାକୁ ନେଇ ସାଧାରଣରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉପରୋକ୍ତ ୩୦ ଗୋଟି ବିଦ୍ୟାଳୟ ମଧ୍ୟରୁ କେତେକ ବିଦ୍ୟାଳୟ ଜଗତ୍‌ସିଂହପୁର ବ୍ଲକ, ନିଶ୍ଚିନ୍ତକୋଇଲି ବ୍ଲକ, ବିରିଡି ବ୍ଲକ ଅଧୀନକୁ ଚାଲିଯିବ । ଏହି ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡିଛି ସେହି ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ଦିଆଯିବ ବୋଲି ଜଣାଯାଇଛି ।

# ସ୍ୱାୟତ ଶାସନ ଦିବସ ସମାରୋହ




**ଦଶପଲ୍ଲା:** ବିଜ୍ଞାପିତ ଅଂଚଳ ପରିଷଦ ଦଶପଲ୍ଲାରେ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଉପଲକ୍ଷେ ଭୋରରୁ ରାମଧୂନ, ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପତାକା ଉତ୍ତୋଳନ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ଓ୍ୱାର୍ଡରେ ସାମୂହିକ ସଫେଇ ପରେ ସ୍ଥାନୀୟ ନେତାଜୀ ମଇଦାନରେ ସ୍ୱାୟତ ଶାସନ ଦିବସ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଉକ୍ତ ଉତ୍ସବରେ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମୁଖ୍ୟ ଅତିଥି,ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ବବିତା ସାହୁ,ନିର୍ବାହୀ ଅଧିକାରୀ ଶଚ୍ଚିଦାନନ୍ଦ ଶତପଥି, ସମସ୍ତ କାଉନସିଲର ଏବଂ ବିଜୁ ଯୁବବାହିନୀର ସଭାପତି, ସଂପାଦ.କୋଷାଧ୍ୟକ୍ଷ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ନୂତନ ଭତା ବଂଟନ ଏବଂ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶେଷରେ ବିଜୁ ଯୁବବାହିନୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲୁଣା, ଚିତ୍ରୋତ୍ପଳା ଓ ପାଇକାରେ ବନ୍ୟା ଆଶଙ୍କା

## ଆତଙ୍କରେ ନଦୀ କୂଳିଆ ଗ୍ରାମବାସୀ

**ମାର୍ଶାଘାଇ :** କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅଂଚଳରେ ପ୍ରବାହିତ ଲୁଣା, ଚିତ୍ରୋତ୍ପଳା, ପାଇକା ଓ ଶାଖାନଦୀ କରାଣ୍ଡିଆ ନଦୀ ଗୁଡ଼ିକରେ କୂଳଲଙ୍ଘିଲାଣି ବନ୍ୟାଜଳ । ପାଣିପାଗ ସୂଚନା ଅନୁଯାୟୀ ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ ହିରାକୁଦ ଜଳ ଭଣ୍ଡାରରେ ଜଳସ୍ତର ବୃଦ୍ଧି ହେବାରେ ଲାଗିଛି । ଏଣୁ ମହାନଦୀ ଅବବାହିକାର ଶାଖାନଦୀ ଗୁଡ଼ିକରେ ବନ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଏନେଇ ବିଭାଗ ତରଫରୁ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ମାର୍ଶାଘାଇ ବ୍ଲକ ଅଂଚଳର ଲୁଣା,ଚିତ୍ରୋତ୍ପଳା ,ପାଇକା ଓ କରାଣ୍ଡିଆ ନଦୀ କୂଳିଆ ଗ୍ରାମବାସୀ ମାନେ ଏବେ ଆତଙ୍କରେ ଅଛନ୍ତି । ଚଳିତବର୍ଷ ପ୍ରଥମ ବନ୍ୟା ପାଣିରେ ଏହି ନଦୀ କୂଳିଆ ଗାମବାସୀ ମାନଙ୍କର ନଦୀକୂଳରେ ହୋଇଥିବା ଚାଷ ଜମିରେ ବନ୍ୟା ପାଣି ପଶି ବ୍ୟାପକ ପନିପରିବା ସହ ତଳିରୁଆ ଧାନ ନଷ୍ଟ କରିଥିଲା । ଯାହା ପାଣି ଛାଡ଼ିଯାଇଥିଲେ ମଧ୍ୟ ଚାଷକରି ପରିବାର ଗୁଜୁରାଣ କରୁଥିବା ଚାଷୀ ମାନଙ୍କର ମେରୁଦଣ୍ଡ ଦୋହଲାଇ ଦେଇଥିଲା । ତେବେ ବର୍ତ୍ତମାନ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ମୁତାବକ ଯଦି ବନ୍ୟା ପାଣି ମାତ୍ରାଧିକ ବଢେ ତେବେ ବଡ଼ ଧରଣର କ୍ଷତି ହେବାର ଆଶଙ୍କା ସୃଷ୍ଟି ଦେଖାଦେଇଛି । ଲୁଣା -କରାଣ୍ଡିଆର ଅବବାହିକାରେ ଥିବା ତ୍ରୀକୋଣଭୂମିରେ ଥିବା ୨ଟି ପଂଚାୟତ ଜଳପୋକ ଓ ଆଇତିପୁରର ଚାଷୀମାନଙ୍କର ବିଶେଷ ଧରଣର କ୍ଷତି ହେବାର ସମ୍ଭାବନା ଅଛି । ସେହିପରି କରିଲୋପାଟଣା ଠାରୁ , ଜମପଡ଼ା, ମେହେନ୍ଦି ଗନର, ବନ୍ଧକଟା, ବଛରାଇ ପରକୂଳା, ରାଘବପୁର, ଆଖୁଆଦକ୍ଷିଣୀ ପ୍ରଭୃତି ଧୋୟା ଅଂଚଳରେ ବନ୍ୟା ହେବା ଦ୍ୱାରା ଚାଷୀ ମାନେ କ୍ଷତିଗ୍ରସ୍ଥ ହେବାର ସମ୍ଭାବନା ରହିଛି ।ପରକୁଳା ପଂଚାୟତର ନାରଣପୁର ଠାରେ ଥିବା ବାଘୁଣି ସ୍ଲୁଇସି ଗେଟ୍ ଦେଇ ଚିତ୍ରୋତ୍ପଳା ନଦୀର ବନ୍ୟା ଜଳ ବିସ୍ତିର୍ଣ୍ଣ ଗହଗାପାଟ ଅଂଚଳର ଚାଷଜମିକୁ ବ୍ୟାପକ କ୍ଷତି ପହଂଚାଇବ ବୋଲି ଜଣାପଡ଼ିଛି । ଏହି ନଦୀର ପୁର୍ବ ପାଶ୍ୱରେ ଥିବା ତାଳସଂଗା, ଗରଜଙ୍ଗା ପଂଚାୟତର ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି । ପାଇକା ନଦୀ କୂଳ ଅବବାହିକାର ଅନ୍ତେଇ, ବଟିରା, ମଙ୍ଗରାଜପୁର ପ୍ରଭୃତି ଚାଷୀମାନେ ଏହି ବନ୍ୟା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି । ଲୁଣା ନଦୀର ଉତର ପାର୍ଶ୍ୱରେ ଥିବା ହିନ୍ଦୁଳିଆ, ମଣିକୁଣ୍ଡା, ମାର୍ଶାଘାଇ, ଦୁମୁକା ଓ ଦଶିପୁର ଆଦି ପଂଚାୟତର ଚାଷୀ ମାନେ ନଦୀ କୂଳ ଜମିରେ କରିଥିବା ପନି ପରିବା ଓ ଧାନ ଫସଲ ବନ୍ୟା ପାଣିରେ ବୁଡ଼ିଯିବା ଦ୍ୱାରା କ୍ଷତି ସହିବାର ଆଶଙ୍କା ରହିଛି । ନଦୀ ବନ୍ଧ ଗୁଡ଼ିକ ପ୍ରଶସ୍ଥି କରଣ ଏବଂ ଉଚତା ବୃଦ୍ଧି କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ନିମ୍ନ ମାନର କାମ ହୋଇଛି । ଯାତାୟତ ପାଇଁ ସ୍ଥାନୀୟ ଅଂଚଳବାସୀ ବନ୍ଧ କୁ କାଟି ନଦୀ ପଠାକୁ ଗଡ଼ା ତିଆରି କରିଥିବାରୁ ବନ୍ୟା ଜଳ ନଦୀରେ ଫୁଲିଲେ ସେହି ଗଡ଼ା ଦେଇ ଦୁର୍ବଳ ନଦୀବନ୍ଧ ଘାଇ ହେବାର ଆଶଙ୍କା ଦେଖାଦେଇଛି ।ଲୁଣାନଦୀର ଜଳପୋକ ପଂଚାୟତର କଣିବାଙ୍କ ଠାରୁ ପଖୋଟ ପର୍ଯ୍ୟନ୍ତ ନଦୀ ବନ୍ଧର ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ଅଛି । କରାଣ୍ଡିଆ ଗ୍ରାମ ନିକଟ ଗୋଧନ, ବାରତୁଙ୍ଗା, ନରଣପୁର, ଆଙ୍କୋ, ପରକୁଳା, ପିକରାଳୀ, ନରସିଂହପୁର, ରାଘବପୁର, ମାଣ୍ଡିଆ, ମାଣ୍ଡିଆକୂଦ, ଆଖୁଆ, ଅଭୟପୁର, ଯୋକିଆ ପ୍ରଭୃତି ଗ୍ରାମ ନିକଟରେ ନଦୀ ବନ୍ଧ ଗଡ଼ା ଗୁଡ଼ିକ ବନ୍ଧର ଉଚତା ଠାରୁ କମ୍ ଥିବାରୁ ଏହି ସ୍ଥାନ ମାନଙ୍କରେ ବନ୍ୟା ଜଳ ପ୍ରବେଶ କରିବାର ସମ୍ଭାବନା ରହିଛି । ସେହିପରି ଜମ୍ବୁ-ମାର୍ଶାଘାଇ ରାସ୍ତାର ଥିବା ଘେରି ବନ୍ଧରେ ମାର୍ଶାଘାଇ ଲକ୍ ଛକ,ଯଜ୍ଞ ମଠ ,ତୁଳସୀପୁର ଯମୁନା ଦଣ୍ଡା,କୁସୁନପୁର ,କେନାଲବ୍ରୀଜ ,ଇଟାଭାଟି ଗଡ଼ା ,ମୋହମୁରଲୀ ଗଡ଼ା,ଗିରଙ୍ଗ ଗଡ଼ା,ପଳାଶପୁର ଗଡ଼ା ପ୍ରଭୁତି ସ୍ଥାନକୁ ବାଲି ବସ୍ତା ପକାଇ ବନ୍ୟା ଜଳ ରୋକିବାର ଆବଶ୍ୟକତା ରହିଛି । ସେହିପରି ପାଇକା ନଦୀ ବନ୍ଧର ବଟିରା ,ଅନ୍ତେଇ ,ମଙ୍ଗରାଜପୁର ପଂଚାୟତର ବିଭିନ୍ନ ଗ୍ରାମ ଗଡ଼ା ଗୁଡ଼ିକୁ ବାଲି ବସ୍ତା ଏବଂ ମାଟି ପକାଇ ଅବରୋଧ କରିବାର ଆବଶ୍ୟକତା ରହିଛି । ବ୍ଲକ ପ୍ରଶାସନ ତରଫରୁ ବୁଧବାର ବନ୍ୟା ମୁକାବିଲା ପାଇଁ ବ୍ଲକ ଅଫିସ ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ୟା ପ୍ରପିଡ଼ିତଙ୍କ ପାଇଁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ବ୍ଲକ ପ୍ରଶାସନ ପ୍ରସ୍ତୁତି ରହିଛି ବୋଲି ମାର୍ଶାଘାଇ ବିଡ଼ିଓ ସୁବାଦାର ପ୍ରଧାନ ପ୍ରକାଶ କରିଛନ୍ତି । ଖବର ଲେଖା ହେବା ବେଳକୁ ମାର୍ଶାଘାଇରେ ବନ୍ୟାଜଳ ୨୦.୩ ଫୁଟ ଅଛି । ଏଠାରେ ବିପଦ ସଙ୍କେତ ୨୨ ଫୁଟ ରହିଛି । ବିଭାଗୀୟ ସୂଚନା ଅନୁଯାୟୀ ଚଳିତବର୍ଷର ପୁର୍ବ ବନ୍ୟା ଅପେକ୍ଷା ଏଥର ଅଧିକ ପାଣି ଆସିବାର ସୂଚନା ରହିଛି ।ଏନେଇ ସମସ୍ତ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ବାଲିବସ୍ତା,ବଲହା ଓ ମାଟି ବନ୍ୟା ମୁକାବିଲା ପାଇଁ ମହଜୁଦ୍ ରହିଥିବା ମାର୍ଶାଘାଇ ଜଳସମ୍ପଦ ବିଭାଗର କନିଷ୍ଠଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୁଇ ଦଶନ୍ଧିର ...

ଏହି ଅନୁଷ୍ଠାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଉତ୍କୃଷ୍ଟ ଡାକ୍ତର ସୃଷ୍ଟି କରିପାରିବ। ଏହି ହସ୍ପିଟାଲରେ ୩୦୦ ଶଯ୍ୟା ସହ ଆଇସିୟୁ, ଏସଏନସିୟୁ, ପ୍ରତ୍ୟେକ କ୍ଲିନିକାଲ୍ ଡିପାର୍ଟମେଣ୍ଟ ସକାଶେ ପୃଥକ୍ ଓପିଡି ସୁବିଧା ରହିଛି। ସେହିପରି ୨୦୧୮-୧୯ ଶିକ୍ଷାବର୍ଷ ସକାଶେ ଏହି କଲେଜ ପାଇଁ ୧୦୦ଟି ଏମ୍‌ବିବିଏସ୍ ସିଟ୍ ମଞ୍ଜୁର କରାଯାଇଛି। ଦେଶରେ ବର୍ତ୍ତମାନର ସ୍ୱାସ୍ଥ୍ୟସେବା ସେକ୍ଟରର ଚାଲେଞ୍ଜକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ସରକାର ଦେଶରେ ସ୍ୱାସ୍ଥ୍ୟସେବାର ବ୍ୟାପକ ପ୍ରସାର ନିମନ୍ତେ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଭାରତ ସରକାର ଓଡ଼ିଶାର ବିକାଶ ପାଇଁ ବଚନବଦ୍ଧ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୫ଟି ଜିଲ୍ଲାରେ ଏଭଳି ନୂତନ ମେଡିକାଲ କଲେଜ ସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ସେଗୁଡ଼ିକ ହେଲା, ବାଲେଶ୍ୱର, ବାରିପଦା (ମୟୂରଭଞ୍ଜ), ବଲାଙ୍ଗିର, କୋରାପୁଟ ଏବଂ ପୁରୀ। କେବଳ ପୁରୀକୁ ଛାଡ଼ି ଅନ୍ୟ ସବୁଗୁଡ଼ିକ ଏବେସୁଦ୍ଧା କାର୍ଯ୍ୟକାରୀ ହୋଇସାରିଛି। ଏହି ଯୋଜନାକୁ ଆଗକୁ ଆଗେଇ ନେବାରେ ଏବଂ ୪ଟି ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିଥିବା ପ୍ରୟାସ ଲାଗି ମୁଁ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଉଛି। ଏହି ୫ଟି ମେଡିକାଲ କଲେଜ ସ୍ଥାପନ ସକାଶେ କେନ୍ଦ୍ର ସରକାର ମୋଟ ୫୫୮.୬ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ଯୋଗଦେଇ କହିଲେ, ମେଡିକାଲ କଲେଜ ନିର୍ମାଣ ପାଇଁ ରାଜ୍ୟ ସରକାର ୧୬୭ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାର ୬୯ କୋଟି ଟଙ୍କା ଦେଇଛନ୍ତି। ଓଡ଼ିଶାରେ ଡାକ୍ତର ଅଭାବ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ମେଡିକାଲ କଲେଜ ନିର୍ମାଣ ହେବା ପଛରେ ଶ୍ରେୟ ଜନସାଧାରଣଙ୍କ ରହିଛି ବୋଲି ସାଂସଦ କଳିକେଶ ନାରାୟଣ ସିଂଦେଓ କହିବା ସହିତ ବଲାଙ୍ଗିରରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ବାଇପାସ ରାସ୍ତା ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବଲାଙ୍ଗିର ମେଡିକାଲ୍ କଲେଜ ଲୋକାର୍ପିତ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ। ରାଜେନ୍ଦ୍ର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ, କଲେଜର ଡିନ୍ ଡ. ମେହେର ପ୍ରମୁଖ ଏଥିରେ ଯୋଗଦେଇ ଥିଲେ। ଡ. ମେହେର ସୂଚନା ଦେଇଥିଲେ ଯେ କଲେଜ ନିର୍ମାଣ ପାଇଁ ରାଜ୍ୟ ସରକାର ୨୭ ଏକର ଜମି ଯୋଗାଇ ଦେଇଛନ୍ତି । ୧୮୭.୧୭ କୋଟି ଟଙ୍କା ବ୍ୟୟରେ ଏହି ମେଡିକାଲ କଲେଜ ନିର୍ମାଣ କରାଯାଇଛି। କଲେଜରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ପୂର୍ବରୁ ଦୈନିକ ୬୦୦ ରୋଗୀ ଆଉଟଡୋରକୁ ଆସୁଥିବା ବେଳେ ବର୍ତ୍ତମାନ ତାହା ୧୪୦୦ରେ ପହଞ୍ଚିଲାଣି। ଆଗାମୀ ଦିନରେ ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏହି କଲେଜ ମାଇଲଖୁଣ୍ଟ ସାଜିବ ବୋଲି ଡ.ମେହେର କହିଥିଲେ।

### ସହଜରେ ମିଳିବ...

ଯିବାକୁ ପଡୁଥିଲା। ପୁଲିସ ଏସବୁ ଯାଞ୍ଚ କରିବା ପରେ ଏକ ରିପୋର୍ଟ ପାସ୍‌ପୋର୍ଟ ଅଫିସକୁ ପଠାଇଥାଏ। ପୁଲିସର ଏହି ତନଖି ପ୍ରମାଣପତ୍ର ମିଳିବା ପରେ ଯାହାକୁ ଭିତ୍ତିକରି ଆବେଦନକାରୀଙ୍କୁ ପାସ୍‌ପୋର୍ଟ ମିଳୁଥିଲା। ତେବେ ଏହି ପଦ୍ଧତିରେ ଏବେ ପରିବର୍ତ୍ତନ ହୋଇଛି। ଆବେଦନକାରୀଙ୍କୁ ଥାନାକୁ ବାରମ୍ବାର ଡକାଇ ହାରାଶ ନକରିବା ପାଇଁ ଏଭଳି ବ୍ୟବସ୍ଥା କରାଯିବ। ବୈଠକରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଥାନା ଅଧିକାରୀଙ୍କୁ ଏନେଇ ଅତିରିକ୍ତ ଡିସିପି ତପନ ପଟ୍ଟନାୟକ ନିର୍ଦ୍ଦେଶ ଯୋଗ ଦେଇଛନ୍ତି। ଆଞ୍ଚଳିକ ପାସ୍‌ପୋର୍ଟ ଅଫିସ୍‌ର ଅତିରିକ୍ତ ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ଜିସି ଦାସ ଏହି ବୈଠକରେ ଉପସ୍ଥିତ ଥିଲେ। ୨୦୧୮ ଜୁନ୍ ୧ରୁ ବହିଃବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ପୁଲିସ ତନଖି ନେଇ ଯେଉଁ ବ୍ୟବସ୍ଥା ରହିଥିଲା ସେଥିରେ ପରିବର୍ତ୍ତନ କରାଯାଇଛି। ଆବେଦନକାରୀ ଯେଉଁ ପ୍ରମାଣପତ୍ର ପାସ୍‌ପୋର୍ଟ କାର୍ଯ୍ୟାଳୟରେ ଦାଖଲ କରୁଛନ୍ତି ସେସବୁକୁ ପାସ୍‌ପୋର୍ଟ ଅଧିକାରୀ ଯାଞ୍ଚ କରିବେ। କେବଳ ଆବେଦନକାରୀ ଯେଉଁ ଠିକଣାରେ ରହୁଛନ୍ତି ସେଠାକୁ ଯାଇ ତାଙ୍କୁ ପୁଲିସ ପଚରାଉଚରା କରିବ। ଗତ ୫ ବର୍ଷ ମଧ୍ୟରେ ଉକ୍ତ ଆବେଦନକାରୀ କୌଣସି ଅପରାଧରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେଥିପାଇଁ ଏକ ରିପୋର୍ଟ ଦେବ। ଆବେଦନକାରୀ ସ୍ଥାନୀୟ ଅଞ୍ଚଳରେ କେତେ ଦିନର ବାସିନ୍ଦା ସେନେଇ ମଧ ପୁଲିସ ତଥ୍ୟ ସଂଗ୍ରହ କରିବ। ଅନେକ ସମୟରେ ପାସ୍‌ପୋର୍ଟ ଆବେଦନକାରୀ ବାରମ୍ବାର ଥାନାକୁ ଆସି ନିରାଶ ହେଉଥିଲେ। ଏହାକୁ ରୋକିବା ଲାଗି ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଆବେଦନକାରୀ ପାସ୍‌ପୋର୍ଟ ପାଇଁ ୧୫୦୦ ଟଙ୍କା ପୈଠ କରିଥାଆନ୍ତି। ସେମାନଙ୍କର ଅପରାଧିକ ପୃଷ୍ଠଭୂମି ଓ ଆବାସିକ ପ୍ରମାଣ ସଂଗ୍ରହ କରିବା ଲାଗି ପୁଲିସ ଉପରେ ପାସ୍‌ପୋର୍ଟ କାର୍ଯ୍ୟାଳୟ ନିର୍ଭର କରିଥାଏ। ତେଣୁ ପ୍ରତି ପାସ୍‌ପୋର୍ଟ ବାବଦରେ ପାସ୍‌ପୋର୍ଟ କାର୍ଯ୍ୟାଳୟ ଓଡ଼ିଶା ପୁଲିସକୁ ୧୫୦ ଟଙ୍କା ପ୍ରଦାନ କରିଥାଆନ୍ତି।

### ସର୍ବବୃହତ୍...

ରିପୋର୍ଟ ମୁତାବକ ବିଶ୍ୱର ସର୍ବବୃହତ୍ ଅର୍ଥବ୍ୟବସ୍ଥା ଦୃଷ୍ଟିରୁ ଭାରତ ବର୍ତ୍ତମାନ ଷଷ୍ଠ ସ୍ଥାନରେ ରହିଛି। ଏହି ମାମଲାରେ ଫ୍ରାନ୍ସକୁ ପଛରେ ପକାଇ ଭାରତ ଏହି ସ୍ଥାନ ହାସଲ କରିବାରେ ସକ୍ଷମ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ୱାର୍ଲ୍ଡ ବ୍ୟାଙ୍କ ମୁତାବକ, ଦେଶର ସମସ୍ତ ଘରୋଇ ଉତ୍ପାଦ (ଜିଡିପି) ଗତବର୍ଷ ଶେଷ ଆଡ଼କୁ ୨.୫୯୭ ଟ୍ରିଲିୟନ୍ ଡଲାର (୧୭୮ ଲକ୍ଷ କୋଟି ଟଙ୍କା) ରହିଥିବାବେଳେ ଫ୍ରାନ୍ସର ଜିଡିପି ୨.୫୮୨ ଟ୍ରିଲିୟନ୍ ଡଲାର (୧୭୭ ଲକ୍ଷ କୋଟି ଟଙ୍କା) ରହିଥିଲା। ଅନେକ ତ୍ରୟମାସରେ ଏହା ଦୁର୍ବଳ ରହିବା ପରେ ଦେଶ ଅର୍ଥବ୍ୟବସ୍ଥା ୨୦୧୭ ମସିହା ଜୁଲାଇ ଠାରୁ ସୁଦୃଢ଼ ହୋଇଛି। ସୂଚନାଥାଉ କି, ଦେଶ ଅର୍ଥବ୍ୟବସ୍ଥାର ଜନସଂଖ୍ୟା ବର୍ତ୍ତମାନ ସମୟରେ ୧.୩୪ ବିଲିୟନ୍ ବା ୧୩୪ କୋଟି ରହିଛି ଏବଂ ବିଶ୍ୱର ସର୍ବାଧିକ ଜନସଂଖ୍ୟା ଦେଶ ଅଭିମୁଖେ ଅଗ୍ରସର ହେଉଛି। ଅନ୍ୟପଟେ ଫ୍ରାନ୍ସର ଜନସଂଖ୍ୟା ୬.୭ କୋଟି ହେବା ସହିତ ଫ୍ରାନ୍ସର ଜିଡିପି ଭାରତ ଠାରୁ ୨୦ ଗୁଣ ଅଧିକ। ୱାର୍ଲ୍ଡ ବ୍ୟାଙ୍କ ଗ୍ଲୋବାଲ୍ ଇକୋନୋମିକ୍ ପ୍ରସ୍‌ପେକ୍ଟସ୍ ରିପୋର୍ଟ ମୁତାବକ ବିମୁଦ୍ରାକରଣ ଏବଂ ଜିଏସ୍‌ଟି ପରେ ଆସିଥିବା ବିଭିନ୍ନ ପରିବର୍ତ୍ତନ କାରଣରୁ ଦେଶ ଅର୍ଥବ୍ୟବସ୍ଥା ବର୍ତ୍ତମାନ ଧୀରେ ଧୀରେ ଅଗ୍ରଗତି ଲାଭ କରୁଛି। ବିମୁଦ୍ରାକରଣ ଏବଂ ଜିଏସ୍‌ଟି କାରଣରୁ ପ୍ରଥମରୁ ବିଭିନ୍ନ ସମସ୍ୟା ପରିଲକ୍ଷିତ ହେଉଥିବା ବେଳେ ଗତବର୍ଷ ମାନୁଫ୍ୟାକ୍‌ଚୁରିଂ ଏବଂ ଉପଭୋକ୍ତା ଖର୍ଚ୍ଚ ଭାରତୀୟ ଅର୍ଥବ୍ୟବସ୍ଥାକୁ ବର୍ଦ୍ଧିତ ଦିଶା ଦେବାରେ ପ୍ରମୁଖ କାରକ ରହିଥିଲେ। ଦଶନ୍ଧି ମଧ୍ୟରେ ଭାରତ ଏହାର ଜିଡିପିକୁ ଦୁଇଗୁଣ କରିବା ସହିତ ଚୀନ୍‌ର ବେଗ ମନ୍ଥର ପଡ଼ିବା ସହିତ ସମଗ୍ର ଏସିଆରେ ପ୍ରମୁଖ ଆର୍ଥିକ ଶକ୍ତିଶାଳୀ ଦେଶ ରୂପେ ଭାରତ ଉଭା ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାଛଡ଼ା ଆସନ୍ତା ୨୦୩୨ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସେହିପରି ଅନ୍ତର୍ଜାତୀୟ ମୁଦ୍ରାକୋଷ (ଆଇଏମ୍‌ଏଫ୍) ଅନୁସାରେ ଚଳିତବର୍ଷ ଭାରତର ଗ୍ରୋଥ୍ ୭.୪% ରହିପାରେ ଏବଂ ଟିକସ ସୁଧାର ଓ ଘରୋଇ ଖର୍ଚ୍ଚ ଦୃଷ୍ଟିରୁ ୨୦୧୯ ସୁଦ୍ଧା ଦେଶର ବିକାଶ ଦର ୭.୮% ପର୍ଯ୍ୟନ୍ତ ପହଞ୍ଚିପାରେ। ଏଥିସହ ହାରାହାରି ବିକାଶ ଦର ୩.୯% ରହିବ ବୋଲି ମଧ ଅନୁମାନ କରାଯାଇଛି।

### ଚୋରା ସୁନା ...

ସମୟରେ ସେମାନେ ସାଙ୍ଗରେ ଧରିଥିବା ଟ୍ରଲି ବ୍ୟାଗର ଚକରେ ସୁନାକୁ ଆଚ୍ଛାଦିତ କରିଥିବା କଷ୍ଟମ୍ ବିଭାଗର ଅଧିକାରୀମାନେ ଜାଣିବାକୁ ପାଇଥିଲେ। ପରେ ଉଭୟଙ୍କୁ ଅଟକ ରଖି ପଚରାଉଚରା କରିବା ବେଳେ ସେମାନେ କ୍ୱାଲାଲମପୁରରୁ ଚୋରା ସୁନା ଆଣି ଚେନ୍ନାଇ ନେଉଥିବା ସ୍ୱୀକାର କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦର ଏବେ ସୁନା ତସ୍କର ବା ଚୋରା ଚାଲାଣକାରୀଙ୍କ ଟାର୍ଗେଟରେ ରହିଥିବା ଜଣାପଡିଛି। ନୂଆ କରି ଅନ୍ତଃର୍ଜାତୀୟ ବିମାନ ବନ୍ଦରର ମାନ୍ୟତା ପାଇଥିବାରୁ ଢିଲା ସୁରକ୍ଷା ବ୍ୟବସ୍ଥାର ଫାଇଦା ନେବାକୁ ସୁନା ତସ୍କରମାନେ ଭୁବନେଶ୍ୱରକୁ ଟାର୍ଗେଟ କରୁଛନ୍ତି। ଏହି କ୍ରମରେ ଗତ ବର୍ଷକ ମଧ୍ୟରେ ଏହି ବିମାନ ବନ୍ଦରରୁ ୧୦ କିଲୋ ସୁନା ଜବତ ହୋଇସାରିଲାଣି। ଏହି ତସ୍କରମାନେ ଦୁବାଇ, ୟୁରୋପ, ସାଉଦିଆରବରୁ ସିଙ୍ଗାପୁର, କ୍ୱାଲାଲମପୁର, ବ୍ୟାଙ୍କକ୍ ଓ ହଙ୍ଗକଙ୍ଗକୁ ସୁନା ଚୋରା ଚାଲାଣ କରୁଥିବା ଏବେ ସେହି ତାଲିକାରେ ଭୁବନେଶ୍ୱର ଯୋଡି ହୋଇଯାଇଛି।

### ପୂର୍ବ ଭାରତର ...

ନୂଆ ଭାରତ ୨୦୨୨କୁ ଏକ ରୂପରେଖ ଦେବାରେ ଅର୍ଥନୀତିଜ୍ଞମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କମ୍ପାନୀ ସେକ୍ରେଟେରୀଙ୍କ ବୃତ୍ତିକୁ ବିକଶିତ ତଥା ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟ ନେଇ ଗଠିତ ଏହି ପ୍ରତିଷ୍ଠାନ ଆଜି ଜାତୀୟ ସ୍ତରରେ ନିଜକୁ ଏକ ପେସାଦାର ସଂସ୍ଥା ଭାବେ ପ୍ରତିଷ୍ଠିତ କରିପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଇସିଏସ୍‌ଆଇ ଅନୁଷ୍ଠାନ ସଂସ୍ଥାଗତ ଉତ୍କୃଷ୍ଟତା ପ୍ରାପ୍ତ କରିବା ଏବଂ ୫୦ ବର୍ଷ ଧରି ଉତ୍ତମ କର୍ପୋରେଟ ପରିଚାଳନା ପାଇଁ ପ୍ରମାଣିତ କରି ପାରିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଟାଟା ଷ୍ଟିଲ୍ 'ଏସ୍‌ଇଜେଡ୍' ଅଧ୍ୟକ୍ଷ ଅରୁଣ ମିଶ୍ର ଯୋଗ ଦେଇଥିଲେ । ଆଇସିଏସ୍‌ଆଇ ସଭାପତି ମକରନ୍ଦ ଲେଲେ କହିଥିଲେ, ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ କମ୍ପାନୀ ସେକ୍ରେଟାରୀଙ୍କର ବୃତ୍ତିକୁ ଅଧିକ ଉନ୍ନତ ତଥା ନିୟନ୍ତ୍ରଣ କରିବାର ଉଦ୍ଦେଶ୍ୟ ନେଇ ଗଠନ କରାଯାଇଥିଲା। ଏହା ଉତ୍ତମ ପରିଚାଳନା କ୍ଷେତ୍ରରେ ବୃତ୍ତିଗତ ଉତ୍କୃଷ୍ଟତା ପାଇଁ ବିଶ୍ୱସ୍ତରୀୟ ଅଗ୍ରଣୀ ଅନୁଷ୍ଠାନ ହୋଇପାରିଛି। ମାଲେସିଆସ୍ଥିତ ବିଦେଶୀ ଅନୁଷ୍ଠାନ ଠାରୁ ପଞ୍ଚାୟତ ତଥା ସଚିବାଳୟ ସ୍ତର ପର୍ଯ୍ୟନ୍ତ ଉତ୍ତମ କମ୍ପାନୀ ପରିଚାଳନା ଦିଗରେ ଏହି ସଂସ୍ଥା ତୃଣମୂଳ ସ୍ତରରୁ ବିଶ୍ୱସ୍ତରୀୟ ସଂଯୋଗୀକରଣରେ ସହାୟକ ହୋଇପାରିଛି। କର୍ପୋରେଟ୍ ହାଉସ୍‌ଗୁଡ଼ିକର ସିଇଓ, ସିଏଫ୍‌ଓ ଏବଂ ବରିଷ୍ଠ କମ୍ପାନୀ ସେକ୍ରେଟାରୀ ଏଥିରେ ଉପସ୍ଥିତ ଥିଲେ।

### ହକି ବିଶ୍ୱକପ ...


ସିଟି ବସ୍ ସେବାର ସୁପରିଚାଳନା ପାଇଁ ପାତ୍ରପଡା ଏବଂ ପଟିଆ ଅଞ୍ଚରେ ଦୁଇଟି ବସ ଡିପୋ ନିର୍ମାଣ କରାଯିବ। ବର୍ତ୍ତମାନ ଚଳାଚଳ କରୁଥିବା ସିଟି ବସ୍ ସହିତ ନଭେମ୍ବର ମାସ ବେଳକୁ ଅନ୍ୟ ବସ୍ ଚଳାଚଳ କରିବ। ବିଶେଷ କରି ସ୍ମାର୍ଟସିଟିରେ ଯାତାୟତ ସୁବିଧା ନଥିବା ଅଞ୍ଚଳ ଚକେଇସାହାଣୀ, ଘାଟିକିଆ, ଶିଖରଚଣ୍ଡୀ, କଳିଙ୍ଗ ବିହାର ଆଦି ଅଞ୍ଚଳକୁ ସ୍ୱଳ୍ପ ସମୟ ବ୍ୟବଧାନରେ ସିଟିବସ୍ ଚଳାଚଳ କରିବ। ପରିମଳ ବ୍ୟବସ୍ଥା ମଧ୍ୟରେ ସୂଚନା ଫଳକ, ଡଷ୍ଟବିନ୍, ଭାସ୍କର୍ଯ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ ହେବ। ସଂପୃକ୍ତ ସଂସ୍ଥାକୁ ଏଥିପାଇଁ ଅଧିକ ସଂଖ୍ୟକ କର୍ମଚାରୀ ରଖିବାକୁ କୁହାଯାଇଛି। କ୍ରୀଡ଼ା ପ୍ରତିନିଧି ଯିବାଆସିବା କରିବାକୁ ଉଦ୍ଦିଷ୍ଟ ଥିବା ୮୦ କିମି ରାସ୍ତାରେ ଜବରଦଖଲ, ଫ୍ଲେକ୍ସ ହୋର୍ଡିଂ ଇତ୍ୟାଦିକୁ ହଟାଇ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜଧାନୀର ୩୦୦ଟି ସ୍ଥାନରେ ୱାଇ-ଫାଇ ସେବା ବ୍ୟବସ୍ଥା ଉପଲବ୍ଧ ହେବ। ଅକ୍ଟୋବର ମାସ ଶେଷ ଆଡକୁ ଏହି ଫ୍ରି ୱାଇ-ଫାଇ ସେବା ମିଳିବ।

### ଓଡ଼ିଶାର ଋଣବୋଝ ...

ସାଉକାରଙ୍କ ଠାରୁ ନିଆଯାଉଥିବା ଋଣ ଏବଂ ହାତ ଉଧାର କ୍ଷେତ୍ରରେ ଚାଷୀମାନେ ନାନା ନିର୍ଯ୍ୟାତନାର ଶିକାର ହେଉଛନ୍ତି। ଚାଷପାଇଁ ଉଚିତ ସମୟରେ ବିହନ, ସାର, କୀଟନାଶକ ନମିଳିବା ଏବଂ ଉତ୍ପାଦିତ ଫସଲର ଉଚିତ ମୂଲ୍ୟ ସେମାନଙ୍କୁ ମିଳୁନାହିଁ। ତାହାସହିତ ବଜାର ସଂଯୋଗୀକରଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଉତ୍ପାଦିତ କୃଷିଜାତ ଦ୍ରବ୍ୟ ସାଇତି ରଖିବାକୁ ଶୀତଳଭଣ୍ଡାର ନାହିଁ। ଏପରିସ୍ଥଳେ ଚାଷୀ ହାହୁତାଶରେ ଦିନ କାଟୁଛି। ବର୍ଷ ପରେ ବର୍ଷ କ୍ଷତିର ସମ୍ମୁଖୀନ ହେବାସତ୍ତ୍ୱେ ସେମାନଙ୍କ ପାଇଁ କିଛି ବିକଳ୍ପ ରୋଜଗାର ବ୍ୟବସ୍ଥା ନଥିବାରୁ ସେମାନେ ବାଧ୍ୟହୋଇ ଚାଷ କରୁଛନ୍ତି। ଏଭଳି କାରଣରୁ ଏବେ ଗ୍ରାମାଞ୍ଚଳରେ ଅନେକ ଚାଷଜମି ପଡ଼ିଆ ପଡ଼ିଛି। ସେଥିପ୍ରତି ସରକାରଙ୍କର ନଜର ନାହିଁ। କେବଳ ଯୋଜନା ପ୍ରଣୟନ କରି ଗଣମାଧ୍ୟବରେ ବିବୃତି ରଖି ସରକାର ଆତ୍ମସନ୍ତୋଷ ଲାଭ କରୁଛନ୍ତି। ପିସିସି ସଭାପତି କହିଛନ୍ତି, ରାଜ୍ୟର ଋଣ ବୋଝ ପ୍ରାୟ ୯୨ ହଜାର କୋଟି ଟଙ୍କାରେ ପହଂଚିଲାଣି। ଏହା ରାଜ୍ୟର ମୋଟ ଘରୋଇ ଉତ୍ପାଦନ (ଜିଏସ୍‌ଡ଼ିପି)ର ପାଖାପାଖି ୨୦.୭୩ ପ୍ରତିଶତ। ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୦୯-୧୦ରେ ରାଜ୍ୟର ଋଣଭାର ୩୭,୭୩୦ କୋଟି ଟଙ୍କା ଥିବାବେଳେ ୨୦୧୪-୧୫ରେ ତାହା ୪୩,୨୭୩ କୋଟି ଟଙ୍କାକୁ ବୃଦ୍ଧିପାଇଥିଲା। ଏବେ ତାହା ୯୨ ହଜାର କୋଟି ଟଙ୍କାରେ ପହଞ୍ଚିଛି। ତଥାପି ଓଡ଼ିଶା ସରକାର ଋଣ କରି ଘିଅ ପିଇବା ନୀତିରେ ବିଶ୍ୱାସ କରୁଛନ୍ତି। ଏହାଦ୍ୱାରା ରାଜ୍ୟବାସୀଙ୍କ ମୁଣ୍ଡପିଛା ଋଣ ପରିମାଣ ବଢିଚାଲିଥିବାବେଳେ ବିଜେଡ଼ି କିନ୍ତୁ ଭୋଟ ପାଇବାକୁ ରାଜ୍ୟର ସ୍ୱାର୍ଥ ବଳି ପକାଉଛି। ସଚେତନ ରାଜ୍ୟବାସୀ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।




# ଇତିହାସର ଆଇନାରେ ଚର୍ଚ୍ଚ ଘଣ୍ଟି



ଗାଇଡ୍ ବନ୍ଧୁ ଜନ୍ ସେଣ୍ଟ ମୋନିକା ଚର୍ଚ୍ଚ ବୁଲାଇ ଥିବାରୁ ମୁଁ ତାଙ୍କୁ ଅନେକ ଧନ୍ୟବାଦ ଜଣାଇଥିଲି ଏବଂ କହିଥିଲି ଆଉ ମୋର କୌଣସି ପ୍ରଶ୍ନ ନାହିଁ। ହେଲେ ସେ କିନ୍ତୁ ତାଙ୍କ ସହ ଯୋଗାଯୋଗରେ ରହିବା ପାଇଁ ମୋତେ ଅନୁରୋଧ କରିଥିଲେ। ତାଙ୍କ ମୋବାଇଲ୍ ନମ୍ବରଟି ମଧ ଦେଇଥିଲେ। ତା' ପରେ ଆମେ ବାହାରିଥିଲୁ ପୁରୁଣା ଗୋଆର ଆଉ ଏକ ପ୍ରସିଦ୍ଧ ଚର୍ଚ୍ଚ ଅଫ୍ ଆୱାର୍ ଲେଡି ଅଫ୍ ରୋଜାରୀ ଦେଖିବା ପାଇଁ। ଯେତେବେଳେ ଗାଡିରେ ବସିଲୁ ସେତେବେଳେ ଗାଡି ଚାଳକ ଏବଂ ବନ୍ଧୁଙ୍କ ମୁହଁରେ ବିରକ୍ତି ଭାବ ଦେଖିବାକୁ ପାଇଥିଲି। ଜାଣିଲି ଯେ, ସେମାନେ ମୋତେ ଅନେକ ସମୟ ଅପେକ୍ଷା କରିଥିଲେ ଗାଡି ଭିତରେ। ଜଣଙ୍କୁ ଅପେକ୍ଷା କରିବା ନିହାତି ଖୁବ୍ ବିରକ୍ତିକର। ସେଥିପାଇଁ ମୁଁ ସେମାନଙ୍କୁ କ୍ଷମା ପ୍ରାର୍ଥନା କରି ପରବର୍ତ୍ତୀ ଚର୍ଚ୍ଚ ଦେଖିବା ପାଇଁ ବାହାରିଥିଲୁ। ହେଲେ କିଛି ସମୟ ଗାଡି ଆଗକୁ ଯିବା ପରେ ବନ୍ଧୁ ସେଣ୍ଟ ମୋନିକା ଚର୍ଚ୍ଚରେ ମୁଁ କ'ଣ ଜାଣିବାକୁ ପାଇଲି ଏବଂ କ'ଣ ଦେଖିବାକୁ ପାଇଲି ପଚାରିଲେ। ମୁଁ ସେଠାରେ ମୋର ଅନୁଭବକୁ ବର୍ଣ୍ଣନା କଲି। ତାଙ୍କ ମୁହଁକୁ ଚାହିଁ ମୁଁ ଯାହା ଅନୁଭବ କଲି ସେ ମନେ ମନେ ଖୁବ୍ ଉତ୍ସାହିତ ଥିଲେ ମୋ କଥା ଆଉ ଅନୁଭୂତି ଶୁଣିବା ପାଇଁ। ଏହାରି ଭିତରେ ଆମେ ପହଞ୍ଚି ସାରିଥିଲୁ ଚର୍ଚ୍ଚ ଅଫ୍ ଆୱାର୍ ଲେଡି ଅଫ୍ ରୋଜାରୀ ନିକଟରେ। ଆମେ ଯେତେବେଳେ ଗାଡିରୁ ଓହ୍ଲାଇଲୁ ସେତେବେଳେ ଅପରାହ୍ନ ୪ଟା ପାଖାପାଖି ହୋଇଥିଲା। ଆପଣ ମାନଙ୍କୁ ସୂଚନା ଦେବାକୁ ଚାହିଁ ବି ଯେ ଗୋଆରେ ରହିବା ଆଉ ବୁଲିବା ସମୟରେ ମୋର ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ରହିଥିଲା। ଅର୍ଥାତ୍ ସକାଳ ସମୟରେ ଗୋଆର ବିଭିନ୍ନ ମନ୍ଦିର ବୁଲିବା ଥିଲା ମୋର କାମ ଏବଂ ରାତି ସମୟ କେବଳ ଗୋଆର ନାଇଟ୍ ଲାଇଫ୍‌କୁ ଉପଭୋଗ କରୁଥିଲି। ଯାହା ଖୁବ୍ ରୋମାଞ୍ଚକ। ପରବର୍ତ୍ତୀ ସ୍ତମ୍ଭ ମାନଙ୍କରେ ତାର ସୂଚନା ଆପଣ ମାନଙ୍କୁ ଦେବି। ଏ ସୂଚନା କାହିଁକି ଆପଣମାନଙ୍କୁ ଦେଲି ତା'ର କାରଣ ହେଲା ଆମେ ଲେଡି ଅଫ୍ ରୋଜାରୀରେ ପହଞ୍ଚିବା ବେଳକୁ ଯେହେତୁ ଡେରି ହୋଇ ସାରିଥିଲା ତେଣୁ ମୋ ଗାଡି ଚାଳକ ମୋତେ ସମୟ ସମ୍ପର୍କରେ ସୂଚାଇ ଦେଇଥିଲେ ଏବଂ ସେ ଆମକୁ ସୂଚନା ଦେଲେଯେ, ଏହି ଚର୍ଚ୍ଚଟି ସଂଧ୍ୟା ୫ଟା ୩୦ ସୁଦ୍ଧା ବନ୍ଦ ହୋଇଯିବ। ତେଣୁ ଜଲଦି ଦେଖିଦେଲେ ଭଲ। ମୁଁ ଅବଶ୍ୟ ତାଙ୍କ ତାଗିଦ୍‌କୁ ଗ୍ରହଣ କଲି। କାରଣ ଆମକୁ ସଂଧ୍ୟାରେ ଅନ୍ୟ ସ୍ଥାନକୁ ଯିବାର ଥିଲା। ଏବେ ଆମେ ଚର୍ଚ୍ଚ ଭିତରେ ପ୍ରବେଶ କଲୁ। ଚର୍ଚ୍ଚଟି ବାହାରୁ ବହୁତ ପୁରାତନ ଦେଖାଯାଉଥିଲା। ଏଠାରେ ଆପଣମାନଙ୍କୁ ସୂଚନା ମଧ ଦେବି ଯେ, ଗୋଆରେ ପର୍ତ୍ତୁଗୀଜ ଶାସନ ଇତିହାସରେ ଏହି ଚର୍ଚ୍ଚର ଏକ ପ୍ରମୁଖ ଭୂମିକା ରହିଥିଲା। ଏହି ଚର୍ଚ୍ଚରେ ପ୍ରବେଶ କରିବା ପରେ ଆପଣ ଏକ ଶିଳାଲେଖ ଦେଖିବାକୁ ପାଇବେ। ଯେଉଁଥିରେ ୧୫୧୦ ମସିହାରେ ପର୍ତ୍ତୁଗୀଜ ମାନଙ୍କ ଗୋଆ ଅଧିକାରର ଇତିହାସ ବର୍ଣ୍ଣିତ ହୋଇରହିଛି। ଏହି ସ୍ଥାନରେ ପର୍ତ୍ତୁଗୀଜ ଶାସକ ଆଫୋନ୍ସ ଡି ଅଲ୍ ବକ୍ରିକ୍ୟୁ ପାଇଁ ମନସ୍ଥ କରିଥିଲେ। ସୂଚନା ଅନୁସାରେ ତାଙ୍କ ବିଜୟ ପ୍ରତୀକ ସ୍ୱରୂପ ସେ ଏଠାରେ ଏକ ଚର୍ଚ୍ଚ ପ୍ରତିଷ୍ଠା ପାଇଁ ମନସ୍ଥ କରିଥିଲେ। ସୂଚନା ଅନୁସାରେ ତାଙ୍କ ଜୀବନ କାଳ ମଧରେ କିନ୍ତୁ ଏହି ଚର୍ଚ୍ଚ ନିର୍ମାଣ ହୋଇ ପାରିନଥିଲା। ପ୍ରାୟ ୧୫୪୪ ମସିହା ବେଳକୁ ଏହି ଚର୍ଚ୍ଚର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାଯାଏ। ପ୍ରାୟ ୬ବର୍ଷ ଲାଗିଥିଲା ଏହି ନିର୍ମାଣ କାର୍ଯ୍ୟ ସାରିବା ପାଇଁ। ଏହି ଚର୍ଚ୍ଚ ମଧରେ ପର୍ତ୍ତୁଗୀଜ ଗଭର୍ଣ୍ଣର ଗ୍ରାସିଆ ଡି ସ ଙ୍କର ସମାଧି ପଥର ମଧ ରହିଛି। ତେବେ ଆମେ ଏହି ଚର୍ଚ୍ଚରେ ବୁଲିବା ସମୟରେ ମୋର ଯାହା ଅନୁଭୂତି ହେଲା, ପର୍ତ୍ତୁଗୀଜୀ ନିର୍ମାଣ ଶୈଳୀର ଅନେକ ବିଭଗ ଏହି ଚର୍ଚ୍ଚର ଗୁରୁତ୍ୱକୁ ମନେ ପକାଇ ଦେଇଥିଲା। ଆମେ ଧିରେ ଧିରେ ଚର୍ଚ୍ଚ ଭିତରେ ବୁଲିବା ଭିତରେ ଆମକୁ ଆମ ଗାଡି ଚାଳକ ମନେ ପକାଇ ଦେଲା ଯେ, ଚର୍ଚ୍ଚରୁ ଆମକୁ ବାହାରିବାକୁ ପଡିବ। କାରଣ ଚର୍ଚ୍ଚ ବନ୍ଦ ହେବାର ସମୟ ପାଖେଇ ଆସୁଥିଲା। ତେବେ ଆମେ ଶୀଘ୍ର ଶ୍ରୀ ବୁଲିବା ଆରମ୍ଭ କଲୁ। ପ୍ରକୃତରେ ଏହି ଚର୍ଚ୍ଚ ଭିତରେ ତିନୋଟି ଅଲଟାର (ବେଦୀ) ରହିଛି। ପ୍ରଥମ ବେଦୀ ଆୱାର୍ ଲେଡି ଅଫ୍ ରୋଜାରୀଙ୍କୁ ସମର୍ପିତ। କିନ୍ତୁ ଏଥିରେ ମୁଁ ହିନ୍ଦୁ କଳାକାରୁକାର୍ଯ୍ୟ ସମ୍ୟକ ପ୍ରଭାବ ଦେଖିବାକୁ ପାଇଥିଲି। କାରଣ ଏଥିରେ ବିଭିନ୍ନ ଫୁଲ ଫଳର ଖୋଦିତ ଚିତ୍ର ଦେଖିବାକୁ ପାଇଥିଲୁ। ସେହିପରି ଚର୍ଚ୍ଚରେ ଥିବା ଗୋଟିଏ ଘଣ୍ଟି ମଧ ଖୁବ୍ ଗୁରୁତ୍ୱ ବହନ କରେ। ଏହି ଘଣ୍ଟିଟି ୧୬୧୮ ମସିହାରେ ପିଟର ଡାଏସ୍ ବୋକାରୋଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏଥିରେ ମଧ ଏକ ପୁରାତନ ଲେଖା ରହିଥିବାର ଆମେ ଦେଖିବାକୁ ପାଇଥିଲୁ। ଏତିକି ଭିତରେ ଭିତରେ ଚର୍ଚ୍ଚ ବନ୍ଦ ହେବାର ସମୟ ହୋଇ ସାରିଥିଲା। ଆମେ ତରବରରେ ବାହାରି ଆସିଥିଲୁ। ଅବଶ୍ୟ ଆମେ ଏହି ଚର୍ଚ୍ଚର ପ୍ରାୟ ପ୍ରତ୍ୟେକ ସ୍ଥାନ ସେତିକି ସମୟ ମଧରେ ବୁଲି ସାରିଥିଲୁ। ଆଜି ପାଇଁ ଆମର ଦିନ ବେଳାର ବୁଲିବା ସରି ସାରିଥିଲା। ବାକି ଥିଲା ଗୋଆର ନାଇଟ୍ ଲାଇଫ୍। ଆମେ ବାହାରିଲୁ ପୁରୁଣା ଗୋଆରୁ କିନ୍ତୁ ମୋ ଅନୁରୋଧ କ୍ରମେ ଏହା ସ୍ଥିର ହେଲା ଯେ, ଆମେ ଆମର ଗେଷ୍ଟ ହାଉସ୍‌କୁ ଫେରିବା ବାଟରେ କୌଣସି ଏକ ଦକ୍ଷିଣ ଭାରତୀୟ ରେଷ୍ଟୋରାଁରେ ବରା ଆଉ ଦୋଷା ଖାଇକି ଫେରିବୁ। କାରଣ ବରା ହେଉଛି ମୋର ଅନ୍ୟତମ ପସନ୍ଦର ଜଳଖିଆ। *କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ



## ମ୍ୟାଲେରିଆ ନିରାକରଣ ପାଇଁ ବୁଝାମଣାପତ୍ର




**ଭୁବନେଶ୍ୱର :** ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ମ୍ୟାଲେରିଆ ନିରାକରଣ ପାଇଁ ରାଜ୍ୟ ସରକାର ଦୁଇଟି ସଂସ୍ଥା ସହିତ ହାତ ମିଳାଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆମେରିକୀୟ ସଂସ୍ଥା 'ମ୍ୟାଲେରିଆ ନୋ ମୋର୍' ଏବଂ ଭାରତୀୟ ସଂସ୍ଥା 'ମ୍ୟାଲେରିଆ ନିରାକରଣ ଟ୍ରଷ୍ଟ' ମଧରେ ବୁଝାମଣାପତ୍ର ସ୍ୱାରିତ ହୋଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ରାଜ୍ୟ ସରକାର ମ୍ୟାଲେରିଆ ନିରାକରଣ ଦିଗରେ ସୁଚିନ୍ତିତ ଫଳପ୍ରଦ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ମ୍ୟାଲେରିଆ ପ୍ରକୋପ ଆଶାତିତ ଭାବେ ହ୍ରାସ ପାଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଏଠାରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଦମନ ଯୋଜନାର କାର୍ଯ୍ୟକାରୀ ଫଳରେ ରାଜ୍ୟରୁ ମ୍ୟାଲେରିଆର ପ୍ରକୋପ ୮୪ ପ୍ରତିଶତ ହ୍ରାସ ପାଇଛି। ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏଭଳି ସଫଳତା କେବଳ ଦେଶ ମଧ୍ୟରେ ନୁହେଁ, ବିଦେଶରେ ମଧ ଦୃଷ୍ଟି ଆକର୍ଷଣ କରିଛି। ଖୋଦ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡିଶାର ଏଭଳି କାର୍ଯ୍ୟକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ରାଜ୍ୟ ସରକାର 'ଦମନ' କାର୍ଯ୍ୟକ୍ରମରେ ୧ କୋଟି ୧୩ ଲକ୍ଷ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ବଣ୍ଟନ କରିବା ସହିତ ଲୋକଙ୍କୁ ବିଭିନ୍ନ ଉପାୟରେ ସଚେତନ କରିଛନ୍ତି। ୨୦୧୪ ରେ ରାଜ୍ୟରେ ୩ ଲକ୍ଷ ୯୫ ହଜାର ୪ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବାବେଳେ ୮୯ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୧୫ରେ ୪ ଲକ୍ଷ ୩୬ ହଜାର ୭୯୨ ଜଣ ଆକ୍ରାନ୍ତ ହୋଇଥିବାବେଳେ ୮୦ ଜଣଙ୍କ ମୃତ୍ୟୁ, ୨୦୧୬ରେ ୪ ଲକ୍ଷ ୪୯ ହଜାର ୬୯୭ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୭୭ ଜଣଙ୍କ ମୃତ୍ୟୁ, ୨୦୧୭ରେ ୩ ଲକ୍ଷ ୫୨ ହଜାର ୧୪୦ ଜଣ ଆକ୍ରାନ୍ତ ହୋଇଥିବାବେଳେ ୨୪ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ଚଳିତ ବର୍ଷ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୪୧ ହଜାର ୯୩୭ ଜଣ ଆକ୍ରାନ୍ତ ଏବଂ ୨ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ଏହି ଦୁଇ ସଂସ୍ଥା ସହ ବୁଝାମଣା ରାଜ୍ୟରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବ୍ରଜକିଶୋର ବ୍ରହ୍ମା, ମ୍ୟାଲେରିଆ ନୋ ମୋର ସିଇଓ ମାର୍ଟିନ୍ ଏଡ୍‌ଲୁଣ୍ଡ ଓ ମ୍ୟାଲେରିଆ ଏଲିମିନେସନ୍ ଟ୍ରଷ୍ଟର ଟ୍ରଷ୍ଟି ଡା. କୌଶିକ ସରକାର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ବାଉରୀ ଯୋର ପାଣିରେ ସୋନପୁର ରେଢାଖୋଲ ରାସ୍ତା ବିଚ୍ଛିନ୍ନ



**ସୋନପୁର :** ଗତ ଦୁଇଦିନର ଲଗାଣ ବର୍ଷାରେ ମହାନଦୀ ଓ ତେଲନଦୀର ପାଣି ଫୁଲିଥିବାବେଳେ ଆଜି ସକାଳଠାରୁ ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ବାଉରୀ ଯୋରରେ ପାଣି ବଢି ସୋନପୁର-ରେଢାଖୋଲ ମଧରେ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଉକ୍ତ ଯୋର ଦେଇ ସୋନପୁର-ବଉଦ ଓ ସୋନପୁର-ଆଠମଲ୍ଲିକ ମଧରେ ମଧ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଉକ୍ତ ଯୋରଠାରେ ରାସ୍ତା ଉପରେ ପ୍ରାୟ ୧୦ଫୁଟ ଉଚ୍ଚର ପାଣି ଜମି ରହିଥିବାବେଳେ ଯାତ୍ରୀମାନେ ଏବେ ଦେଶୀ ଡଙ୍ଗା ସାହାଯ୍ୟରେ ରାସ୍ତା ପାରି ହେଉଥିବା ଜଣାଯାଇଛି। ତେବେ ଚାରିଚକିଆ ଯାନଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଜଣାଯାଇଛି। ପରିସ୍ଥିତିର ସୁଯୋଗ ନେଇ ଏଠାରେ ଅନେକ ଡଙ୍ଗା ଚାଳକ ଯାତ୍ରୀଙ୍କଠାରୁ ଚଢା ଦର କଷୁଥିବା ମଧ ଅଭିଯୋଗ ହେଉଛି। ସୂଚନାମତେ ଏଥର ବର୍ଷା ଋତୁରେ ଆଜି ଚତୁର୍ଥଥର ପାଇଁ ଏଠାରେ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ଫେଲ୍ ମାରୁଛି ସ୍ୱଚ୍ଛ ଭାରତ ମିଶନ ଯୋଜନା

**ଖୋରଧା :** ବ୍ଲକ୍‌ରେ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଯୋଗୁଁ ସ୍ୱଚ୍ଛ ଭାରତ ମିଶନର ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରିବା ସମ୍ଭବପର ହୋଇ ପାରୁ ନାହିଁ। ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ବ୍ୟକ୍ତିଗତ ପାଇଖାନା ନିର୍ମାଣ କାର୍ଯ୍ୟକୁ ଉଦ୍ଦେଶ୍ୟ ମୂଳକ ଭାବରେ ଏନ.ଜି.ଓଗୁଡ଼ିକ ହାତରେ ଟେକି ଦିଆଯାଉଥିବାରୁ ନିମ୍ନମାନର ପାଇଖାନା ନିର୍ମାଣ ଓ କେତେକ ସ୍ଥାନରେ ପାଇଖାନା ନ ହୋଇ ମଧ ମିଥ୍ୟା ବିଲ୍ କରାଯାଇ ଟଙ୍କା ହଡ଼ପ କରାଯାଇଥିବା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ ଖୋରଧା ବ୍ଲକ୍‌ର କୌଣସି ଗୋଟିଏ ଗ୍ରାମ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗରୁ ମୁକ୍ତ ବୋଲି ଘୋଷଣା ହୋଇ ନଥିବା ବେଳେ ପାଇଖାନା ନିର୍ମାଣ କରି ମଧ ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ବିଲ୍ ପାଇବାରୁ ନିରାଶ ହେଉଛନ୍ତି ହିତାଧିକାରୀ। ବିଲ୍‌ପାଇବାରେ ବିଳମ୍ବ ହେଉଥିବା ଯୋଗୁଁ କେତେକ ହିତାଧିକାରୀ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଜଣାପଡ଼ିଛି। ଯାହା ଫଳରେ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ଦିଗହରା ହୋଇପଡୁଛି।

## ଏନ୍‌ଟିଏ ଦ୍ୱାରା ପରିଚାଳିତ ହେବ ସବୁ ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର :** ଏଣିକି ରାଜ୍ୟ ଏବଂ ଦେଶରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଭିନ୍ନ ଜାତୀୟସ୍ତରର ପରୀକ୍ଷା ଏବଂ ବିଭିନ୍ନ ପ୍ରବେଶିକା ପରୀକ୍ଷା କେବଳ ଏନ୍‌ଟିଏ (ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ପରିଚାଳିତ ହେବ। ଫଳରେ ପରୀକ୍ଷାରେ ସ୍ୱଚ୍ଛତା ସାଙ୍ଗକୁ ନିର୍ଦ୍ଧାରିତ ସମୟ ମଧରେ ଫଳ ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ତେବେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୨୦୧୯ ମେ' ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ପରୀକ୍ଷା ଏହି ସଂସ୍ଥା ମାଧ୍ୟମରେ କରାଯିବ। ତେବେ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ୟୁଜିସି-ନେଟ୍ ପ୍ରବେଶିକା ପରୀକ୍ଷା ପରିଚାଳନାର ଦାୟିତ୍ୱ ଏନ୍‌ଟିଏକୁ ଦିଆଯାଇଛି। ଏନେଇ ଆବେଦନକାରୀମାନେ ଆସନ୍ତା ସେପ୍ଟେମ୍ବର୧ରୁ ୩୦ତାରିଖ ମଧରେ ନାମ ପଞ୍ଜୀକରଣ କରିବେ। ନଭେମ୍ବର ୧୯ରେ ଆବେଦନକାରୀମାନେ ପରୀକ୍ଷା ଲାଗି ପ୍ରବେଶ ପତ୍ର ଅନ୍‌ଲାଇନ୍ ମାଧ୍ୟମରେ ଡାଉନ୍‌ଲୋଡ କରିବେ। ଡିସେମ୍ବର ୯ରୁ ୨୩ତାରିଖ ମଧରେ ପରୀକ୍ଷା ହେବ। ୨୦୧୯ ଜାନୁଆରୀ ୧୦ତାରିଖରେ ଫଳ ପ୍ରକାଶ ପାଇବ। ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ପରିଚାଳନା କରାଯିବ। ସେହିପରି ଜେଇଇ-ମେନ୍୧ ପ୍ରବେଶିକା ପରୀକ୍ଷା ଲାଗି ସେପ୍ଟେମ୍ବର୧ରୁ ୩୦ତାରିଖ ମଧରେ ନାମ ପଞ୍ଜୀକରଣ କରିବାକୁ ଧାର୍ଯ୍ୟ ହୋଇଛି। ୧୭ଡିସେମ୍ବରରେ ଆବେଦନକାରୀମାନେ ଆଡମିଟ୍‌କାର୍ଡ ଡାଉନ୍‌ଲୋଡ୍ କରିବେ। ୨୦୧୯ ଜାନୁଆରୀ ୬ରୁ ୨୦ତାରିଖ ମଧରେ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯିବ। ଜାନୁଆରୀ ୩୧ରେ ଫଳ ପ୍ରକାଶ ପାଇବ। ଏହି ପରୀକ୍ଷା ମଧ ଅନ୍‌ଲାଇନ୍ ମାଧ୍ୟମରେ କରାଯିବ। ଜେଇଇ ମେନ୍-୨ ପରୀକ୍ଷା ମଧ ଅନ୍‌ଲାଇନ୍ ମାଧ୍ୟମରେ ହେବ। ଏନେଇ ଆବେଦନକାରୀ ୨୦୧୯ ଫେବୃଆରୀ ୮ରୁ ମାର୍ଚ୍ଚ ୭ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ କରିପାରିବେ। ଏପ୍ରିଲ ୬ରୁ ୨୦ତାରିଖ ମଧରେ ପରୀକ୍ଷା ହେବ। ଏହାର ରେଜଲ୍ଟ ଏପ୍ରିଲ୍ ୩୦ରେ ପ୍ରକାଶ ପାଇବ। ଏହାବ୍ୟତୀତ ଅନ୍‌ଲାଇନ୍ ମାଧ୍ୟମରେ ସିଏମ୍ଏଟି ଏବଂ ଜିପିଏଟି ପ୍ରବେଶିକା ପରୀକ୍ଷା ମଧ କରାଯିବ। ଏନେଇ ଆସନ୍ତା ନଭେମ୍ବର୧ରୁ ୩୦ତାରିଖ ମଧରେ ଆବେଦନକାରୀମାନେ ନାମ ପଞ୍ଜୀକରଣ କରିପାରିବେ। ୨୦୧୯ ଜାନୁଆରୀ ୭ରେ ଆବେଦନକାରୀ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ୨୦୧୯ ଜାନୁଆରୀ ୨୮ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଫେବୃଆରୀ ୧୦ରେ ଫଳ ପ୍ରକାଶ ପାଇବ। ଅପରପକ୍ଷେ ୟୁଜିସି-ନେଟ୍ ପ୍ରବେଶିକା ପରୀକ୍ଷା ଲାଗି ଅଫ୍ ଲାଇନ୍ ବ୍ୟବସ୍ଥା ମଧ ଏହି ସଂସ୍ଥା ମାଧ୍ୟମରେ କରାଯିବ। ଏନେଇ ଆସନ୍ତା ନଭେମ୍ବର ୧ରୁ ୩୦ତାରିଖ ମଧରେ ଆବେଦନକାରୀ ନାମ ପଞ୍ଜୀକରଣ କରିବେ। ୨୦୧୯ ଏପ୍ରିଲ ୧୫ରେ ଆଡମିଟ୍ କାର୍ଡ ଆବେଦନକାରୀମାନେ ସଂଗ୍ରହ କରିବେ। ଆସନ୍ତା ମେ' ୫ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଏହାର ରେଜଲ୍ଟ ଜୁନ୍ ୫ରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏହାବ୍ୟତୀତ ବିଭିନ୍ନ ଗ୍ରାମାଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ପିଲାଙ୍କ ସୁବିଧା ଲାଗି ମଧ ଏନ୍‌ଟିଏ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇଦେଇଛି। ଏହି ବ୍ୟବସ୍ଥାରେ ପିଲାଙ୍କ ସୁବିଧା ଲାଗି ଟିପିସିଏସ୍ ବା ଟେଷ୍ଟ୍ ପ୍ରାକ୍ଟିସ୍ ସେଣ୍ଟରସ୍ ଚୟନ କରାଯାଇଛି। ବିଭିନ୍ନ ପରୀକ୍ଷା ପୂର୍ବରୁ ପିଲାମାନେ ଏହି କେନ୍ଦ୍ରରେ ପ୍ରସ୍ତୁତ ହୋଇ ପାରିବେ। ଏନେଇ ୨୬୯୭ ସ୍କୁଲ ଏବଂ ଇଞ୍ଜିନିୟରିଂ କଲେଜରେ କମ୍ପ୍ୟୁଟର ସେଣ୍ଟରକୁ ବ୍ୟବହାର କରାଯିବ। ନିର୍ଦ୍ଧାରଣ ହୋଇଥିବା ଟିପିସିଏସ୍ କେନ୍ଦ୍ରଗୁଡିକରେ ପିଲାମାନେ ପ୍ରତି ଶନିବାର ଓ ରବିବାର ପ୍ରାକ୍ଟିସ୍ କରିପାରିବେ। ଏହି ସୁବିଧା ଆସନ୍ତା ସେପ୍ଟେମ୍ବର ୧ରୁ ଆରମ୍ଭ ହେବ ବୋଲି ଏନ୍‌ଟିଏର ଡିଜି ସୂଚନା ଦେଇଛନ୍ତି।

# ଦୂତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ଏସିଆନ ଗେମ୍ସରେ ଡବଲ ରୌପ୍ୟ ଜିତି ଓଡ଼ିଶା ଫେରିବା ପରେ ଦୂତୀ ଚାନ୍ଦଙ୍କୁ ଭୁବନେଶ୍ୱରରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଦୂତି ୧୦୦ ଏବଂ ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ବିଭିନ୍ନ ସଂଗଠନ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବସେବା ବିଭାଗ, କ୍ରୀଡ଼ାବିତ, ପ୍ରଶାସକ ଏବଂ କିଟ୍ ଓ କିସ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିମାନବନ୍ଦରରେ ତାଙ୍କୁ ଦେଖିବା ଲାଗି ଶହଶହ ସମର୍ଥକ ଉପସ୍ଥିତ ଥିଲେ। ଏତେ ଲୋକଙ୍କୁ ଦେଖି ସେ ଭାବବିହ୍ୱଳ ହୋଇଯାଇଥିଲେ। ସେ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେବା ସହ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ। ବିମାନବନ୍ଦରରୁ ତାଙ୍କୁ ସିଧାସଳଖ ସଚିବାଳୟକୁ ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଘୋଷଣା ଅନୁଯାୟୀ ୩ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସରକାର ଅଲିମ୍ପିକ୍ସ ପ୍ରସ୍ତୁତି ଲାଗି ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଶ୍ରୀ ପଟ୍ଟନାୟକ ଏହି ଅବସରରେ କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଲାଗି ଲକି ବୋଲି ସମ୍ବର୍ଦ୍ଧନା ପରେ ଦୂତୀ କହିଥିଲେ। ଏହି ସମୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, କ୍ରୀଡ଼ା ଏବଂ ଯୁବସେବା ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ସଚିବାଳୟରୁ ଦୂତୀଙ୍କୁ ସିଧା କିଟ୍ ଏବଂ କିସ୍ ପରିସରକୁ ନିଆଯାଇଥିଲା। କିଟ୍ ଛକଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଛାତ୍ରଛାତ୍ରୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ କ୍ୟାମ୍ପସକୁ ପାଛୋଟି ନେଇଥିଲେ। ଛାତ୍ରଛାତ୍ରୀଙ୍କ ସ୍ଲୋଗାନ ଏବଂ ବ୍ୟାଣ୍ଡ ବାଜାରେ କିଟ କ୍ୟାମ୍ପସ୍ ଉଛୁଳି ଉଠିଥିଲା। ସେଠାରେ ତାଙ୍କୁ ୨୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଲିଙ୍ଗରାଜ ଓ ସଚ୍ଚିଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

**ଭୁବନେଶ୍ୱର :** ୫ରୁ ୯ ପର୍ଯ୍ୟନ୍ତ 'ସୃଜନ' ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ'। ଚଳିତବର୍ଷ ନୃତ୍ୟବିଶାରଦ ଗୁରୁ ଲିଙ୍ଗରାଜ ବେହେରା ଓ ନାଟ୍ୟବିତ୍ ଡ. ସଚ୍ଚି ଦାସଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର-୨୦୧୮' ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଛି। ସେମାନଙ୍କୁ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପାଇଁ ୪ ଜଣ ଯୁବ କଳାକାରଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ସେମାନେ ହେଲେ ଓଡ଼ିଶୀ ନୃତ୍ୟରେ ଭୁବନେଶ୍ୱରର ସୋନାଲି ମହାପାତ୍ର, କୋଲକାତାର ସୁବିକାଶ ମୁଖାର୍ଜୀ, ନୂଆଦିଲ୍ଲୀର କଥକଶିଳ୍ପୀ ସ୍ୱାତୀ ସିହ୍ନା, ଓଡ଼ିଶୀ ମର୍ଦ୍ଦଳରେ ମୁମ୍ବାଇର ରୋହନ ସୁରେଶ ଡାହାଲେ। ଏଥିପାଇଁ କଳାକାରଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ 'ସୃଜନ'ର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ପାଞ୍ଚ ଦିନିଆ ଏହି ଉତ୍ସବର ଅନ୍ତିମ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ କରାଯିବ।

## କେନ୍ଦୁଝରଗଡ଼ ପୌରପାଳିକା

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୧୮ ପାଳନ ଅବସରରେ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ଅଧିବାସୀମାନଙ୍କୁ



ପୌରପରିଷଦ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆସନ୍ତୁ ପୌରପାଳିକାର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା। ପୌରପାଳିକାର ସମ୍ପତ୍ତି ଆପଣଙ୍କର ଓ ଏହାର ସୁରକ୍ଷା ଦାୟିତ୍ୱ ଆପଣଙ୍କର।

**ଶ୍ରୀଯୁକ୍ତ ସରୋଜ କୁମାର ସାହୁ**
ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ
ଏବଂ ସମସ୍ତ କାଉନସିଲର ବୃନ୍ଦ
କେନ୍ଦୁଝରଗଡ଼ ପୌରପାଳିକା

**ଶ୍ରୀଯୁକ୍ତ ନିରଞ୍ଜନ ଜେନା** (ଓ.ପ୍ର.ସେ)
ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

## ମା'ର ପଣତ କାନିରେ ଜୀବନ ହାରିଲା ପୁଅ

**ବାଲେଶ୍ୱର :** ପନ୍ଦର ବର୍ଷର ପୁଅ ବେକରେ ନିଜ ମାଆ ଶାଢ଼ୀରେ ଫାଶି ଲଗାଇଛି। କିନ୍ତୁ ପାଠ ପଢ଼ିବାକୁ ଇଚ୍ଛା ଥିଲା। ନିଜ ହାତରେ ଲେଖିଛି ମୋ ପାଇଁ ଚିନ୍ତା କରିବ ନାହିଁ। ମାଆର ପଣତ କାନିରେ ଝୁଲି ଆତ୍ମହତ୍ୟା କରିବା କଥା ନୀଳଗିରି ଉପଖଣ୍ଡ ବରହମ୍ପୁର ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଛି। ଏଭଳି ଅଭାବନୀୟ ଘଟଣା ନୀଳଗିରି ଉପଖଣ୍ଡ ବରହମ୍ପୁର ଥାନା ଇଶାନେଣ୍ଡି ଗାଁରେ ଘଟିଛି। ଏହି ଗାଁର ରସାନନ୍ଦ ମଲ୍ଲିକଙ୍କ ଦୁଇ ଝିଅ ଆଉ ଏକମାତ୍ର ପନ୍ଦରବର୍ଷର ପୁଅ। ବହୁ କଷ୍ଟରେ ଗୋଟିଏ ଝିଅ ବାହା ଦେଇଥିଲା ବେଳେ ଶ୍ରୀ ମଲ୍ଲିକ ଦୀର୍ଘଦିନଧରି ପାରାଲିସିସ୍ ରୋଗରେ ଆକ୍ରାନ୍ତ ଅଛନ୍ତି। ସ୍ତ୍ରୀ ଚାଷବାସ କରି ବହୁ କଷ୍ଟରେ ପରିବାର ପୋଷଣ କରୁଥିବାବେଳେ ତାଙ୍କ ପରିବାରରେ ଦୁଃଖଦ ଘଟଣା ଘଟିଛି। ପୁଅ ତାପସ ଦଶମ ଶ୍ରେଣୀରେ ପଢୁଥିବାବେଳେ ତାକୁ ବହୁ ସମୟ ଧରି ପାଇ ନଥିଲେ। ବହୁତ ଖୋଜାଖୋଜି ପରେ ଘର ପଛପଟେ ନିଜ ମା'ର ଶାଢ଼ୀରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାପସକୁ ବରହମ୍ପୁର ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ପରେ ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ବିଜେଡିରେ ଯୋଗଦେଲେ ପୂର୍ବତନ ପ୍ରିନ୍ସପାଲ୍ ଏଜି ଅମର ପଟ୍ଟନାୟକ



**ଭୁବନେଶ୍ୱର :** ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କୁ ପୂର୍ବତନ ପ୍ରିନ୍ସପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ ଅମର ପଟ୍ଟନାୟକ ନବୀନ ନିବାସରେ ସାକ୍ଷାତ କରି ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବାରୁ ମାନ୍ୟବର ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ଅମର ପଟ୍ଟନାୟକଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ ଅମର ଚାକିରରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜୁ ଜନତା ଦଳରେ ଯୋଗ ଦେଇଥିବାରୁ ତାଙ୍କୁ ଧନ୍ୟବାଦ। ସେ ବହୁ ରାଜ୍ୟରେ କାର୍ଯ୍ୟ କରିଛନ୍ତି ଓ ତାଙ୍କର ବିପୁଳ ପ୍ରଶାସନିକ ଅନୁଭୂତି ରହିଛି। ସେ ଆମ ଦଳରେ ଯୋଗ ଦେଇଥିବାରୁ ବିଜେଡିର ଶକ୍ତି ବୃଦ୍ଧି ହେବ, ଏଥିରେ ସନ୍ଦେହ ନାହିଁ। ଅମର ଆମ ଦଳର ଆଇଟି ସେଲ୍ ମୁଖ୍ୟ ହୋଇ କାର୍ଯ୍ୟ କରିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଅମର ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଓ ଦକ୍ଷ ନେତୃତ୍ୱ ଉପରେ ମୋର ବିଶ୍ୱାସ, ଆସ୍ଥା ଓ ପ୍ରତିବଦ୍ଧତାର ପ୍ରମାଣ ହେଉଛି ବିଜେଡିର ମୋର ଯୋଗଦାନ। ମୁଁ ରାଜ୍ୟରେ ଯେତେବେଳେ ପ୍ରିନ୍ସପାଲ୍ ଏଜି ଥିଲି, ସେତେବେଳେ ତାଙ୍କର ପ୍ରଶଂସା କରୁଥିଲି ଓ ସର୍ବଦା ତ୍ୱରିତ୍ ପଦକ୍ଷେପ ନେବାରେ ତାଙ୍କର ଭୂମିକା ପ୍ରଶଂସନୀୟ ବୋଲି ମୁଁ ଖୋଲାଖୋଲି ସ୍ୱୀକାର କରିଛି। ଓଡ଼ିଶାକୁ ଯଦି କେହି ନମ୍ବର-୧ରେ ପହଞ୍ଚାଇପାରିବ, ତାହା ହେଲା ନବୀନ ପଟ୍ଟନାୟକଙ୍କ ନେତୃତ୍ୱ। ମୁଁ ଏପରି ଆଉ ଜଣେ ମୁଖ୍ୟମନ୍ତ୍ରୀ ଦେଖିନାହିଁ, ଯିଏ ଶ୍ରୀ ପଟ୍ଟନାୟକଙ୍କ ଭଳି ମୁକ୍ତହସ୍ତ ଏବଂ ଜନସାଧାରଣଙ୍କ ସେବା ପାଇଁ ସର୍ବଦା ଚିନ୍ତା କରନ୍ତି। ରାଜ୍ୟର ବିକାଶ ଅତି ସ୍ୱଚ୍ଛତାର ସହ ସେ କରିଆସିଛନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସହିତ ମୋର ଦୀର୍ଘଦିନର ସଂପର୍କ ରହିଥିଲା ଓ ଏହା ମୋତେ ଆଜୀବନ ଉତ୍ସାହିତ କରିଆସିଛି। ଏବେ ଓଡ଼ିଶାବାସୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ମୁଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବି। ନବୀନ ନିବାସ ଠାରେ ଅନୁଷ୍ଠିତ ଏହି ଯୋଗଦାନ ଅବସରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଶଶୀଭୂଷଣ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ଦଳର ସାଧାରଣ ସଂପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖପାତ୍ର ଡ. ସସ୍ମିତ ପାତ୍ରଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ପୌର ପରିଷଦ

### ସୁବର୍ଣ୍ଣପୁର

ସ୍ୱାୟତ୍ତ ଶାସନ ଦିବସ - ୨୦୧୮ ଉପଲକ୍ଷେ ସୁବର୍ଣ୍ଣପୁର ପୌରାଞ୍ଚଳର ସମସ୍ତ ନାଗରିକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ପୌର ପରିଷଦର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟରେ ଆପଣମାନଙ୍କ ସହଯୋଗ କାମନା କରୁଛୁ। ଏହି ଅବସରରେ ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ଠାରେ ଆପଣମାନଙ୍କ ସୁଖ ସମୃଦ୍ଧି କାମନା କରୁଛୁ।



**ଶ୍ରୀମତୀ ସିମନ୍ତିନୀ ନାଏକ**, ଅଧ୍ୟକ୍ଷା
ଓ କାଉନସିଲର ବୃନ୍ଦ
ପୌର ପରିଷଦ, ସୁବର୍ଣ୍ଣପୁର



**ଶ୍ରୀଯୁକ୍ତ ଅଶୋକ କୁମାର ମିଶ୍ର**
ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁବର୍ଣ୍ଣପୁର

### ଭୁଲିଆ ପରିବାର ପକ୍ଷରୁ ନୂଆଦିଲ୍ଲୀରେ ସ୍ୱଭାବକବିଙ୍କ ଜୟନ୍ତୀ

## 'ୱାର୍ଡସୱାର୍ଥଙ୍କ ସମକକ୍ଷ ଥିଲେ ଗଙ୍ଗାଧର'





**ନୂଆଦିଲ୍ଲୀ :** ନୂଆଦିଲ୍ଲୀର ଭୁଲିଆ ପରିବାର ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଦିନ ଊନବିଂଶ ଶତାବ୍ଦୀର ଯଶସ୍ୱୀ କବି ଗଙ୍ଗାଧର ମେହେରଙ୍କ ୧୫୬ତମ ଜୟନ୍ତୀ ସିଆର ପାର୍କ ପରିସରରେ ଥିବା କାଳୀ ମନ୍ଦିରରେ ପାଳିତ ହୋଇଯାଇଛି। କବିଙ୍କ ଜନ୍ମମାଟିରୁ ଯାଇ ନୂଆଦିଲ୍ଲୀରେ ଅବସ୍ଥାନ କରୁଥିବା ତାଙ୍କ ପରିବାରର ସଦସ୍ୟମାନେ ସ୍ୱଭାବକବିଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ କାବ୍ୟ କବିତାର ବିଭିନ୍ନ ଦିଗ ସମ୍ପର୍କରେ ବର୍ତ୍ତମାନ ପିଢ଼ିକୁ ସୂଚାଇ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ଏମ୍ସର ଉପନିର୍ଦ୍ଦେଶକ ସୁଶୀଳ ମେହେର, ସୁପ୍ରିମ୍‌କୋର୍ଟର ଆଡଭୋକେଟ୍ ପ୍ରଭାକର ମେହେର, ବିନୋଦ ମେହେର, କେନ୍ଦ୍ର ମାନବ ସମ୍ବଳ ବିଭାଗର ମୁଖ୍ୟ ସୂଚନାଦାତା ମନୋରଞ୍ଜନ ମେହେର, ଅର୍ଥ ବିଶାରଦ ନିର୍ମଳ ମେହେର, ବିନୋଦ ମେହେର ପ୍ରମୁଖ କବିଙ୍କ ଗୁଣଗାନ କରିବା ସହିତ ଗଙ୍ଗାଧରଙ୍କୁ ଭୁଲିଆ ଜାତିର ଗର୍ବ ଓ ଗୌରବ କହିଥିଲେ। ଆଲୋଚନାରେ ସୁନୀଲ ମେହେର ସ୍ୱଭାବକବିଙ୍କୁ ଇଂରାଜୀ କବି ୱାର୍ଡସୱାର୍ଥଙ୍କ ସହିତ ତୁଳନା କରିଥିଲେ। ଏଥିରେ ଟାଇମ୍ସ ଅଫ୍ ଇଣ୍ଡିଆର ସାମ୍ବାଦିକ କ୍ଷମାସାଗର ମେହେର ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟରେ ଥିବା ଭାବ, ବିଭବ ଓ ଆଦର୍ଶଗତ ଦିଗ ବିଷୟରେ ଆଲୋକପାତ କରିଥିଲେ। ସ୍ୱାତୀ ମେହେର ଓ ସୋନୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଉପସ୍ଥିତ ମହିଳାମାନେ ଗଙ୍ଗାଧରଙ୍କ ସଙ୍ଗୀତ ଗାନ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ବନ୍ଧୁତ୍ୱପୂର୍ଣ୍ଣ କବାଡି ପ୍ରତିଯୋଗିତା



**ବରଗଡ଼ :** ବିକାଶ ଆବାସିକ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ବର୍ଣ୍ଣାଢ଼୍ୟ ସଭାରେ ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଓ ଡାଇରେକ୍ଟର (ଏଡ୍‌ମିନିଷ୍ଟ୍ରେସନ) ଡି.ନାଗେଶ୍ୱର ରାଓ ମେଜର୍ ଧ୍ୟାନ୍‌ଚାନ୍ଦ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଛାତ୍ରଛାତ୍ରୀମାନଙ୍କ ଜୀବନରେ କ୍ରୀଡ଼ାର ମହତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ାରେ ଏକ ଲକ୍ଷ୍ୟ ରଖି ଅନବରତ ପ୍ରୟାସ ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ। ଗତବର୍ଷ ତଥା ଚଳିତ ବର୍ଷର ଅନୁଷ୍ଠାନର ବିଭିନ୍ନ କ୍ରୀଡ଼ାରେ ଯଥା - ଏଥିଲେଟିକ୍, ଖୋଖୋ, ଫୁଟ୍‌ବଲ୍, କ୍ରିକେଟ୍, ଭଲିବଲ୍, ବ୍ୟାଡ୍‌ମିଣ୍ଟନ୍, ଜୁଡ଼ୋ, କବାଡି, ବାସ୍କେଟ୍‌ବଲ୍, ସନ୍ତରଣ ପ୍ରଭୃତି ରେ ସମସ୍ତ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କଦ୍ୱାରା ପ୍ରଦର୍ଶୀତ ଉପଲବ୍ଧିଗୁଡ଼ିକୁ ପାଠ କରାଯାଇ ଆଗାମୀ ସମୟରେ ଛାତ୍ରଛାତ୍ରୀମାନେ କ୍ରୀଡ଼ାକ୍ଷେତ୍ରରେ ଆହୁରି ଉନ୍ନତି କରିବା ପାଇଁ ଉଦ୍‌ବୋଧନ ଦିଆଯାଇଥିଲା। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତରଞ୍ଜନ ପତି, ଉପାଧ୍ୟକ୍ଷ (ସେକେଣ୍ଡାରୀ) ମନୋରଞ୍ଜନ ପତି ପ୍ରମୁଖ ଯୋଗଦେଇ ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ। ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଅପରାହ୍ନରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡାରୀ) ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର କ୍ରୀଡ଼ା ସଂଯୋଜକ ପିତାମ୍ବର ପ୍ରଧାନ ତଥା ବିଭାଗର କ୍ରୀଡ଼ା ପ୍ରଶିକ୍ଷକ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ସଭାର ସମସ୍ତ ଆୟୋଜନ ସୂଚାରୁରୂପେ ତୁଲାଇଥିଲେ।

PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza :
Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି